ବର୍ଷ-୨୪, ସଂଖ୍ୟା-୨୫୨
ଭୁବନେଶ୍ୱର
୧୨ ଅକ୍ଟୋବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 252
Bhubaneswar
12 October, 2024 Saturday
Page-08, Rs.: 2.00

# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

**ଛୁଟି ଘୋଷଣା**

ଶାରଦୀୟ ଦୁର୍ଗାପୂଜା ଓ ଦଶହରା ଅବସରରେ ଦୈନିକ 'ମହାଭାରତ'ର କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ଆସନ୍ତା ୧୬ ତାରିଖରେ ପ୍ରକାଶ ପାଇବ।

- ପରିଚାଳକ





ପୂଜା ପାଉଛନ୍ତି ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି। (ଫଟୋ-ଅଭିମନ୍ୟୁ)

## ବାଂଲାଦେଶରେ କାଳୀ ମନ୍ଦିରରୁ ସୁନା ମୁକୁଟ ଚୋରି

ଢାକା,୧୧।୧୦(ମହାଭାରତ): ବାଂଲାଦେଶରେ କାଳୀ ମନ୍ଦିରରୁ ମା'ଙ୍କ ମୁକୁଟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରୁପା ଏବଂ ସୁନାରେ ନିର୍ମିତ ଏହି ମୁକୁଟକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାନ କରିଥିଲେ।ଚୋରି ଘଟଣା ପ୍ରସାରିତ ହେବା ପରେ ଭାରତ ସରକାର ତଦନ୍ତ ପାଇଁ ଅନୁରୋଧ କରିଛନ୍ତି।

ସୂଚନା ଅନୁସାରେ, ଯିଶୋରେଶ୍ୱରୀ କାଳୀ ମନ୍ଦିର ବାଂଲାଦେଶର ସତଖିରାରେ ଅବସ୍ଥିତ। ୨୦୨୧ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଂଲାଦେଶ ଗସ୍ତ କରି ଥିବାବେଳେ ମାଙ୍କୁ ରୁପା ଏବଂ ସୁନାର ଋଦରରେ ନିର୍ମିତ ମୁକୁଟ ଦାନ କରିଥିଲେ। ଗତକାଲି ଅପରାହ୍ଣରେ ପୂଜକ ପୂଜା ସାରି ଯିବା ପରେ ଏହି ମୁକୁଟ ଚୋରି ହୋଇଯାଇଛି।

ବାଂଲାଦେଶୀ ଗଣମାଧ୍ୟମ ଦି ଡେଲି ଷ୍ଟାରରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ମାଙ୍କ ମୁକୁଟ ଚୋରି ହୋଇଥିବା ଦେଖି ସଫେଇ କର୍ମଚାରୀ ପୁଲିସକୁ ଜଣାଇଥିଲେ। ଏହା ପରେ ମନ୍ଦିର ପୁରୋହିତ ଚୋରି ହୋଇଥିବା ନେଇ ସ୍ପଷ୍ଟ କରିଥିଲେ। ମାଙ୍କ ମୁକୁଟ ଚୋରି ହୋଇଥିବା ନେଇ ଖବର ପ୍ରାକଶ ପାଇବା ପରେ ଭାରତ ସରକାରଙ୍କ ପକ୍ଷରୁ ଏନେଇ ଉଦବେଗ ପ୍ରକାଶ ପାଇଛି।

# ପୂଜା ମଣ୍ଡପ ବୁଲିଲେ ମୁଖ୍ୟମନ୍ତ୍ରୀ

## ଭଡ଼ା ଛାଡ଼ ଘୋଷଣା କଲେ



ଭୁବନେଶ୍ୱର,୧୧।୧୦(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସହଧର୍ମିଣୀ ଡା. ପ୍ରିୟଙ୍କା ମାରାଣ୍ଡି ମଧ୍ୟ ଉପସ୍ଥିତ ଥିଲେ। ପୂଜା ମଣ୍ଡପ ବୁଲିବା ପାଇଁ ଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଜି ସକାଳେ ପୂଜା ମଣ୍ଡପ ଗୁଡ଼ିକ ପାଇଁ ଧାର୍ଯ୍ୟ ହୋଇଥିବା ସରକାରୀ ଦେୟ ଛାଡ଼ ଘୋଷଣା କରିଥିଲେ। ଫଳରେ ଆଉ ପୂଜା ମଣ୍ଡପ ତଥା ଷ୍ଟାଣ୍ଡ ନିମନ୍ତେ କମିଟିକୁ ଆଉ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ।

ମୁଖ୍ୟମନ୍ତ୍ରୀ ପ୍ରଥମେ ପୁରୁଣା ଭୁବନେଶ୍ୱରସ୍ଥିତ ପାଟଣା ସାହି ପୂଜାମଣ୍ଡପକୁ ଯାଇଥିଲେ। ଏହି ମଣ୍ଡପରେ ଚଳିତ ବର୍ଷ ୭୫ତମ ଶାରଦୀୟ ଦୁର୍ଗାପୂଜାର ଆୟୋଜନ କରାଯାଇଛି। ସେଠାରେ ସେ ମା'ଙ୍କ ଆର୍ଶିବାଦ ନେବା ସହ ରାଜ୍ୟବାସୀଙ୍କ ଶୁଭ ମନାସିଛନ୍ତି। ସେଠାରେ ପହଞ୍ଚି ମାଆଙ୍କର ଆଳତି କରିଛନ୍ତି। ସେଠାରେ ମାଆଙ୍କୁ ଦର୍ଶନ କରି ଆଶୀର୍ବାଦ ନେବା ସହ ଲୋକଙ୍କ ସହ ଆଲୋଚନା କରିଛନ୍ତି। ପାଟଣା ସାହି ପୂଜାମଣ୍ଡପରେ ସେଠାକାର ବିଶେଷାଙ୍କ ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ପରେ ମୁଖ୍ୟମନ୍ତ୍ରୀ ସୁନ୍ଦରପଦା, ବରମୁଣ୍ଡା, ନୟାପଲ୍ଲୀ, ସହିଦନଗର, ରସୁଲଗଡ଼, ବମିଖାଲ, ଷ୍ଟେସନ୍ ବଜାର ଏବଂ ଲକ୍ଷ୍ମୀସାଗର (କଟକ ରୋଡ଼) ପୂଜାମଣ୍ଡପ ବୁଲି ଦେଖିବା ସହ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ମାଙ୍କ ନିକଟରେ ପ୍ରାର୍ଥନ କରିଥିଲେ। ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଜଗଜ୍ଜନନୀ ମାଦୁର୍ଗାଙ୍କ ଆଗମନରେ ଧରଣୀ ଉତ୍ସବମୁଖର ହୋଇଉଠିଛି। ଭୁବନେଶ୍ୱରର ବିଭିନ୍ନ ମଣ୍ଡପରେ ମହାସମାରୋହରେ ତଥା ଆକର୍ଷଣୀୟ ଭାବେ ମାଙ୍କ ପୂଜା ଅନୁଷ୍ଠିତ ହେଉଛି। ଆଜି ଅଷ୍ଟମୀ ତିଥିରେ ମାଙ୍କ ଦର୍ଶନ କରି ମୁଁ ନିଜକୁ ଧନ୍ୟ ମନେ କରୁଛି। ମା'ଙ୍କ ନିକଟରେ ଓଡ଼ିଶାର ସାଢ଼େ ଋରି କୋଟି ଲୋକଙ୍କ ସୁଖ, ଶାନ୍ତି, ସମୃଦ୍ଧି ସହ ରାଜ୍ୟର ବିକାଶ ପାଇଁ ପ୍ରାର୍ଥନା କରିଛି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମା' ଦୁର୍ଗା ସମସ୍ତଙ୍କୁ ଆର୍ଶୀବାଦ ଦିଅନ୍ତୁ ବୋଲି ସେ କହିଥିଲେ। ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମଝି ଆକାଶରେ ଖରାପ ହେଲା ବିମାନ



ଚେନ୍ନାଇ,୧୧।୧୦(ମହାଭାରତ): ଏକ ବଡ଼ଧରଣର ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ୧୪୧ ବିମାନ ଯାତ୍ରୀ। ମଝି ଆକାଶରେ ସାଂଘାତିକ ତ୍ରୁଟି ପରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏୟାର ଇଣ୍ଡିଆ ଏକ୍ସପ୍ରେସ ହାଇଡ୍ରୋଲିକ ତ୍ରୁଟି ଯୋଗୁ ଦୀର୍ଘ ୨ ଘଣ୍ଟା କଳା ୧୪୦ଙ୍କୁ ଧରି ମଝି ଆକାଶରେ ବିମାନଟି ଚକର ମାରିଥିଲା।ଏହାପରେ ସନ୍ଧ୍ୟା ୮.୧୪ରେ ପାଇଲଟ ବେଶ ଚମତ୍କାର ଢଙ୍ଗରେ ବିମାନକୁ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରାଇବାରେ ସକ୍ଷମ ହୋଇଛନ୍ତି।

ପୂର୍ବରୁ ହାଇଡ୍ରୋଲିକ ତ୍ରୁଟି ଯୋଗୁ ଲ୍ୟାଣ୍ଡିଂ ଗିୟରରେ ସମସ୍ୟା ଦେଖାଯିବାର ଆଶଙ୍କା ଥିଲା। କିନ୍ତୁ ସୌଭାଗ୍ୟ ବଶତଃ ବିମାନଟି ଲ୍ୟାଣ୍ଡିଂ କରିବା ବେଳେ ଗିୟର ମାକ କରିଥିଲା। ଏଥିଯୋଗୁ ପାଇଲଟ ସୁରକ୍ଷିତ ଭାବେ ବିମାନକୁ ଜରୁରୀ ଅବତରଣ କରାଇବାରେ ସକ୍ଷମ

### ସୁରକ୍ଷିତ ଅବତରଣ ପରେ ୧୪୧ ଯାତ୍ରୀ ଆଶ୍ୱସ୍ତି

ହୋଇଛନ୍ତି। ବିମାନରେ ଥିବା ସମସ୍ତ ୧୪୦ ଜଣ ଯାତ୍ରୀ ସୁରକ୍ଷିତ ରହିଛନ୍ତି ଓ ସେମାନେ କରତାଳି ଦେଇ ପାଇଲଟଙ୍କୁ ସାଧୁବାଦ ଜଣାଇଛନ୍ତି।

ଆଜି ସନ୍ଧ୍ୟା ୫.୪୩ରେ ଏୟାର ଇଣ୍ଡିଆ ଏକ୍ସପ୍ରେସର ଏଏକ୍ସବି୬୧୩ ବିମାନ ତାମିଲନାଡୁର ତ୍ରିଚି ଏୟାରପୋର୍ଟରୁ ଶାରଜା ଅଭିମୁଖେ ଉଡ୍ଡାଣ ଭରିଥିଲା।ବିମାନରେ ୧୪୦ ଜଣ ଯାତ୍ରୀ ଥିଲେ। ବିମାନଟି ମଝି ଆକାଶରେ ଥିବା ବେଳେ ଘଟିଥିଲା ଅଘଟଣ। ବିମାନର ହାଇଡ୍ରୋଲିକ ତ୍ରୁଟି ହୋଇଥିବା ପାଇଲଟ ଜାଣିବାକୁ ପାଇଥିଲେ। ଲ୍ୟାଣ୍ଡିଂ ଗିୟର, ବ୍ରେକ ଓ ଫ୍ଲାପ୍ସ ଆଦି ହାଇଡ୍ରୋଲିକ ତ୍ରୁଟି ଯୋଗୁ କାମ କରିବା ବନ୍ଦ କରିଦେଇଥାଏ। ଏନେଇ ସେ ତୁରନ୍ତ ତ୍ରିଚି ଏୟାର ଷ୍ଟେସନକୁ ଖବର ଦେଇଥିଲେ।

ନିୟମ ଅନୁସାରେ, ପାଇଲଟ ଜରୁରୀ ଅବତରଣ ପାଇଁ ଅନୁମତି ମାଗିଥିଲେ। କିନ୍ତୁ ଏମର୍ଜେନ୍ସି ଲ୍ୟାଣ୍ଡିଂ ପୂର୍ବରୁ ବିମାନରେ ଥିବା ତେଲକୁ ପାଇଲଟ ଖାଲି କରିବାକୁ ଋହିଁଥିଲେ। ଲ୍ୟାଣ୍ଡିଂ ଗିୟର କାମ କରୁ ନଥିବାରୁ ସେ ବେଲି ଲ୍ୟାଣ୍ଡିଂ ବା ବିମାନର ପେଟ ଜରିଆରେ ଲ୍ୟାଣ୍ଡ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପୂର୍ବରୁ ସେ ବିମାନରୁ ତେଲ ଖାଲି କରିବା ପାଇଁ ପ୍ରାୟ ୨ ଘଣ୍ଟା କାଳ ତ୍ରିଚି ଆକାଶରେ ଲୋକଙ୍କୁ ଧରି ଚକର ମାରିଥିଲେ।

ଏସବୁ ଭିତରେ ଏୟାରପୋର୍ଟରେ ଜରୁରୀ ସ୍ଥିତିର ମୁକାବିଲା ପାଇଁ ୨୦ଟି ଆମ୍ବୁଲାନ୍ସ ଓ ଏକାଧିକ ଅଗ୍ନିଶମ ଗାଡ଼ି ପହଞ୍ଚି ଯାଇଥିଲା। ବରିଷ୍ଠ ଅଧିକାରୀଙ୍କ ଠାରୁ ସୁରକ୍ଷାକର୍ମୀ ତ୍ରିଚିପାଲ୍ଲି ଏୟାରପୋର୍ଟକୁ କର୍ଡନ କରିଥିଲେ। ସମସ୍ତେ ଆଶା ଓ ଆଶଙ୍କା ମଧ୍ୟରେ ରହିଥିଲେ। କିନ୍ତୁ ପାଇଲଟ ନିଜ ଉପସ୍ଥିତ ବୁଦ୍ଧି ଖଟାଇ ଠିକ ସନ୍ଧ୍ୟା ୮.୧୪ରେ ବିମାନର ଲ୍ୟାଣ୍ଡିଂ ପ୍ରକ୍ରିୟା ଆରମ୍ଭ କରିଥିଲେ।ହାଇଡ୍ରୋଲିକ ତ୍ରୁଟି ସତ୍ତ୍ୱେ ଲ୍ୟାଣ୍ଡବେଳେ ଗିୟର କାମ କରିଥିଲା। ବ୍ରେକ ମଧ୍ୟ ସ୍ୱାଭାବିକ ଭାବେ କାର୍ଯ୍ୟ କରିଥିଲା। ତେଣୁ ସେ ବିମାନକୁ ସ୍ୱାଭାବିକ ଢଙ୍ଗରେ ନିରାପଦ ଅବତରଣ କରାଇବାରେ ସକ୍ଷମ ହୋଇଛନ୍ତି।ଏବେ ତ୍ରୁଟିକୁ ଯାଞ୍ଚ କରାଯିବା ସହ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବିମାନରୁ ବାହାର କରାଯାଇଛି। ସୁରକ୍ଷିତ ଲ୍ୟାଣ୍ଡିଂ ପାଇଁ ବିମାନର ପାଇଲଟ ଓ କ୍ରୁ ସଦସ୍ୟଙ୍କୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛନ୍ତି।

## ନିହୋନ୍‌ଙ୍କୁ ନୋବେଲ ଶାନ୍ତି

ୱାଶିଂଟନ,୧୧।୧୦(ମହାଭାରତ): ଶାନ୍ତି ପାଇଁ ବିଶ୍ୱର ସମ୍ମାନସ୍ପଦ ପୁରସ୍କାର ନୋବେଲ ଘୋଷଣା ହୋଇଛି। ଜାପାନର ସଂଗଠନ ନିହୋନ୍ ହିଡାନକିଓକୁ ମିଳବ ଚଳିତ ବର୍ଷର ଏହି ଶ୍ରେଷ୍ଠ ସମ୍ମାନ ପରମାଣୁ ଅସ୍ତ୍ର ବିରୋଧରେ ଅଭିଯାନ ପାଇଁ ଏହି ସଂଗଠନକୁ ନୋବେଲ ଶାନ୍ତି ପୁରସ୍କାର ଦିଆଯିବ। ଏନେଇ ଆଜି ନୋବେଲ ଆସେମ୍ବଲିରେ ଘୋଷଣା କରାଯାଇଛି। ନରୱେ ନୋବେଲ କମିଟି ଚଳିତ ବର୍ଷର ନୋବେଲ ଶାନ୍ତି



ପୁରସ୍କାର ପାଇଁ ମୋଟ ୨୮୬ ଜଣ ପ୍ରାର୍ଥୀଙ୍କ ଆବେଦନ ଗ୍ରହଣ କରିଥିଲା। ସେମାନଙ୍କ ମଧ୍ୟରୁ ଜାପାନର ନିହୋନ୍ ହିଡାନକିଓ ସଂଗଠନ ଉପରେ ମୋହର ବାଜିଛି। ଗତ ବର୍ଷ ଅର୍ଥାତ ୨୦୨୩ରେ ଇରାନର ସାମ୍ବାଦିକ ତଥା ମାନବାଧିକାର କର୍ମୀ ନର୍ଗିସ୍ ମହମ୍ମଦ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ।ତେବେ ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ଜାପାନର ହିରୋସିଆ ଓ ନାଗାସାକି ଉପରେ ପରମାଣୁ ବୋମା ପକାଇଥିଲା। ଏହି ଆକ୍ରମଣରେ ଜାପାନର ପ୍ରାୟ ୨ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଇ ଥିବାବେଳେ କୋଟି କୋଟି ଟଙ୍କାର ଧନ-ସମ୍ପତ୍ତି ନଷ୍ଟ ହୋଇଥିଲା।କିନ୍ତୁ ଜାପାନ ଆମେରିକା ଉପରେ ପ୍ରତିଶୋଧ ନ ନେଇ କିପରି ପରମାଣୁ ଅସ୍ତ୍ରର ବ୍ୟବହାରକୁ ରୋକାଯିବ ସେ ଉପରେ କାର୍ଯ୍ୟ କରିଥିଲା। ଏଥିରେ ନିହୋନ୍ ହିଡାନକିଓ ସଂଗଠନ ମୁଖ୍ୟ ଭୂମିକା ନିଭାଇଥିଲା।

# ବଡ଼ଧରଣର ଟ୍ରେନ୍ ଦୁର୍ଘଟଣା



ଚେନ୍ନାଇ,୧୧।୧୦(ମହାଭାରତ): ପୁଣି ଏକ ଭୟଙ୍କର ଟ୍ରେନ ଦୁର୍ଘଟଣା ତାମିଲନାଡୁର ଚେନ୍ନାଇ ନିକଟ କବରପେଟ୍ଟାଇ ରେଳ ଷ୍ଟେସନ ନିକଟରେ ଘଟିଛି ବଡ଼ ଅଘଟଣ ମହୀଶୂରରୁ ବିହାରର ଦରଭଙ୍ଗା ଯାଉଥିବା ଭାଗମତି ଏକ୍ସପ୍ରେସ ଟ୍ରେନ ଗୋଟିଏ ମାଲବାହୀ ଗାଡ଼ିକୁ ଧକ୍କା ଦେଇଛି।

ଦୁର୍ଘଟଣା ଏତେ ଭୟଙ୍କର ହୋଇଛି ଯେ ଦୁଇଟି ଯାତ୍ରିବାହୀ ବଗି ସଂପୂର୍ଣ୍ଣ ଜଳି ଯାଇଛି। ଏକ୍ସପ୍ରେସ ଟ୍ରେନର ପାର୍ସଲ ଭ୍ୟାନ ମଧ୍ୟ ଜଳି ଯାଇଛି। ସେହିପରି ୧୨ଟି ବଗି ଲାଇନଚ୍ୟୁତ ହୋଇଛି। ମାଲବାହୀ ଟ୍ରେନ ଟ୍ରାକରେ ଛିଡ଼ା ହୋଇଥିବା ବେଳେ ଏକ୍ସପ୍ରେସ ଟ୍ରେନ ଏହାକୁ ଧକ୍କା ଦେଇଛି। କ୍ଷୟକ୍ଷତି ସମ୍ପର୍କରେ ଏଯାଏ ଜଣାପଡ଼ିନାହିଁ କେବଳ ୧୦ ଜଣ ଲୋକଙ୍କୁ ଟ୍ରେନରୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାଟି ୮.୫୦ରେ ଘଟିଥିବା ବେଳେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି ଉଦ୍ଧାରକାରୀ ଦଳ ସହ ସ୍ଥାନୀୟ ଲୋକ ମିଳିତ ଭାବେ କ୍ଷତିଗ୍ରସ୍ତ ବଗିରୁ ଲୋକଙ୍କୁ ବାହାର କରିବା କାମରେ ଲାଗିପଡ଼ିଛନ୍ତି । ପ୍ରାଥମିକ ରିପୋର୍ଟ ଅନୁସାରେ, କବରପେଟ୍ଟାଇ ଷ୍ଟେସନରୁ ଯାତ୍ରିବାହୀ ଟ୍ରେନ ବାହାରିବା ପରେ ଟ୍ରାକରେ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଫଳରେ ଏକ୍ସପ୍ରେସ ଟ୍ରେନ ଲୁପ ଲାଇନରେ ପ୍ରବେଶ କରାଯାଇଥିଲା ।ସେଠାରେ ପୂର୍ବରୁ ଗୋଟିଏ ମାଲବାହୀ ଟ୍ରେନ ରହିଥିଲା। ଏହି ଗାଡ଼ିକୁ ଏକ୍ସପ୍ରେସ ଟ୍ରେନ ଜୋରରେ ଧକ୍କା ଦେଇଥିଲା ଧକ୍କା ଦେବା ବେଳେ ଏକ୍ସପ୍ରେସ ଟ୍ରେନର ଘଣ୍ଟା ପ୍ରତି ବେଗ ୭୫ କିମି ଥିଲା।ସେହିପରି ଏକ୍ସପ୍ରେସ ଟ୍ରେନର ପାର୍ସଲ ଭ୍ୟାନ ମଧ୍ୟ ଜଳି ଯାଇଛି ।


# ଫେରିଯିବ ମୌସୁମୀ

ଭୁବନେଶ୍ୱର,୧୧।୧୦(ମହାଭାରତ): ଓଡ଼ିଶାରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ହେଉଛି। ଆଗାମୀ ଦୁଇ ଦିନ ଭିତରେ ରାଜ୍ୟର କିଛି ଅଞ୍ଚଳରୁ ମୌସୁମୀ ଅପସାରଣ ହେବାର ସମ୍ଭାବନା ରହିଛି। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି। ସେପଟେ ଆଗାମୀ ୬ରୁ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ବଡ଼ବର୍ଷା ନାହିଁ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବଙ୍ଗୋପସାଗରେ ଗୋଟିଏ ଗୁରୁଚାପ ବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟ ଭିତରକୁ କ୍ରମାଗତ ଭାବେ ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ଏହି ବାୟୁ ଉତ୍ତପ୍ତ ବାୟୁ ସଂସ୍ପର୍ଶରେ ଆସି ମେଘୁଆ ଆକାଶ ସୃଷ୍ଟି କରିବ। ଯାହାର ପ୍ରଭାବରେ ଆଗାମୀ ୫ରୁ ୬ ଦିନ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ କିଛି ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହୁଛି। କିନ୍ତୁ ଆଗାମୀ ୬ରୁ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବଡ଼ ବର୍ଷ ନେଇ କୌଣସି ଚେତାବନୀ ଜାରି କରାଯାଇ ନାହିଁ। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ। ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି ସର୍ବାଧିକ ବର୍ଷା ମୟୂରଭଞ୍ଜ ଜିଲ୍ଲା ନାନାଠାରେ ରେକର୍ଡ କରାଯାଇଛି ଏଠାରେ ୨୯.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼ ଜିଲ୍ଲାରେ ହାଲ୍କା ବର୍ଷା ରେକର୍ଡ କରାଯାଇଛି।

# ନୋଏଲ ଟାଟା ହେଲେ ଟାଟା ଟ୍ରଷ୍ଟର ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୧।୧୦: ନୋଏଲ ଟାଟା ହୋଇଛନ୍ତି ଟାଟା ଟ୍ରଷ୍ଟର ଅଧ୍ୟକ୍ଷ। ରତନ ଟାଟାଙ୍କ ଦେହାନ୍ତ ପରେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ବୁଧବାର ରତନ ଟାଟାଙ୍କ ଦେହାନ୍ତ ହୋଇଥିଲା। ଏହାପରେ କିଏ ତାଙ୍କ ୧୩ଟି ଟ୍ରଷ୍ଟର ଅଧ୍ୟକ୍ଷ ହେବେ ସେନେଇ କଳ୍ପନା-ଜଳ୍ପନା ଲାଗି ରହିଥିଲା। ଆଜି ବୈଠକ ପରେ ନୋଏଲ ଟାଟାଙ୍କୁ ଦାୟିତ୍ୱ ଦେବା ନେଇ ନିଷ୍ପତ୍ତି ନିଆଯାଇଛି।



ସୂଚନା ଅନୁସାରେ, ଆଜି ମୁମ୍ବାଇରେ ଟ୍ରଷ୍ଟ ବୋର୍ଡର ବୈଠକ ବସିଥିଲା। ଏହି ବୈଠକରେ ନୋଏଲ ଟାଟାଙ୍କ ନାଁରେ ମୋହର ବାଜିଥିଲା। ତେଣୁ ସେ ଟାଟା ଟ୍ରଷ୍ଟର ପରବର୍ତ୍ତୀ ଅଧ୍ୟକ୍ଷ ହୋଇଛନ୍ତି।

ଟାଟା ଗ୍ରୁପର ମାଲିକ ଦିବଂଗତ ରତନ ନବଲ ଟାଟା ଦୀର୍ଘ ଦିନ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇ ଆସିଥିଲେ। କିନ୍ତୁ ତାଙ୍କର କେହି ଉତ୍ତରାଧିକାରୀ ନ ଥିବାରୁ ପରବର୍ତ୍ତୀ ଅଧ୍ୟକ୍ଷ କିଏ ହେବେ ସେନେଇ ବୋର୍ଡର ବୈଠକ ବସିଥିଲା। ବୋର୍ଡ ବୈଠକର ନିଷ୍ପତ୍ତି କ୍ରମେ ନୋଏଲ ଟାଟା ହୋଇଛନ୍ତି ଟାଟା ଟ୍ରଷ୍ଟର ଅଧ୍ୟକ୍ଷ। ଟାଟା ଗ୍ରୁପରେ ୪୦ ବର୍ଷରୁ ଅଧିକ ଦିନ ଧରି କାମ କରି ଆସିଛନ୍ତି ନୋଏଲ ଟାଟା। ସେ ବର୍ତ୍ତମାନ ଟାଟା ଇଣ୍ଟରନ୍ୟାସନାଲ ଲିମିଟେଡ୍, ଭୋଲ୍ଟାସ୍ ଏବଂ ଟାଟା ଇନଭେଷ୍ଟମେଣ୍ଟ କର୍ପୋରେସନ୍ ସମେତ ଟାଟା ଗ୍ରୁପର ଏକାଧିକ କମ୍ପାନୀର ବୋର୍ଡର ସଦସ୍ୟ ଅଛନ୍ତି। ସେ ଟାଟା ଷ୍ଟିଲ ଏବଂ ଟାଇଟନ କମ୍ପାନୀ ଲିମିଟେଡର ଉପାଧ୍ୟକ୍ଷ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି।

ଟାଟା ଗ୍ରୁପର ରିଟେଲ ଟ୍ରେଣ୍ଟରେ ତାଙ୍କ ନେତୃତ୍ୱ ଉଲ୍ଲେଖନୀୟ ରହିଥିଲା। ୧୧ ବର୍ଷରୁ ଅଧିକ ସମୟ ପାଇଁ ଟ୍ରେଣ୍ଟର ପରିଋଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ସେ ୨୦୧୦ରୁ ୨୦୨୧ ପର୍ଯ୍ୟନ୍ତ ଟାଟା ଇଣ୍ଟରନ୍ୟାସନାଲର ପରିଋଳନା ନିର୍ଦ୍ଦେଶକ ମଧ୍ୟ ଥିଲେ, ଏହି ସମୟରେ ସେ କମ୍ପାନୀର କାରବାରକୁ ୫୦୦ ମିଲିୟନ୍ ଡଲାରରୁ ୩ ବିଲିୟନ ଡଲାରକୁ ବୃଦ୍ଧି କରିଥିଲେ।



# ମା'ଙ୍କ ଆଶିଷ ଭିକ୍ଷା କଲେ ନବୀନ

ଭୁବନେଶ୍ୱର,୧୧।୧୦(ମହାଭାରତ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ରାଜଧାନୀର ବିଭିନ୍ନ ପୂଜା ମଣ୍ଡପ ବୁଲି ଆଶିଷ ଭିକ୍ଷା କରିଛନ୍ତି। ଶାରଦୀୟ ଦୂର୍ଗାପୂଜା ପାଇଁ ରାଜଧାନୀ ଚଳଚଞ୍ଚଳ ହୋଇଉଠିଥିବା ବେଳେ ନବୀନ ପଟ୍ଟନାୟକ ଲୋକଙ୍କ ସହ ମିଶି ଏହି ଖୁସିର ମାହୋଲରେ ସାମିଲ ହୋଇଛନ୍ତି। ଆଜି ବିଭିନ୍ନ ପୂଜା ମଣ୍ଡପ ବୁଲିବା ସହ ମାଙ୍କର ଦର୍ଶନ କରିଛନ୍ତି। ଶୁକ୍ରବାର ମହାଷ୍ଟମୀ ଅବସରରେ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ୩ଟି ପୂଜା ମଣ୍ଡପ ବୁଲିବାର କାର୍ଯ୍ୟକ୍ରମ ରହିଥିଲା। ନବୀନ ପଟ୍ଟନାୟକ ରସୁଲଗଡ଼ରୁ ସକାଳ ସାଢ଼େ ୧୦ଟାରେ ମାଙ୍କ ଦର୍ଶନ ଆରମ୍ଭ କରିଥିଲେ। ରସୁଲଗଡ ଦୁର୍ଗାପୂଗା ମଣ୍ଡପରେ ନବୀନଙ୍କୁ କମିଟି ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ରସୁଲଗଡ ପୂଜା ମଣ୍ଡପ ବୁଲିଥିଲେ ଓ ଶାରଦୀୟ ଶୁଭେଚ୍ଛା ସମସ୍ତଙ୍କୁ ଜଣାଇଥିଲେ। ଏହାପରେ ସହିଦନଗର ପୂଜା ପେଣ୍ଡାଲରେ ପହଞ୍ଚି ମାଙ୍କୁ ଦର୍ଶନ କରିବା ସହିତ ପେଣ୍ଡାଲ ବୁଲି ଦେଖିଥିଲେ। ନବୀନ ପଟ୍ଟନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅତି ପାଖରୁ ଦେଖି ଉତ୍ସାହିତ ହୋଇଯାଇଥିଲେ। ସାଧାରଣ ଜନତା ଏହାପରେ ବଡ଼ଗଡ଼ ମଣ୍ଡପରେ ପହଞ୍ଚି ମାଆଙ୍କୁ ଦର୍ଶନ କରିଥିବା ସହିତ ପେଣ୍ଡାଲ ବୁଲିଥିଲେ।



## ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରାଏ ଭିଟାମିନ୍ ଡି'



*ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ମସ୍ତିଷ୍କ। ଏହା ଯଦି ଠିକ ଭାବରେ କାମ ନ କରେ ତେବେ ସବୁକିଛି ଓଲଟପାଲଟ ହୋଇଯାଇଥାଏ। ତେଣୁ ଏହା କିପରି ସୁସ୍ଥ ରହିବ ଏବଂ ଉପଯୁକ୍ତ ଭାବରେ କାମ କରିବ, ସେଥିପାଇଁ ଆମେ ସତର୍କ ରହିବା ଆବଶ୍ୟକ। ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରିବା ପଛରେ ଭିଟାମିନ୍ ଡି'ର ପ୍ରମୁଖ ଭୂମିକା ରହିଛି ବୋଲି ମତ ପୋଷଣ କରିଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ଣ୍ଣିଆର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ। ସେମାନେ କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ବ୍ୟାୟାମ କରନ୍ତି ଏବଂ ଭିଟାମିନ ଡି' ଯୁକ୍ତ ଖାଦ୍ୟ ଖାଆନ୍ତି, ତେବେ ତାଙ୍କ ମସ୍ତିଷ୍କରେ ସେରୋଟୋନିନ୍ ନାମକ ତନ୍ତ୍ର ସନ୍ତୁଳିତ ହୋଇ ରହିଥାଏ। ଫଳରେ ମସ୍ତିଷ୍କ ପୂର୍ବ ପରି ସତେଜ ରହେ ଏବଂ ଏହାର କାର୍ଯ୍ୟଧାରା ପ୍ରଭାବିତ ହୋଇନଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି।*

## ଭୋଜନ



*ହିନ୍ଦୁଧର୍ମରେ ଏପରି ଅନେକ ପରମ୍ପରା ରହିଛି ଯାହା ଏପର୍ଯ୍ୟନ୍ତ ମଧ ଚାଲି ଆସୁଛି। ଏହି ପରମ୍ପରାକୁ ମାନିବା ଦ୍ୱାରା ଆମର ଅନେକ ଲାଭ ହୋଇଥାଏ। ତେଣୁ ଏସବୁକୁ ମାନିବା ଉଚିତ୍। ହେଲେ ଏହିସବୁ ନିୟମକୁ କେହି କେହି ମାନନ୍ତି ଓ ଆଉ କେହି କେହି ମାନନ୍ତି ନାହିଁ। ଆଜିର ଯୁଗରେ ଲୋକମାନେ ଆଧୁନିକତାକୁ ଏତେ ପରିମାଣରେ ଆପଣାଉଛନ୍ତି, ଯାହାଦ୍ୱାରା ପୁରୁଣା ରୀତିନୀତିକୁ ଭୁଲିଯାଉଛନ୍ତି। ଯଦି ଆମେ ଏହି ସବୁ ପରମ୍ପରାକୁ ପାଳନ ନକରିବା, ତେବେ ଆଗାମୀ ପିଢ଼ିକୁ ଏହି ସବୁ ପରମ୍ପରା ଓ ରୀତି ନୀତି ବିଷୟରେ ଜଣାଇପାରିବେନାହିଁ। ହିନ୍ଦୁ ପରମ୍ପରା ଅନୁସାରେ ଭୋଜନ ଗ୍ରହଣ ପୂର୍ବରୁ ପ୍ରଥମେ ଥାଳିର ଚାରିପଟେ ପାଣି ତିନି ଥର ଛିଞ୍ଚାଯାଏ ଓ ଏହା ସହିତ ମନ୍ତ୍ର ମଧ ପଢ଼ାଯାଏ। ଏହି ପରମ୍ପରାକୁ ବହୁତ ଲୋକ ମାନନ୍ତି। ଏହାଛଡ଼ା ଆମର ସଂସ୍କୃତିରେ ରହିଛି ଭୂମିରେ ବସି ଭୋଜନ ଗ୍ରହଣ କରିବା। କୁହାଯାଏ ଯେ, ଏହା କରିବା ଦ୍ୱାରା ଆମେ ଅନ୍ନର ଆଦର କରିଥାଉ। ଏହା ବ୍ୟତୀତ ଈଶ୍ୱରଙ୍କୁ ଧନ୍ୟବାଦ୍ କରିବାର ଏହା ହେଉଛି ଏକ ପ୍ରକ୍ରିୟା। ହିନ୍ଦୁ ପରମ୍ପରାରେ କୁହାଯାଉଛି ଯେ, ଖାଦ୍ୟ ଗ୍ରହଣ କରିବା ପୂର୍ବରୁ ଭୋଜନକୁ ଦେବତାଙ୍କୁ ସମ୍ପନ୍ନ କରାଯାଏ। ଏହା କରିବା ପରେ ଖାଦ୍ୟ ଗ୍ରହଣ କରାଯାଏ। ଏମିତି କରିବା ଦ୍ୱାରା ଭୋଜନ ଓ ଈଶ୍ୱର ଉଭୟଙ୍କ ପ୍ରତି ଆମେ ସମ୍ମାନ ଜଣାଇଥାଉ ବୋଲି ବିଶ୍ୱାସ ରହିଛି।*

**ଭ**ଲରେ ରହିବା ପାଇଁ ମଣିଷ ଦିନସାରା କଠିନ ପରିଶ୍ରମ କରେ ଓ ଅର୍ଥ ଉପାର୍ଜନ କରେ। ଉପାର୍ଜିତ ଅର୍ଥରେ ଖୁସିରେ ରହିବାକୁ ଚେଷ୍ଟା କରେ। କିନ୍ତୁ କେତେକ ଲୋକଙ୍କ ପାଖରେ ଟଙ୍କା ପଇସା ଆଦୌ ରହେ ନାହିଁ। ସେମାନେ ଅଧିକ ଖର୍ଚ୍ଚ କରିବାକୁ ଚାହୁଁନଥିଲେ ମଧ ଟଙ୍କା ପାଣି ପରି ଖର୍ଚ୍ଚ ହୋଇଯାଏ। ଏମିତି କାହିଁକି ହୁଏ। କୁହାଯାଏ, ଏସବୁ ବାସ୍ତୁଦୋଷର ପ୍ରଭାବ। ଯଦି ଆପଣ ବି ଏମିତି ସ୍ଥିତିର ସାମ୍ନା କରୁଛନ୍ତି ତେବେ ନଜ ଘର ବାସ୍ତୁ ଯାଞ୍ଚ କରି ନିଅନ୍ତୁ।

କୁବେରଙ୍କୁ ଧନର ଦେବତା ବୋଲି କୁହାଯାଏ। ସେ ଉତ୍ତର ଦିଗରେ ବାସ କରନ୍ତି। ସେଥିପ୍ରତି ବାସ୍ତୁଶାସ୍ତ୍ର ଅନୁସାରେ ଆପଣଙ୍କ ଲକର ଦକ୍ଷିଣ-ପଶ୍ଚିମ ଦିଗ କାନ୍ଥରେ ରହିବା ଉଚିତ, ଯେମିତିକି ଉତ୍ତର ଦିଗରେ ତାହା ଖୋଲୁଥିବ।

ବେଳେବେଳେ ଘରର ପାଣି ଟ୍ୟାପ ବନ୍ଦ ଥିବା ସତ୍ତ୍ୱେ ସେଥିରୁ ପାଣି ପଡିଥାଏ। ବାସ୍ତୁଶାସ୍ତ୍ର ଅନୁସାରେ ଏହା ଆର୍ଥିକ ସ୍ଥିତି ଦୁର୍ବଳ ହେବାର ବଡ଼ କାରଣ ବନିଥାଏ। ଘରେ ଖର୍ଚ୍ଚ ହେବାର ସଂକେତ ଦେଇଥାଏ। ତେଣୁ ପାଣି ଟ୍ୟାପ ଖରାପ ହେଲେ ତୁରନ୍ତ ବଦଳାଇ ଦିଅନ୍ତୁ।

ଘରର ସିଡି ଉତ୍ତର ପୂର୍ବ ଦିଗରେ କରନ୍ତୁ ନାହିଁ। ତେଣୁ ବାସ୍ତୁବିତଙ୍କ ପରାମର୍ଶ ନେଇ ଘରର ଶିଡି ନିର୍ମାଣ କରନ୍ତୁ।

ଘରେ ଅଳିଆ ଆବର୍ଜନା ଜମା କରି ରଖନ୍ତୁ ନାହିଁ। ଏହା ଦ୍ୱାରା ନକରାତ୍ମକ ଶକ୍ତିର ପ୍ରଭାବ ପଡିବ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ।



## ୩୦ ବର୍ଷ ପରେ ଖାଦ୍ୟପେୟର ସୂଚୀ

୩୦ ବର୍ଷ ଟପିଗଲେ ପୁରୁଷଙ୍କ ଶରୀରରୁ ନ୍ୟୁଟ୍ରିସନ ଧୀରେ ଧୀରେ କମି ଯାଇଥାଏ। ଏହା ଦ୍ୱାରା ଇମ୍ୟୁନିଟି ମଧ କମ୍ ହୋଇଯାଇଥାଏ। ଫଳରେ ବିଭିନ୍ନ ରୋଗ ମାଡ଼ିବସେ। ଏଥିରୁ ମୁକ୍ତି ପାଇବାକୁ ହେଲେ ନ୍ୟୁଟ୍ରିସନ ଯୁକ୍ତ ଖାଦ୍ୟ ଖାଇବା ଉଚିତ। ଆସନ୍ତୁ ଜାଣିବା କ'ଣ ଖାଇବା ଦରକାର।

**ମହୁ ଓ କ୍ଷୀର:** କ୍ଷୀର ସହ ମହୁ ମିଶାଇ ପିଅନ୍ତୁ। ଏଥିରୁ ଆଣ୍ଟି ଅକ୍ସିଡେଣ୍ଟ ଓ ପ୍ରୋଟିନ ମିଳିଥାଏ। ଏହା ଦ୍ୱାରା ହାଡ଼ ଶକ୍ତ ରହିଥାଏ।

**ପେସ୍ତା ବାଦାମ :** ଏଥିରୁ ଆମକୁ ଭିଟାମିନ ବି ୬ ଏବଂ ଫଲିକ ଏସିଡ ମିଳିଥାଏ। ଏହା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହିଥାଏ।

**ବେଦନା:** ୩୦ ବର୍ଷ ହୋଇଗଲେ ପୁରୁଷମାନେ ବେଦନା ଖାଇବା ଉଚିତ। ଏଥିରୁ ଶରୀରକୁ ଆଣ୍ଟି ଅକ୍ସିଡେଣ୍ଟ ମିଳିଥାଏ।

**ଦହି:** ଏଥିରୁ ଆମକୁ କ୍ୟାଲସିୟମ ଓ ପ୍ରୋବାୟାଟିକ ବ୍ୟାକ୍ଟେରିଆ ରହିଥାନ୍ତି। ଏହା ହାଡ ଶକ୍ତ ରଖେ ଓ ଓଜନ ନିୟନ୍ତ୍ରଣ କରିଥାଏ।

**ଲାଉ:** ଏହା ଆମକୁ ମେଟାବୋଲଜିମ ମିଳିଥାଏ। ଏହା ଶରୀରରେ ଓଜନ ନିୟନ୍ତ୍ରଣ କରିବା ସହ ଚନ୍ଦାପଣରୁ ମୁକ୍ତି ଦେଇଥାଏ।



**ପଇଡ଼ ପାଣି:** ଏଥିରୁ ଆଣ୍ଟି ଅକ୍ସିଡେଣ୍ଟ ମିଳିଥାଏ। ଏହା ଦ୍ୱାରା ଶରୀରକୁ ଭିଟାମିନ ଯୋଗାଇବା ସହ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ।

**ରାଜମା:** ଏହା ଆମ ଶରୀରକୁ ବ୍ଲଡ ସୁଗାର କମ କରିଥାଏ। ଡାଏବେଟିସ ଓ ରକ୍ତଚାପ ରୋଗରୁ ରକ୍ଷା କରିଥାଏ।

**ପାଳଙ୍ଗ ଶାଗ:** ଏଥିରୁ ପ୍ରୋଟିନ ଓ ଭିଟାମିନ୍ ଡି ମିଳିଥାଏ। ସିକ୍ସ ପେକ ବନାଇବାକୁ ଚାହୁଁଥିଲେ ସବୁଦିନ ପାଳଙ୍ଗ ଶାଗ ଖାଆନ୍ତୁ। ଏହା ସହ ଆଣ୍ଠୁରୁ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଅଣ୍ଡା:**ଏଥିରୁ ଭିଟାମିନ ଓ ଫସଫରସ ମିଳିଥାଏ। ଅଣ୍ଡା ଖାଇଲେ ଆଖିର ଦୃଷ୍ଟିଶକ୍ତି ବଢ଼ିଥାଏ ଓ ଦାନ୍ତ ଶକ୍ତ ରହିଥାଏ।

**ବାଜରା:** ଏଥିରୁ ଫାଇବର, କାର୍ବୋହାଇଡ୍ରେଟ୍ ଭରପୁର ମାତ୍ରାରେ ରହିଛି। ଏହାକୁ ଖାଇଲେ ହଜମ ଶକ୍ତି ବଢ଼ିବା ସହିତ ଓଜନ କମ୍ ହୋଇଥାଏ।

## ଗହଣା ପାଇଁ କିଛି ସ୍ୱତନ୍ତ୍ର ଉପାୟ



ରାଶି ଅନୁସାରେ ଗହଣା ପିନ୍ଧିବା ଅତ୍ୟନ୍ତ ଶୁଭ ହୋଇଥାଏ।

ମେଷ : ଏହି ରାଶିର ମହିଳାମାନେ ଝୁମୁକା କାନ ଫୁଲ ପିନ୍ଧିବା ଉଚିତ। ଯେକୌଣସି କାର୍ଯ୍ୟ ନିମନ୍ତେ ଲାଲ ରଙ୍ଗର ଗହଣା ପିନ୍ଧିବା ଦ୍ୱାରା ଶୁଭ ଫଳ ମିଳିଥାଏ।

ବୃଷ : ଏହି ରାଶିର ମହିଳାମାନେ ହାର ଓ ଲକେଟ ପିନ୍ଧିବା ଅତ୍ୟନ୍ତ ଶୁଭ ଅଟେ।

ମିଥୁନ : ମିଥୁନ ରାଶିର ମହିଳାମାନେ ଭିଉ ଭିଉ ଡିଜାଇନର ଗହଣା ପିନ୍ଧି ପାରିବେ।

କର୍କଟ : ଏହି ରାଶିର ମହିଳାମାନେ ପୁରୁଣା ଡିଜାଇନର ଗହଣା ପିନ୍ଧିବାକୁ କୁହାଯାଇଛି।

ସିଂହ : ଏହି ରାଶିର ମହିଳାମାନେ ଆକର୍ଷଣୀୟ ଦେଖା ଯାଉଥିବା ଗହଣା ପିନ୍ଧିବା ଶୁଭ ଅଟେ।

କନ୍ୟା : କନ୍ୟା ରାଶିର ମହିଳାମାନେ ସୁନ୍ଦର ଚୁଡି ଓ କଡା ପିନ୍ଧି ପାରିବେ।

ତୁଳା : ତୁଳା ରାଶିର ମହିଳାମାନେ ବ୍ରେସଲେଟ ପିନ୍ଧିବା ଆବଶ୍ୟକ।

ବିଛା : ପୁରୁଣା ଚିହ୍ନ ଥିବା ମୁଦି ହାତ କରିବା ଏହି ରାଶିର ମହିଳାଙ୍କ ପକ୍ଷେ ଅତ୍ୟନ୍ତ ଶୁଭ ଅଟେ।

ଧନୁ : ଏହି ରାଶିର ମହିଳାମାନେ ଆକର୍ଷଣୀୟ କାନ ଫୁଲ ପିନ୍ଧିବା ଶୁଭ ଅଟେ।

ମକର : ମକର ରାଶିର ମହିଳାମାନେ ଦାମୀ ରତ୍ନ ଧାରଣା କରିବା ଶୁଭ ହୋଇଥାଏ।

କୁମ୍ଭ : ଏହି ରାଶିର ମହିଳାମାନେ କାନ ଫୁଲ ପିନ୍ଧିବା ଶୁଭ ଅଟେ।

ମୀନ : ମୀନ ରାଶିର ମହିଳାମାନେ ପାଉଁଜି ପିନ୍ଧିବା ଅତ୍ୟନ୍ତ ଶୁଭ ହୋଇଥାଏ।

## କରୋନାରୁ ରକ୍ଷା ପାଇବା ପାଇଁ ଆୟୁଷ ମନ୍ତ୍ରାଳୟର ଉପାୟ; ବୃଦ୍ଧି ପାଇବ ରୋଗ ପ୍ରତିରୋଧକ ଶକ୍ତି

କରୋନା ଭୂତାଣୁ ଠାରୁ ନିଜକୁ ରକ୍ଷା କରିବାକୁ ବିଶେଷଜ୍ଞ ବିଭିନ୍ନ ପରାମର୍ଶ ଦେଉଛନ୍ତି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନେକ ନିୟମାବଳୀ ପାଳନ କରାଯାଉଛି। ଏହା ବ୍ୟତୀତ ସଂକ୍ରମଣକୁ ଏଡାଇବାକୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅନେକ ଉପାୟ ଜଣାଇଛନ୍ତି। ଏଭଳି ସମୟରେ ଆୟୁଷ ମନ୍ତ୍ରାଳୟ ଦ୍ୱାରା ବିଭିନ୍ନ ଉପାୟ ଜାରି କରାଯାଇଛି।



- ନିୟମିତ ଉଷୁମ ପାଣି ପିଅନ୍ତୁ। ଏହାସହ ଉଷୁମ ପାଣିରେ ଅଳ୍ପ ଲୁଣ ଓ ହଳଦୀଗୁଣ୍ଡ ପକାଇ ଗାରଗେଲ କରନ୍ତୁ।
- ଘରେ ପ୍ରସ୍ତୁତ ସତେଜ ଖାଦ୍ୟ ଖାଆନ୍ତୁ। ଯେଉଁ ଖାଦ୍ୟ ସହଜରେ ହଜମ ହୋଇପାରୁ ଥିବୟ ଏହାସହ ଖାଦ୍ୟରେ ହଳଦୀ, ଜିରା, ଅଦା, ଧନିଆରେ ପ୍ରୟୋଗ କରିବା ସହ ଅଁଳାର ନିୟମିତ ସେବନ କରନ୍ତୁ।

ପ୍ରତିଦିନ ୩୦ ମିନିଟ ଯାଏଁ ଯୋଗ , ପ୍ରାଣାୟାମ, ଧ୍ୟାନ କରିବା ସହ ୭ ରୁ ୮ ଘ । ନିଶ୍ଚୟ ଶୁଅନ୍ତୁ।

- ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ନିୟମିତ ଖାଲି ପେଟରେ ଚମନପ୍ରସ୍ , ହଳଦୀ ମିଶ୍ରିତ କ୍ଷୀର ନିୟମିତ ପିଅନ୍ତୁ।
- ତୁଳସୀ, ଡାଲଚିନି, ଅଦା, ଗୋଲମରିଚ ପାଣିରେ ପକାଇ ଭଲ ଭାବେ ଫୁଟାନ୍ତୁ। ଏହାପରେ ଏହାକୁ ଛାଣି ଦିନକୁ ଥରେ ନିଶ୍ଚୟ ପିଅନ୍ତୁ। ସ୍ୱାଦ ପାଇଁ ଆପଣ ଏଥିରେ ଗୁଡ, କିସମିସ କିମ୍ବା ଗୁଜୁରାତି ମଧ ପକାଇ ପ୍ରସ୍ତୁତ କରିପାରିବେ।
- ନଡିଆର ନିୟମିତ ବ୍ୟବହାର କରନ୍ତୁ।
- ଦିନକୁ ୨ ରୁ ୩ ଥର ବାମ୍ଫ (ଷ୍ଟିମ) ନିଅନ୍ତୁ।
- ଲବଙ୍ଗ ଓ ମହୁକୁ ମିଶାଇ ସେବକ କରନ୍ତୁ ଏହା ଗଳା ଜନିତ ବହୁ ସମସ୍ୟା ଦୂର କରିଥାଏ।

ଜୁଆଣି ଓ ପୁଦିନା ପତ୍ରକୁ ଉଷୁମ ପାଣିରେ ପକାଇ ଏହାର ବାଷ୍ପକୁ ଦିନକୁ ଥରେ କିମ୍ବା ୨ ଥର ବ୍ୟବହାର କରନ୍ତୁ।

## ଆଖିର ସୁନ୍ଦରତା ବଜାୟ ରଖେ ଏହି ସରଳ ଉପାୟ

ଚକ୍ଷୁ ଆମର ସବୁଠାରୁ ସୌନ୍ଦର୍ଯ୍ୟମୟ ଅଙ୍ଗୟ ଏହାର ସୌନ୍ଦର୍ଯ୍ୟକୁ ବଜାୟ ରଖିବା ସହ ଆଖିତଳ କଳାଦାଗ ଦୂର କରିବା ଦ୍ୱାରା ଏହାର ସୁନ୍ଦରତା ଦ୍ୱିଗୁଣିତ ହୋଇଥାଏ। କାମର ଚାପ, ମାନସିକ ଅଶାନ୍ତି ବଢ଼ିଲେ ହିଁ ଆଖିତଳ କଳାଦାଗ ପଡ଼େୟ ଆଖି ତଳ କଳା ଦାଗକୁ ଦୂର କରିବା ପାଇଁ ସହଜ ଘରୋଇ ଉପାୟ ଜାଣନ୍ତୁ-

- ବାହାରକୁ ଯିବା ପୂର୍ବରୁ ସନ୍ ଗ୍ଲାସ୍ ଲଗାଇବା ଜରୁରୀ। ବାହାରୁ ଆସିବା ପରେ ଥଣ୍ଡା ପାଣିରେ ଛିଟା ମାରନ୍ତୁ।
- ପର୍ଯ୍ୟାପ୍ତ ପରିମାଣରେ ଶୋଇଲେ ଆଖି ତଳ କଳାଦାଗର ସମସ୍ୟା ଉପୁଜିନଥାଏ।
- ଘରୁ ପଦାକୁ ଯିବା ପୂର୍ବରୁ ଆଖି ତଳେ ସନ୍ସ୍କ୍ରିନ୍ ଲଗାଇ ତାହାକୁ ଭଲଭାବେ ମାଲିସ୍ କରିବା ଉଚିତ।
- ନିୟମିତ ଭାବେ ୧ ମାସ ପର୍ଯ୍ୟନ୍ତ ବାଦାମ ତେଲ ମଧ ଆଖି ତଳ କଳାଦାଗରେ ଲଗାଇଲେ ଲାଭ ମିଳିଥାଏ।
- ଆଖି ତଳ କଳାଦାଗ ହେଉଥିଲେ କାଜଲ ନ ଲଗାଇବା ଉଚିତ, ତାହା ମଧ କଳାଦାଗକୁ ଅଧିକ ଗାଢ଼ କରେ।
- ନିୟମିତ ଭାବେ ଦିନକୁ ୫-୬ଥର ଥଣ୍ଡା ପାଣିରେ ଆଖି ଓ ଚାରିପାଖରେ ଛିଟା ମାରନ୍ତୁ। ଖରାରୁ ଆସିବା ପରେ ବରଫ ଘଷିଲେ ମଧ ଭଲ କିନ୍ତୁ ଶୀତରେ ଏହି କାରଣରୁ ଥଣ୍ଡା ଧରିବାର ଭୟ ରହିଛି।

ପୁଦିନାରେ ଥିବା ପୋଷକ ତ ଆଖି ତଳର କଳା ଦାଗକୁ ଦୂର କରିଥାଏ। ଏଥିରେ ଥିବା ପ୍ରାକୃତିକ ପୋଷକ ଗୁଣ ହେତୁ ଆଖି ତଳେ ରକ୍ତପ୍ରବାହ ସୂଚାରୁ ରୂପେ ହୋଇଥାଏ।



ଚର୍ମକୁ ପୁର୍ନଃଜୀବିତ କରିଥାଏୟ ପୁଦିନାରେ ଥିବା ଆିସେପ୍ଟିକ, ଆ ବ୍ୟାକ୍ଟେରିଅଲ ଗୁଣ ଆଖିତଳକୁ କଳା ହେବାରୁ ରକ୍ଷା କରିଥାଏ।

ପ୍ରସ୍ତୁତି କରିବାର ଉପାୟ - ପୁଦିନା ଓ ଟମାଟୋକୁ ଭଲ ଭାବେ ପେଷି ଦିଅନ୍ତୁ। ଏବେ ଏଥିରେ ୧ ଚାମଚ ଲେମ୍ବୁରସ ମିଶାନ୍ତୁ। ମିଶାଇବା ପରେ ଏହାକୁ ଆଖି ତଳେ ଲଗାଇ ୧୦ରୁ ୧୫ ମିନିଟ ରଖନ୍ତୁ। ଏହା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏପରି ସପ୍ତାହକୁ ୩ ରୁ ୪ ଥର ଲଗାଇଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ।

ଦହିରେ ବେସନ ଅଳ୍ପ ମିଶାଇ ଆଖି ଚାରିପାଖରେ ଲଗାଇ ୫ ମିନିଟ୍ ପରେ ଧୋଇନେବେ।

- ଆଳୁ ରସକୁ ଦିନକୁ ୨ ଥର କଳାଦାଗରେ ଲଗାଇଲେ ତାହା ଦୂର ହୁଏ।
- ବିଶେଷଜ୍ଞଙ୍କ ମତରେ ଶରୀରରେ ଜଳର ପରିମାଣ କମ୍ ହେବା କାରଣରୁ ହିଁ କଳାଦାଗ ହୋଇଥାଏ। ପ୍ରସବ ପରେ ମହିଳାମାନେ ଏଇ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।

କରୋନା ଭୂତାଣୁରେ ପ୍ରତ୍ୟେକ ଦିନ ଲକ୍ଷାଧିକ ଲୋକେ ସଂକ୍ରମିତ ହେଉଛନ୍ତି। ହଜାର ହଜାର ନିଜର ଜୀବନ ହାରୁଛନ୍ତି। ଏହାସହ ଲକ୍ଷ ଲକ୍ଷ ଲୋକେ ସଂକ୍ରମଣରୁ ମୁକ୍ତ ମଧ ହୋଇ ସୁସ୍ଥ ହେଉଛନ୍ତି। ମାତ୍ର ଭୂତାଣୁ ଶରୀର ଅନେକ ମାତ୍ରାରେ ପ୍ରଭାବ ପକାଉଥିବାରୁ ଅନେକ ଦିନ ପର୍ଯ୍ୟନ୍ତ ଦୁର୍ବଳ ଅନୁଭବ ହୋଇଥାଏୟ ସଂକ୍ରମଣରୁ ସୁସ୍ତ ହେଉଥିବା ଲୋକେ ଔଷଧ ଖାଇବା ସହ ନିଜ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ରଖିବା ନିତ୍ୟାନ୍ତ ଆବଶ୍ୟକ। ଯାହା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇପାରିବ। ଜାଣନ୍ତୁ କିଛି ସ୍ୱତନ୍ତ୍ର ଉପାୟ ବିଷୟରେ- କରୋନାରୁ ସୁସ୍ଥ ହେବା ସମୟରେ ପାକେଟରେ ଥିବା ପ୍ରସ୍ତୁତ ଖାଦ୍ୟରୁ ନିଜକୁ ଦୂରେଇ ରଖନ୍ତୁ। ଏଥିରେ ଥିବା କେମିକାଲ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଥାଏ। ଏହାସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ବୃଦ୍ଧି କରିଥାଏ। ଡ଼ାକ୍ତର ଓ ବିଶେଷଜ୍ଞଙ୍କ ମତରେ ସମ୍ପୂର୍ଣ୍ଣ ସାଧା ଭୋଜନ ଗ୍ରହଣ କରନ୍ତୁ।



## କରୋନାରୁ ସୁସ୍ଥ ହେବା ସମୟରେ ଏହି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ

ମସଲାଯୁକ୍ତ ଖାଦ୍ୟରୁ ନିଜକୁ ଦୂରେଇ ରଖନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ପେଟ ପାଇଁ କ୍ଷତିକାରକ ହେବା ସହ ଗଳା ପାଇଁ ଉ ମ ନୁହେଁ। ଖାଦ୍ୟ ହଜମରେ ସମସ୍ୟା ଦେଖାଦେଇଥାଏ।

କରୋନାରୁ ସୁସ୍ଥ ହେବା ସମୟରେ ଛଣାଛଣି ଓ ପୋଡା ଖାଦ୍ୟ ଖାଆନ୍ତୁ ନାହିଁ। ଏହା ମଧ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଥାଏ। ଖାଦ୍ୟ ହଜମରେ ସମସ୍ୟା ସୃଷ୍ଟି ହୋଇଥାଏ। ମୃଦୁ ପାନୀୟ, ମିଠା ଖାଦ୍ୟ, ଅଧିକ ମାତ୍ରାରେ ଚିନି ଖାଇବା ଉଚିତ ନୁହେଁ। ଏହାବଦଳରେ ଲେମ୍ବୁପାଣି ପିଇପାରିବେ।

# ଟ୍ୱିନ୍‌ସିଟିର ଶାରଦୀୟ ପୂଜା ବଜେଟ୍ ୬ ଶହ କୋଟି



**ଭୁବନେଶ୍ୱର,୧୧।୧୦ (ମହାଭାରତ):** ମା' ଜଗତଜନନୀଙ୍କ ଆରାଧନା ପାଇଁ ପୂଜା କମିଟି ଗୁଡ଼ିକ ଶହ ଶହ କୋଟି ଖର୍ଚ୍ଚ କରୁଛନ୍ତି। ସତେ ଯେମିତି ଲାଗୁଛି କଟକ-ଭୁବନେଶ୍ୱରରେ ଚାଲିଛି ବ୍ୟୟବହୁଳ ପୂଜା ଆୟୋଜନ ପାଇଁ ପ୍ରତିଯୋଗିତା। ଉଭୟ ସହରରେ ଏବର୍ଷ ୬ ଶହ କୋଟି ଟପିଛି ଶାରଦୀୟ ପୂଜା ବଜେଟ୍। ଆକର୍ଷଣୀୟ ପୂଜା ସହ ବି ଚାଲୁଛି ବଜେଟ। ପ୍ରତିବର୍ଷ ବୃଦ୍ଧି ପାଉଥିବା କଳେବର ଭିତରେ କେଉଁଠି କଥା କହୁଛି ସୁନା ଚାନ୍ଦି ମେଢ ତ ଆଉ କେଉଁଠି ଗାଥା ବଖାଣୁଛି ତୋରଣ। ରୌପ୍ୟନଗରୀ କଟକ ସୁନା ଚାନ୍ଦି ମେଢ଼ ପାଇଁ ପ୍ରସିଦ୍ଧି ଲାଭ କରିଥିବା କଟକ ସହରରେ ଏ ବର୍ଷ ୩୪ରେ ପହଞ୍ଚିଛି ସୁନା ଚାନ୍ଦି ମେଢ ସଂଖ୍ୟା। ଆଉ ତାହାରି ଭିତରେ ମା' ଜଗତଜନନୀଙ୍କ ଏକକୁ ଆରେକ ବଳି ମୂର୍ତ୍ତି ଗୁଡ଼ିକରେ ଝଟକୁଛି ମହଣ ମହଣ ସୁନା ଆଉ ଚାନ୍ଦି। କଟକ ସହରର ପ୍ରଥମ ଚାନ୍ଦିମେଢ ୧୯୫୬ ମସିହାରେ ଚୌଧୁରୀ ବଜାରରେ କରାଯାଇଥିଲା। ସେଠାରେ ପ୍ରାୟ ୪ କ୍ୱିଣ୍ଟାଲ୍ ଚାନ୍ଦିରେ ପ୍ରଥମ ଚାନ୍ଦିମେଢ଼ କରାଯାଇଥିଲା। ପରେ ମା'ଙ୍କୁ ଲାଗି କରାଯାଇଥିଲା ସୁନା ଅଳଙ୍କାର। ଏଭଳି ଭାବେ ୪୦ କେଜିର ସୁନା ଅଳଙ୍କାରରେ ଏଥର ଝଟକୁଛି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି। ଆଗକୁ ସୁନାରେ ସମ୍ପୂର୍ଣ୍ଣ ମେଢ଼ ହେବ ବୋଲି କହିଛି କମିଟି। ତଥ୍ୟ କହୁଛି, କଟକରେ ଗତବର୍ଷ ଅପେକ୍ଷା ଏବର୍ଷ ପ୍ରାୟ ୩୦ ପ୍ରତିଶତ ବିଛି ପୂଜା ବଜେଟ୍। ଗତଥର କଟକ ସହରରେ ୩୨ଟି ସୁନା ଓ ଚାନ୍ଦିମେଢ଼ ଥିଲା। ଏଥର ଏହା ୩୪ରେ ପହଞ୍ଚିଛି। ଏବର୍ଷ ତୁଳସୀପୁର ଓ ରାମଗଡ଼ କନିକା ଛକ କମିଟି ସାମିଲ ହୋଇଥିବାରୁ ସହରରେ ମୋଟ୍ ୧୭୬ଟି ମେଢ଼ କରାଯାଇଛି। ଗତବର୍ଷ ପ୍ରାୟ ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥର ପହଞ୍ଚିଛି ପ୍ରାୟ ୩୨୫ କୋଟିରେ। ପୂଜାକୁ ଆକର୍ଷଣୀୟ କରିବା ପାଇଁ ସତେ ଯେମିତି ଚାଲିଛି ପ୍ରତିଯୋଗିତା। କଟକରେ ମେଢ଼କୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଭୁବନେଶ୍ୱରରେ ତୋରଣକୁ ପ୍ରାଧାନ୍ୟ ଦିଆଯାଇଛି। ଅର୍ଥାତ ରାଜଧାନୀରେ ମେଢ଼ ଅପେକ୍ଷା ତୋରଣ ଉପରେ ପ୍ରତିବର୍ଷ ଭଳି ଏଥର ଫୋକସ୍ କରାଯାଇଛି। ପୁରୁଣା ଷ୍ଟେସନ୍ ବଜାର, ନୂଆପଲ୍ଲୀ, ସହିଦନଗର, ବଡ଼ଗଡ଼, ଝାରପଡ଼ା, ଲକ୍ଷ୍ମୀସାଗର ଓ ଗଙ୍ଗନଗର ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ କରାଯାଇଛି। କେବଳ ସହିଦନଗର ପୂଜା କମିଟି ଏଥର କୋଟିଏ ଟଙ୍କା ଅଟକଳ କରିଥିବା ବେଳେ ତୋରଣରେ ହିଁ ୪୦ରୁ ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ସେହିପରି ପୁରୁଣା ଷ୍ଟେସନ ବଜାର ପୂଜା କମିଟିର ବଜେଟ୍ ରହିଛି ୮୦ ଲକ୍ଷ। ଏଭଳି ଭାବେ ଭୁବନେଶ୍ୱରରେ ମୋଟ୍ ୧୮୭ଟି ମେ କରାଯାଇଥିବା ବେଳେ ତାହାରି ଭିତରେ ରହିଛି ୬ଟି ସୁନା ଚାନ୍ଦି ମେଢ଼। ପୂର୍ବବର୍ଷ ଅପେକ୍ଷା ଏଥର ରାଜଧାନୀରେ ପୂଜା ବଜେଟ ୨୫ ପ୍ରତିଶତ ବି ପ୍ରାୟ ସାଢ଼େ ୩ ଶହ କୋଟିରେ ପହଞ୍ଚିଛି।

# ଯୁବକଙ୍କ ମୃତଦେହ ଉଦ୍ଧାର



**ଭୁବନେଶ୍ୱର,୧୧।୧୦ (ମହାଭାରତ):** ରାଜଧାନୀରୁ ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଯୁବକଙ୍କ ନାଁ ମନୋଜ କୁମାର ଗୌଡ। ତାଙ୍କ ଘର ତପୋବନ ବସ୍ତି ବୋଲି ସୂଚନା ମିଳିଛି। ମନୋଜ ମିସ୍ତ୍ରୀ ଭାବେ କାମ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ଭରତପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ କଡରେ ଥିବା ତପୋବନ ଜଙ୍ଗଲରୁ ମିଳିଛି ମୃତଦେହ।

ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା। ମୃତଦେହରେ କୌଣସି କ୍ଷତଚିହ୍ନ ନାହିଁ। କିନ୍ତୁ ବିଦ୍ୟୁତ ତାର କୁ ଧରିଥିବା ଅବସ୍ଥାରେ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ... ବେଳା ଚଳପ୍ରଚଳ କରୁଥିବାରୁ କେହି ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ମାରିଥିବା ସନ୍ଦେହ କରାଯାଉଛି। ମନୋଜଙ୍କ ମୃତ୍ୟୁ ଖବର ପାଇ ଶହ ଶହ ସ୍ଥାନୀୟ ଲୋକେ ସେଠାରେ ... ପୋଲିସ ପାରିପାର୍ଶ୍ୱିକ ପରିସ୍ଥିତି ଯାଞ୍ଚ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି ସୂଚନା ଦେଇଛି ପୋଲିସ।

# ନବନିର୍ମିତ କୋର୍ଟ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି



**ଭୁବନେଶ୍ୱର,୧୧।୧୦ (ମହାଭାରତ):** ବହୁ ପ୍ରତିକ୍ଷୀତ ଭୁବନେଶ୍ୱର କୋର୍ଟ ନୂଆ ବିଲ୍ଡିଂ ଆସନ୍ତା ୨୪ ତାରିଖରେ ଖୋଲିବଫ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ୨୪ ତାରିଖ ସନ୍ଧ୍ୟାରେ ଏହାକୁ ଉଦଘାଟନ କରିବେ। ଏନେଇ ଭୁବନେଶ୍ୱର ଓକିଲ ସଂଘ ସୂଚନା ଦେଇଛି। ସଂଘ ସଭାପତି କୁନ୍ଦନ ରଥଙ୍କ ସୂଚନା ମୁତାବକ, ଉଦଘାଟନ ସମାରୋହରେ ଭବ୍ୟ ଆୟୋଜନ କରାଯିବ।

ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଯୋଗଦେଇ ଉଦଘାଟନ କରିବେ। ଆସନ୍ତା ୨୪ ତାରିଖ ସକାଳେ ରାଷ୍ଟ୍ରପତି ପୁରୀ ଯିବେ। ସେଠାରୁ ଫେରି ଏକ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିଦିନ ଅପରାହ୍ଣ କିମ୍ବା ସନ୍ଧ୍ୟାରେ ଭୁବନେଶ୍ୱର କୋର୍ଟ ଉଦଘାଟନ କାର୍ଯ୍ୟକ୍ରମ ରହିଛି। ଏନେଇ ବିଧିବଦ୍ଧ ସୂଚନା ମିଳିବା ପରେ ଭୁବନେଶ୍ୱର କୋର୍ଟ ଉଦଘାଟନ ନେଇ ହାଇକୋର୍ଟରୁ ବିଜ୍ଞପ୍ତି ପ୍ରକାଶ ପାଇବ।

ସଂଘ ସମ୍ପାଦକ ଦୀପକ ଦାଶ କହିଛନ୍ତି, ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେବେ। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମେତ ଅନ୍ୟାନ୍ୟ ବିଚାରପତି ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିବେ।

# ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲରେ ମାନସିକ ସ୍ୱାସ୍ଥ୍ୟ ଦିବସ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ (ଫୁଲନଖରା କ୍ୟାମ୍ପସ) ପରେ ଅକ୍ଟୋବର ୯ ତାରିଖରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଓଡିଶା ସରକାରଙ୍କ ମାନସିକ ସ୍ୱାସ୍ଥ୍ୟ ଉପଦେଷ୍ଟା ପ୍ରଫେସର (ଡାକ୍ତର) ନୀଳମାଧବ ରଥ ଯୋଗଦେଇ ଉତମ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷର ଥିମ୍-"ଏଥର କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଅନ୍ତୁ" ଉପରେ ଡାକ୍ତର ରଥ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନର ଉପ କୁଳପତି ପ୍ରଫେସର (ଡାକ୍ତର) ପ୍ରସନ୍ନଜିତ୍ ମହାନ୍ତି, ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡାକ୍ତର ଅରକ୍ଷିତ ସ୍ୱାଇଁ, ଆସିଷ୍ଟାଂଟ ମେଡିକାଲ୍ ସୁପରିଟେଣ୍ଡେଂଟ ଡଃ ସିଦ୍ଧାର୍ଥ ଗୌତମ ପ୍ରମୁଖ ଯୋଗଦେଇ କର୍ମକ୍ଷେତ୍ରରେ ସୁସ୍ଥ ମାନସିକତା ସହ ସଠିକ୍ ଭାବେ ନିଜ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଆବଶ୍ୟକତା ଆଲୋକପାତ କରିଥିଲେ। ଏଥିରେ ମାନସିକ ବିଭାଗ ତରଫରୁ ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ଭବାନୀ ଶଙ୍କର ସିଟ୍, ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ଅଭିଷେକ ସାମଲ, ଡାକ୍ତର ସାଇପ୍ରସାଦ ରାୟ, ଡାକ୍ତର ସୁଜାତା ସାହୁ, ଡାକ୍ତର ଜ୍ଞାନେନ୍ଦ୍ର ରଘୁବଂଶୀ, ଡାକ୍ତର ସୁଚରିତା ମିଶ୍ର, ସିନିୟର୍ ରେସିଡେଂଟ ଡାକ୍ତର ସୁମାଇଲା ଆସିଫ୍ ପ୍ରମୁଖ ମାନସିକ ରୋଗ ଉପରେ ରହିଥିବା ବିଭିନ୍ନ ଭୁଲ ଧାରଣା, ରୋଗର ବିଭିନ୍ନ ଲକ୍ଷଣ ଏବଂ ଚିକିତ୍ସା ପଦ୍ଧତି ତଥା କର୍ମକ୍ଷେତ୍ରରେ କିପରି ବିଭିନ୍ନ ମାନସିକ ପରିସ୍ଥିତିକୁ ମୁକାବିଲା କରିହେବ ଏବଂ ଏକ ସୁସ୍ଥ ଜୀବନ ଯାପନ କରିହେବ ସେ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ହସ୍ପିଟାଲର ଅନ୍ୟ ବିଭାଗର ଡାକ୍ତର, ନର୍ସିଂ କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ମଧ୍ୟ ଯୋଗ ଦେଇଥିଲେ।




# କାଦମ୍ବିନୀର ଶାରଦୀୟ ବନ୍ଧୁ ମିଳନ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଲୋକପ୍ରିୟ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଜି କିସ୍ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ, ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରୁ ୫ଶହରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। 'କାଦମ୍ବିନୀ' ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କହିଲେ, କାଦମ୍ବିନୀ ପ୍ରତିବର୍ଷ କବି ଓ ସାହିତ୍ୟିକଙ୍କୁ ନେଇ ଶାରଦୀୟ ବନ୍ଧୁ ମିଳନ କରିଥାଏ। ଏହା ବ୍ୟତୀତ ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପ୍ରଚାର ଓ ଉନ୍ନତି ଦିଗରେ 'କାଦମ୍ବିନୀ' ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି ବୋଲି ସେ କହିଥିଲେ। ଆଜିର ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରଚାରକ, କବି ଓ ଗାଳ୍ପିକ ଡ. ସ୍ୱାମୀ ଚିଦାନନ୍ଦ ମହାରାଜ, ବିଶିଷ୍ଟ ବାଗ୍ମୀ, ସୁବକ୍ତା, ଧର୍ମଶାସ୍ତ୍ର ବିଶାରଦ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା କୃଷ୍ଣ କେଶବ ଷଡ଼ଙ୍ଗୀ, ପାଲା ଗାୟିକା ପ୍ରଜ୍ଞା ରାଉତ ଓ ଶିକ୍ଷାବିତ ଡ. ପ୍ରିତି ପ୍ରତିଭା ଭୋଳ ପ୍ରମୁଖ ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ଅଧ୍ୟାତ୍ମ ଉପରେ ବିଷଦ ଆଲୋଚନା କରିଥିଲେ। ସେଥି ସହ ଏହିସବୁ କ୍ଷେତ୍ରରେ କାଦମ୍ବିନୀର ଉଲ୍ଲେଖନୀୟ ଭୂମିକା ରହିଥିବା ଅତିଥିମାନେ ମତ ବ୍ୟକ୍ତ କରିଥିଲେ।

ଏହି ଅବସରରେ କାଦମ୍ବିନୀ ଓ କୁନିକଥାର ଶାରଦୀୟ ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଏଥିରେ ପ୍ରଚ୍ଛଦପଟ୍ଟରେ ସ୍ଥାନ ପାଇଥିବା ଅଭିନେତ୍ରୀ ଶୀତଲ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଦମ୍ବିନୀ ଓ କୁନିକଥା ସମ୍ପାଦିକା ଡ. ଇତିରାଣୀ ସାମନ୍ତ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ।

# ୱାର୍ଡୱିଜାର୍ଡ ପକ୍ଷରୁ ଇଲେକ୍ଟ୍ରିକ୍ ଯାନ ବିକ୍ରି

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଜୟ ଇ-ବାଇକ୍ ଓ ଜୟ ଇ-ରିକ୍ ବ୍ରାଣ୍ଡ୍ ଅଧୀନରେ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ନିର୍ମାଣ ଅଗ୍ରଣୀ କମ୍ପାନି ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡ୍ ପକ୍ଷରୁ ୨୦୨୪ ସେପ୍ଟେମ୍ବରରେ ୧୧୯୫ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ବିକ୍ରି କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଦୁଇ ତ୍ରୈମାସିକରେ କମ୍ପାନି ୭୨୦୧ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ବିକ୍ରି କରିସାରିଲାଣି, ଯେଉଁଥିରେ ଉଭୟ ହାଇସ୍ପିଡ୍ ଓ ଲୋ-ସ୍ପିଡ୍ ମଡେଲ୍ ରହିଛି। ୨୦୨୪ ସେପ୍ଟେମ୍ବରରେ ୱାର୍ଡୱିଜାର୍ଡ ଇନୋଭେନ୍ସ ପକ୍ଷରୁ ସାଉଦି ଆରବରେ ଯୌଥ ଉଦ୍ୟୋଗ ସ୍ଥାପନ କରିବା ଲାଗି ପ୍ରିନ୍ସ ଅବଦୁଲାଜିଜ ବିନ ତୁର୍କି ବିନ୍ ତଲାଲ ବିନ ଅବଦୁଲାଜିଜ ଅଲ୍ ସୌଦଙ୍କଠାରୁ ଲେଟର୍ ଅଫ୍ ଇଂଟେଂଟ୍ ହାସଲ କରାଯାଇଛି। ଏହି ସହଯୋଗିତାରେ ଇଲେକ୍ଟ୍ରିକ୍ ମୋଟରବାଇକ୍, ତିନିଚକିଆ,ଚାରିଚକିଆ, ବସ୍ ଓ ଇଭି ସେଲ୍ ଆସେମ୍ବଲି କରିବା ଲାଗି ଦୁଇଟି କାରଖାନା ସ୍ଥାପନ କରାଯିବ। ସ୍ଥାୟୀ ଗମନାଗମନ ସମାଧାନ ପ୍ରଦାନ କରିବା ପାଇଁ ୱାର୍ଡୱିଜାର୍ଡର ପ୍ରତିବଦ୍ଧତାକୁ ଏହା ଦର୍ଶାଉଥିବା ବେଳେ ବିଶ୍ୱସ୍ତରୀୟ ସମ୍ପ୍ରସାରଣ ଯୋଜନାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ।

# ଆମେରିକାରେ ଓଡ଼ିଶା ଏଆଇ ସମ୍ମିଳନୀ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଯୁକ୍ତରାଷ୍ଟ୍ର ଆମେରିକାଠାରେ ନିକଟରେ ପ ମ ଓଡ଼ିଶା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଭୟ ଆଭାସୀ ଓ ପ୍ରତ୍ୟକ୍ଷ ଢଙ୍ଗରେ ଆୟୋଜିତ ଏହି ମହାସମାବେଶରେ ବିଶ୍ୱର କୋଣ ଅନୁକୋଣର ଶତାଧିକ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିଶେଷଜ୍ଞ, ବୈଜ୍ଞାନିକ, ପରାମର୍ଶଦାତା, ଗବେଷକ, ଉଦ୍ଭାବକ ଏବଂ ଏଆଇ ସହିତ ସଂଶ୍ଳିଷ୍ଟ ପେଶାଦାରୀ ବ୍ୟକ୍ତି ବିଶେଷ ଯୋଗ ଦେଇଥିବା ଦେଖାଯାଇଥିଲା। କାଲିଫର୍ଣ୍ଣିଆସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ଓଡ଼ିଶା ଏଆଇ ଆନୁକୂଲ୍ୟରେ ଆହୂତ ଦୀର୍ଘ ୩୨ ଘଣ୍ଟାର ଏହି ଅଧିବେଶନ ବ୍ୟାପକ ଭାବରେ ସଫଳ ହୋଇଥିବା ଜଣାଯାଇଛି। ବିଶେଷକରି ଏହି ଆନ୍ତର୍ଜାତିକ ସମ୍ମିଳନୀର ବାସ୍ତବ ସ୍ଥଳ ଯଥା କାଲିଫର୍ଣ୍ଣିଆ, ଷ୍ଟକହୋମ, ଲଣ୍ଡନ, ଆବୁଧାବି, ଟୋକିଓ, ଜୋହାନ୍ସବର୍ଗ, ବେଙ୍ଗାଲୁରୁ, ଚେନ୍ନାଇ, ବ୍ରହ୍ମପୁର ଏବଂ ଭୁବନେଶ୍ୱର ଆଦିଠାରେ ଯୁବ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ, ଉତ୍କଣ୍ଠା ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା। 'ବର୍ତ୍ତମାନ ଜେନ ଏଆଇ, ପରବର୍ତ୍ତୀ କ'ଣ?' ଶୀର୍ଷକ ବହୁ ପ୍ରତୀକ୍ଷିତ ଏହି ଆଇଟି ମେଳାକୁ ସ୍ୱିଡେନର କର୍ଣ୍ଣେଲ ପ୍ରଫେସର ଆଦିତ୍ୟ ପରିଡ଼ା ଜାପାନରେ ସୂର୍ଯ୍ୟୋଦୟର ପ୍ରଥମ କିରଣ ଦୃଶ୍ୟମାନ ହେବା ମାତ୍ରେ ଶୁଭାରମ୍ଭ ଘୋଷଣା କରିଥିଲେ। ଆମେରିକୀୟ ସାମୋଆଠାରେ ସୂର୍ଯ୍ୟ ଦିଗବଳୟରୁ ଅସ୍ତମିତ ହେବା ସମୟରେ ଏହି ସମ୍ମିଳନୀରେ ଯବନିକା ପାତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁପ ସାହୁଙ୍କ ନେତୃତ୍ୱରେ ଜାପାନର ପ୍ରତିଭାବାନ ଟିମ ଏଆଇର ପ୍ରୟୋଗ ଉପରେ ଏକ ଚମତ୍କାର ବିଶ୍ଳେଷଣ ଉପସ୍ଥାପନ କରିଥିଲେ।

# ଖୋର୍ଦ୍ଧା ରୋଡ଼ ମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ପଖୱାଡା

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଆଜିଠାରୁ ୧୫ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ସ୍ୱଚ୍ଛତା ପଖୱାଡା ପାଳନ କରୁଛି। ଦେଶକୁ ପରିଷ୍କାର - ପରିଚ୍ଛନ୍ନ ରଖିବା ସହ ମହାତ୍ମା ଗାନ୍ଧୀ ଜୀଙ୍କର ସ୍ୱଚ୍ଛ ତଥା ବିକଶିତ ଭାରତର ସ୍ୱପ୍ନକୁ ପୂରଣ କରିବା ପାଇଁ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ। ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ. ବାଜ୍ୱା, ସମସ୍ତ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ, ନିଜକୁ ସ୍ୱଚ୍ଛ ରଖିବା ପାଇଁ ଏବଂ ସାଧାରଣ ଜନତାଙ୍କୁ ସ୍ୱଚ୍ଛତା ପ୍ରତି ଉତ୍ସାହିତ କରିବା ପାଇଁ ସ୍ୱଚ୍ଛତା ଶପଥ ଗ୍ରହଣ କରାଇଥିଲେ। ସ୍ୱଚ୍ଛତା କାର୍ଯ୍ୟକଳାପ ପ୍ରତି ସପ୍ତାହରେ ଦୁଇ ଘଣ୍ଟା ଉତ୍ସର୍ଗ କରିବାକୁ ଓ ସମସ୍ତଙ୍କୁ ସ୍ୱଚ୍ଛ ଭାରତ ମିଶନର ବାର୍ତ୍ତା ପ୍ରଚାର କରିବା ପାଇଁ ସମସ୍ତେ ପ୍ରତିଶ୍ରୁତି ନେଇଥିଲେ। ଏହି ଅବସରରେ ଖୋର୍ଦ୍ଧା ରୋଡ଼ ସ୍କାଉଟ୍ ଏବଂ ଗାଇଡ୍ ପିଲାମାନଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଉପରେ ଏକ ନୁକ୍କଡ ନାଟକ ପ୍ରଦର୍ଶିତ କରଯାଇଥିଲା। ମଣ୍ଡଳର ସମସ୍ତ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରେ କର୍ମଚାରୀମାନେ ସ୍ୱଚ୍ଛତା ଶପଥ ନେଇଛନ୍ତି। ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରେ ସ୍ୱଚ୍ଛତା ଉପରେ ବ୍ୟାନର, ପୋଷ୍ଟର, ଜିଙ୍ଗଲ୍ ଆଦି ପ୍ରଦର୍ଶନ କରାଯାଉଛି। ସ୍ୱଚ୍ଛତା ପଖୱାଡା ଅବସରରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଇଏନ୍‌ଏଚ୍‌ଏମ୍ ୱିଙ୍ଗ୍, ରେଳ ଷ୍ଟେସନ୍, ପରିସର, ଟ୍ରେନ୍, ଅଫିସ୍, କ୍ୟାଣ୍ଟିନ, ଖାଦ୍ୟ ଷ୍ଟଲ୍ ଏବଂ ରେଳବାଇ ଆବାସିକ ଅଞ୍ଚଳରେ ବିଭିନ୍ନ ପରିଷ୍କାର ପରିଚ୍ଛନ୍ନତା ତଥା ସଚେତନତା କାର୍ଯ୍ୟକ୍ରମ ପାଇଁ ଯୋଜନା କରିଛି।



# କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାରଠାରୁ ୩ ଦିନିଆ କେନ୍ଦୁଝର ଗସ୍ତରେ ଆସିବେ। ଗସ୍ତ ଅବସରରେ ସେ ନବମୀ ଓ ଦଶମୀରେ ବିଭିନ୍ନ ପୂଜାମଣ୍ଡପ ବୁଲିବା କାର୍ଯ୍ୟକ୍ରମ ରହିଛି। ଏଥିସହ ଦଶହରା ଅବସରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ୧୨ ତାରିଖ ଶନିବାର ଅପରାହ୍ଣ ୩ଟା୫୦ରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଚାଟାର ପ୍ଲେନ୍ ଯୋଗେ କେନ୍ଦୁଝର ଅଭିମୁଖେ ବାହାରିବେ। ଅପରାହ୍ଣ ୪ଟା୩୫ରେ କେନ୍ଦୁଝର ରାଇସୁଆଁ ଏୟାରଷ୍ଟ୍ରିପ୍ରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ କେନ୍ଦୁଝର ସର୍କିଟ ହାଉସରେ ପହଞ୍ଚିବେ। ସାଢ଼େ ୬ଟାରେ ବାଁପାରସ୍ଥିତ ସାଇ ମନ୍ଦିର ଯିବେ। ପରେ ନିଉ କଲୋନିସ୍ଥିତ ଦୁର୍ଗାମଣ୍ଡପରେ ଅନୁଷ୍ଠିତ ଦୁର୍ଗାପୂଜା, ଟେଲିଫୋନ ଏକ୍ସଚେଞ୍ଜ ଛକ ଦୁର୍ଗାପୂଜା ମଣ୍ଡପ, ଗୁଜରାଟୀ ସମାଜ ପକ୍ଷରୁ ନବରାତ୍ରି ଉତ୍ସବ-୨୦୨୪ରେ ସାମିଲ ହେବେ। ସେଠାରୁ ଫେରି ସର୍କିଟ ହାଉସରେ ରାତ୍ରିଯାପନ କରିବେ। ୧୩ ତାରିଖ ରବିବାର ରାଇକଳାସ୍ଥିତ ନିଜ ଘରକୁ ଯିବେ। ସେଠାରୁ ମଧ୍ୟାହ୍ନରେ ଝୁମ୍ପୁରା ଦୁର୍ଗାପୂଜା ମଣ୍ଡପ, ଅପରାହ୍ଣରେ ସୁନାରିପଶି ଦୁର୍ଗାପୂଜା ମଣ୍ଡପ, ଉଖୁଣ୍ଡା ଦୁର୍ଗାପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିବେ। କେନ୍ଦୁଝରେ ସର୍କିଟ୍ ହାଉସ୍‌ରେ ରାତ୍ରି ରହଣି କରି ସୋମବାର ଚାଟାର ପ୍ଲେନ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ।

# ଶ୍ରୀମନ୍ଦିରରେ ଓମ୍‌ଫେଡ ଘିଅ ବ୍ୟବହାର କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର ମହାସୁଆର ନିଯୋଗକୁ ଓମଫେଡ୍ ଘିଅ ବ୍ୟବହାର କରିବା ପାଇଁ ଚିଠି କରାଯାଇଛି। ପ୍ରଶାସନର ଏହି ନିର୍ଦ୍ଦେଶ ପରେ ଶ୍ରୀମନ୍ଦିର ଅବାଢ଼ ଦାମ ଦୁଇଗୁଣା ହୋଇଯାଇଛି। ଘିଅ ଅନ୍ନ, କାନିକା ଓ ଘିଅରେ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ସମେତ ଶୁଖିଲି ମହାପ୍ରସାଦ ଦାମ୍ ବଢ଼ିଯାଇଛି। ବାଇହାଣ୍ଡି ଘିଅ ଅନ୍ନ ଦାମ୍ ପ୍ରାୟ ୨ ହଜାର ସ୍ଥାନରେ ଏବେ ପ୍ରାୟ ୩୫୦୦ ହୋଇଥିବା ବେଳେ କାନିକା ୩ ହଜାର ସ୍ଥାନରେ ୪ ହଜାର ହୋଇଛି।

ସେହିପରି ଖଜା ୫ ଓ ୧୦ ଟଙ୍କା ସ୍ଥାନରେ ପ୍ରାୟ ୨୦ ଓ ୪୦ ଟଙ୍କା ହୋଇଛି। ପିଠା, ମଗଜ ଲଡୁ ପ୍ରଭୃତି ଘିଅ ଛଣା ମହାପ୍ରସାଦ ଦର ମଧ୍ୟ ବିଯାଇଛି।

ଶ୍ରୀମନ୍ଦିର ଆନନ୍ଦ ବଜାରରେ ଏଭଳି ହୁହୁ ଦର ବଢ଼ିଯିବା ଦେଖବ ଶ୍ରଦ୍ଧାଳୁମାନେ ଚିନ୍ତାପ୍ରକଟ କରିଛନ୍ତି। ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି କରୁଥିବା ସୁଆର ଓ ସେମାନଙ୍କ ସହଯୋଗୀମାନେ ଏଥିପାଇଁ ଓମଫେଡ୍ ବ୍ୟବହୃତ ଘିଅକୁ ଦାୟୀ କରୁଛନ୍ତି। ଆଗରୁ ଡାଲଡାରେ ସବୁ ପ୍ରସ୍ତୁତ ହେଉଥିବା ବେଳେ ଏବେ ଓମଫେଡ୍ ବ୍ୟବହାର ହେଉଥିବାରୁ ଦାମ୍ ଦୁଇଗୁଣା ହୋଇଗଲା ବୋଲି ଶ୍ରଦ୍ଧାଳୁଙ୍କୁ ବୁଝାଇ ବିକ୍ରି କରୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଶ୍ରୀମନ୍ଦିରରେ ଶୋଷଣ ମୁକ୍ତ ବ୍ୟବସ୍ଥା କରିବା ନିମନ୍ତେ ମହାପ୍ରସାଦ ଦର ତାଲିକା ଲଗାଗଲା ନାହିଁ। ତେଣୁ ଆନନ୍ଦ ବଜାରରେ ଯାହା ପାଟିରୁ ବାହାରୁଛି ଶ୍ରଦ୍ଧାଳୁ ତାହା ଦେବାକୁ ବାଧ ହେଉଛି, ନଚେତ୍ ମୁହଁ ଶୁଖାଇ ଘରକୁ ଯାଉଛି।

ଏ ନେଇ ଶ୍ରୀମନ୍ଦିର ବଡୁ ସୁଆର ନିଯୋଗ ସଭାପତି ବିଶ୍ୱନାଥ ସାମନ୍ତରା କହିଛନ୍ତି, ଯେଉଁଠି ସାଧାରଣ ଘିଅ କେଜି ୨୦୦ ଟଙ୍କାରେ ମିଳୁଥିଲା ସେଠାରେ ଓମଫେଡ୍ ଘିଅ କେଜି ପିଛା ୬୨୦ ଟଙ୍କା ପଡୁଛି। ତେଣୁ ଏଥିରେ ମହାପ୍ରସାଦ ପ୍ରସ୍ତୁତ କଲେ ଦର ବଢ଼ିବ। ଶ୍ରୀମନ୍ଦିରକୁ ପ୍ରତିଦିନ ଶହ ଶହ ଟିଣ ଓମଫେଡ୍ ଘିଅ ଆସୁଥିବାରୁ ଏହାର ମାନ ପରୀକ୍ଷା କରିବା ଆବଶ୍ୟକ। ପ୍ରଶାସନ ଏକ ଗୋଶାଳା ସହ ସହଭାଗିତା କରି କିପରି ଦେଶୀ ଗାଇ ଘିଅ ମିଳିବ ସେଥିନିମନ୍ତେ ଦୃଷ୍ଟି ଦେବା ଉଚିତ୍ ବୋଲି ଶ୍ରୀ ସାମନ୍ତରା ମତ ଦେଇଛନ୍ତି।

# ମା' ଓ ପିଲାଙ୍କ ପାଇଁ ଉତ୍କଳ ଆଲୁମିନାର 'ପ୍ରୋଜେକ୍ଟ ଉର୍ମି'

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ନିକଟରେ 'ପ୍ରୋଜେକ୍ଟ ଉର୍ମି' ପ୍ରଚଳନ କରିଛି। ଏହା ରାୟଗଡାର କାଶୀପୁର ବ୍ଲକ ଏବଂ କଳାହାଣ୍ଡିର ଥୁଆମୂଳ ରାମପୁର ବ୍ଲକରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ରଖୁଛି। ପ୍ରୋଜେକ୍ଟ ଉର୍ମି ତିନିବର୍ଷ ଅବଧି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ, ଯାହା ହଜାର ହଜାର ଜୀବନକୁ ସ୍ପର୍ଶ କରିବ।

ଏହା ୪୦ଟି ଗ୍ରାମରେ ୫,୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ପରିସରଭୁକ୍ତ କରିବା ଲକ୍ଷ୍ୟ ରଖିଛି। ଏହାର ଆଭିମୁଖ୍ୟ ମଧ୍ୟରେ ଏହାର ଧାର୍ଯ୍ୟଲକ୍ଷ୍ୟ ଗୋଷ୍ଠୀଙ୍କର ସାମ୍ପ୍ରତିକ ସ୍ୱାସ୍ଥ୍ୟ ସ୍ଥିତି ସମ୍ପର୍କର ଆକଳନ କରିବାକୁ ମୂଳସ୍ତର, ମଧ୍ୟମ ସ୍ତର ଏବଂ ଶେଷ ସ୍ତର ଅନୁଧ୍ୟାନ ସାମିଲ ରହିଛି। ପ୍ରକଳ୍ପରେ କିଶୋରୀମାନଙ୍କର ଗୋଷ୍ଠୀ ଗଠନ ଏବଂ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ, ଶରୀର ରକ୍ଷା ଏବଂ ଜୀବନ ନିମନ୍ତେ ଆବଶ୍ୟକ କୌଶଳ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମଗୁଡିକର ରୂପାୟନ ଅନ୍ତର୍ଭୁକ୍ତ। ଏହା ବିଶେଷକରି କିଶୋରୀ ବାଳିକା, ମା' ଏବଂ ଗର୍ଭବତୀ ମହିଳାଙ୍କୁ ପ୍ରଭାବିତ କରୁଛି।




ଛଅମାସ ମଧ୍ୟରେ ଏହି ପ୍ରୋଜେକ୍ଟ ସଫଳତାର ସହିତ ୪୦ଟି କିଶୋରୀ କ୍ଲବ ଗଠନ କରିବା ସହିତ ଗୋଷ୍ଠୀ ନିୟୋଜନତା ଓ ସମର୍ଥନକୁ ପ୍ରୋତ୍ସାହନ ଯୋଗାଇ ଦେଉଛି। ଏହା ୩୭୫ ଜଣଙ୍କ କ୍ଷେତ୍ରରେ ସନ୍ତାନ ପୂର୍ବବର୍ତ୍ତୀ ଯତ୍ନ (ଏଏନସି) ଏବଂ ୫୨୬ ପ୍ରସବ ପରବର୍ତ୍ତୀ ଯତ୍ନ (ପିଏନସି) ସ୍ୱାସ୍ଥ୍ୟ ପଞ୍ଜିକରଣ ସୁନିଶ୍ଚିତ କରିଛି ଏବଂ ମା'ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି। ଏପର୍ଯ୍ୟନ୍ତ ୯୦୨ ଜଣ କିଶୋରୀ ବାଳିକା ଏବଂ ୫୮୨ ନବଜାତ ଶିଶୁଙ୍କୁ ଏହାର ପରିସରଭୁକ୍ତ କରାଯାଇସାରିଛି, ଯାହା ଜନସମୁଦାୟ ମଧ୍ୟରେ ଏହାର ପହଞ୍ଚକୁ ପ୍ରସାରିତ କରୁଥିବା ପ୍ରଦର୍ଶିତ କରୁଛି। ପ୍ରୋଜେକ୍ଟ ଉର୍ମିର ଏକ ଉଲ୍ଲେଖନୀୟ ସଫଳତା ହେଉଛି ଋତୁସ୍ରାବ ସମ୍ପର୍କିତ ସ୍ୱାସ୍ଥ୍ୟରକ୍ଷା ଉପରେ ଏହାର ଦୃଷ୍ଟିନିବଦ୍ଧତା, ଏହା କିଶୋରୀମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ୧୦୦ରୁ ସାନିଟାରୀ ନାପକିନ ବିତରଣ କରୁଛି। ଏଥିସହିତ ଏହି ପ୍ରୋଜେକ୍ଟ ୨୪୭ ଚିକିତ୍ସାଳୟରେ ସନ୍ତାନ ପ୍ରସବକୁ ସୁଗମ କରାଇଛି, ଯଦ୍ଦ୍ୱାରା ଉକ୍ତ ଅଞ୍ଚଳରେ ମାତୃତ୍ୱ ସ୍ୱାସ୍ଥ୍ୟ ଫଳାଫଳରେ ଉନ୍ନତି ଆଣିବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ଼ କରୁଛି। ମା' ଓ ଶିଶୁମାନଙ୍କର ପୁଷ୍ଟିଗତ ଆବଶ୍ୟକତା ପ୍ରତି ଦୃଷ୍ଟିଦେବା ପ୍ରୟାସରେ ଏହି ପ୍ରୋଜେକ୍ଟ ନବୋନ୍ମେଷୀ ସମାଧାନ ପ୍ରଚଳନ କରିବା ସହିତ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରମାନ ଆୟୋଜନ କରୁଛି। ଏହି ପ୍ରୟାସଗୁଡିକ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ଆକଳନ ଓ ଟିକାକଣର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରୁଛି। ପ୍ରୋଜେକ୍ଟ ଉର୍ମିର ଆକାଙ୍କ୍ଷିତ ଲକ୍ଷ୍ୟଗୁଡିକ ମଧ୍ୟରେ ୧୦୦ ପ୍ରତିଶତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ସନ୍ତାନ ପ୍ରସବ, ସମସ୍ତଙ୍କର ଟିକାକରଣ ସମ୍ପୂର୍ଣ୍ଣ କରିବା ଏବଂ ସାର୍ବଜନୀନ ଋତୁସ୍ରାବ ସମ୍ପର୍କିତ ସ୍ୱାସ୍ଥ୍ୟରକ୍ଷା ଅଭ୍ୟାସ ହାସଲ ଆଦି ଅନ୍ତର୍ଭୁକ୍ତ। ପ୍ରୋଜେକ୍ଟର ଅଶେଷ ପ୍ରଭାବ ସମ୍ପର୍କରେ ଆଲୋକପାତ କରି ଶ୍ରୀ ରବି ମିଶ୍ର, ୟୁନିଟ ହେଡ୍, ଉତ୍କଳ ଆଲୁମିନା କହିଛନ୍ତି, "ପ୍ରୋଜେକ୍ଟ ଉର୍ମି ଆମ ଜନ ସମୁଦାୟଙ୍କ ନିମନ୍ତେ ଆଶା ଓ ପ୍ରଗତିର ଏକ ଧ୍ୱଜାଧାରୀ ହୋଇଛି।

# ଏକସଙ୍ଗେ ନିର୍ବାଚନ

ଅକ୍ଟୋବର ୮ରେ ଉଭୟ ରାଜ୍ୟର ଭୋଟ ଗଣତି ଏକତ୍ର ହେବ। ଏହା ପରେ ନଭେମ୍ବରରେ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ହେବ। ଏବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମହାରାଷ୍ଟ୍ର ସହ ଦିଲ୍ଲୀ ବିଧାନସଭା ପାଇଁ ମଧ୍ୟ ଏକତ୍ର ନିର୍ବାଚନ କରିବାକୁ ଦାବି କଲେଣି। ଏହା ଗ୍ରହଣୀୟ ଏବଂ ଯୁକ୍ତିଯୁକ୍ତ। ଗତ ମେ' ମାସରେ ଲୋକସଭା ସହ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ହିତ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ହୋଇଥିଲା। ଲୋକସଭା ନିର୍ବାଚନ ପୂର୍ବରୁ ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ ଆଦି ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଥିଲା। ଆସନ୍ତା ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଅର୍ଥାତ ବର୍ଷକ ଭିତରେ ୧୩ଟି ରାଜ୍ୟ ବିଧାନସଭା ନିର୍ବାଚନ କିଛି କିଛି ସମୟ ଅନ୍ତରାଳରେ ହେଉଛି। ଏସବୁ ରାଜ୍ୟର ବିଧାନସଭା ନିର୍ବାଚନ ଲୋକସଭା ସହ ଏକତ୍ର କରିବା ସମ୍ଭବ ହୋଇଥାଆନ୍ତା। ଅବଶ୍ୟ ଯୋରଜବରଦସ୍ତ କୌଣସି ରାଜ୍ୟ ବିଧାନସଭାକୁ ଆଗୁଆ ଭାଙ୍ଗିବା ଉଚିତ ନୁହେଁ ବା ସାମ୍ବିଧାନିକ ଦୃଷ୍ଟିରୁ ସମ୍ଭବ ନୁହେଁ। କିନ୍ତୁ ସହମତି ଭିତ୍ତିରେ ଏସବୁ ରାଜ୍ୟରେ ଏକତ୍ର ନିର୍ବାଚନ କରାଯାଇପାରିଥାଆନ୍ତା। ଏହା ଦ୍ୱାରା ଖର୍ଚ୍ଚ କମ ଏବଂ ସମୟର ଅପଚୟକୁ ଅନେକାଂଶରେ ରୋକାଯାଇପାରିଥାଆନ୍ତା। ପ୍ରଧାନମନ୍ତ୍ରୀ ବାରମ୍ବାର ୱାନ ନେସନ ୱାନ ଇଲେକ୍ସନ କଥା କହୁଛନ୍ତି। ଏହା ବାସ୍ତବତାରେ ପରିଣତ ହେବା ସହଜ ନୁହେଁ। କିନ୍ତୁ ପର୍ଯ୍ୟାୟକ୍ରମେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ଅନ୍ତତଃପକ୍ଷେ ୧୦ଟି ରାଜ୍ୟ ବିଧାନସଭା ନିର୍ବାଚନ ହୋଇପାରିବ। ଲୋକସଭା ନିର୍ବାଚନ ସହିତ ନହେଉ ପଛେ ଏକକାଳୀନ ଏସବୁ ରାଜ୍ୟର ବିଧାନସଭା ନିର୍ବାଚନ ହୋଇପାରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୧୦ଟି ରାଜ୍ୟର ବିଧାନସଭା ନିର୍ବାଚନ ହୋଇପାରିବ। ନିର୍ବାଚନ ବିଧି ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ଦିନଠାରୁ ଆଦର୍ଶ ଆଚରଣବିଧି ଲାଗୁ ହେବା କଥା। ବାରମ୍ବାର ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ହେବା ଦ୍ୱାରା ଆଦର୍ଶ ଆଚଣବିଧି ଲାଗୁ ହେଉଛି ଏବଂ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାକୁ ଯଥାସମ୍ଭବ ହ୍ରାସ କରାଯିବା ଉଚିତ। ଏବେ ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ହରିୟାନା ବିଧାନସଭାକୁ ଭଙ୍ଗ କରାଗଲା। ତେବେ ଆଉ ୩ ମାସ ପୂର୍ବରୁ ଏହାକୁ ଭାଙ୍ଗି ଲୋକସଭା ସହିତ ଏକତ୍ର ଭୋଟ ଗ୍ରହଣ କରାଯାଇପାରିଥାଆନ୍ତା। ୨୦୦୪ରେ ନବୀନ ପଟ୍ଟନାୟକ ଠିକ ଏହି ନୀତି ଅନୁସରଣ କରି ରାଜ୍ୟ ବିଧାନସଭାକୁ ବର୍ଷକ ଆଗରୁ ଭାଙ୍ଗି ଦେଇଥିଲେ। ମହାରାଷ୍ଟ୍ରରେ ଯେପରି ରାଜନୈତିକ ଅସ୍ଥିରତା ଲାଗି ରହୁଛି ସେଥିରେ ଏଠାରେ ଆଗୁଆ ବିଧାନସଭା ନିର୍ବାଚନ କରିବା ଉଚିତ ଥିଲା। ତେବେ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ପ୍ରସଙ୍ଗ ଭିନ୍ନ ଥାଏ। ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନ ବେଳେ ଯେଉଁ ପ୍ରସଙ୍ଗ ଥିଲା ତାହା ବିଧାନସଭା ନିର୍ବାଚନରେ ନଥାଇପାରେ। ତେଣୁ ଅନେକ ସମୟରେ ଶାସକ ବା ବିରୋଧୀ ରାଜନୈତିକ ଦଳମାନେ ଏକତ୍ର ନିର୍ବାଚନ ଚାହାଁନ୍ତି ନାହିଁ। ଏହା ଦ୍ୱାରା ପ୍ରସଙ୍ଗ ପାଣିଚିଆ ହୋଇଯିବାର ଆଶଙ୍କା ଥାଏ। ହରିୟାନାରେ ଲୋକସଭା ନିର୍ବାଚନ ବେଳେ ଜନମତ ଯାହା ଥିଲା, ଆଗାମୀ ବିଧାନସଭା ନିର୍ବାଚନରେ ତାହା ବଦଳିଯାଇପାରେ। ତେବେ ଭୋଟରମାନେ ଏବେ ବେଶ ସଚେତନ ହେଲେଣି। ସେମାନେ ଏକାଠି ନିର୍ବାଚନ ହେଲେ ମଧ୍ୟ ସଠିକ ନିଷ୍ପତ୍ତି ନେବେ। ଓଡ଼ିଶାବାସୀ ଏହାକୁ ପ୍ରମାଣିତ କରିଛନ୍ତି। ତେଣୁ ଲୋକସଭା ସହିତ ଏକତ୍ର ୧୦ଟି ରାଜ୍ୟର ବିଧାନସଭା ନିର୍ବାଚନ ନହେଲେ ମଧ୍ୟ ଆଗୁଆ କିମ୍ବା ପଛୁଆ ଏକତ୍ର ୧୫ଟି ରାଜ୍ୟର ବିଧାନସଭା ନିର୍ବାଚନ ହୋଇପାରିବ। ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସବୁ ଦଳ ମିଶି ଏହି ନିଷ୍ପତ୍ତି ନେବାର ବେଳ ଆସିଛି।

# ଅଜୟ କୁମାର ବେହେରା

॥ ଡକ୍ଟର ଅଜୟ କୁମାର ନନ୍ଦ ॥

*(ବର୍ତ୍ତମାନ ସମାଜରେ ନାରୀ ହିଁ ଭୋଗ୍ୟ ବସ୍ତୁ ରୂପେ ପରିଗଣିତ ହେଉଛନ୍ତି ସୁତରାଂ ନାରୀଜାତି ଆଜିବି ପୁରୁଷଙ୍କ ଆସୁରିକ ମାନସିକତା କବଳରୁ ମୁକ୍ତ ନୁହଁନ୍ତି। ଦିନକୁ ଦିନ ଧର୍ଷଣ, ଲୁଣ୍ଠନ, ପ୍ରତାରଣା, ଛାଡପତ୍ର ଆଦି ଅପସଂସ୍କାର ବଢି ବଢି ଚାଲିଛି। ମା, ଭଉଣୀମାନେ ଏକୁଟିଆ କୌଣସି ପରିସ୍ଥିତିରେ ଆଦୌ ସୁରକ୍ଷିତ ନୁହଁନ୍ତି। ଏହାର ଉତ୍ତର ଆମକୁ ଖୋଜି ଅବିଳମ୍ବେ ସେମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ସହିତ ଅଧିକ ସମ୍ବୋଧନଶୀଳ ହେବା ହିଁ ହେବ ମାତୃ ଉପାସନାର ପ୍ରକୃତ ଆଭିମୁଖ୍ୟ। ପରିଶେଷରେ ଶାରଦୀୟ ମହାମନ୍ତ୍ର 'ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା ନମଃସ୍ତସୈ ନମଃସ୍ତସୈ ନମଃସ୍ତସୈ ନମଃ ନମଃ'' ସମସ୍ତଙ୍କ ହୃଦୟରେ ଗୁଞ୍ଜରଣ କରିବା ସହିତ ମାତୃ ଭକ୍ତିର ସନ୍ଦେଶ ଦେଉ।)*

ଭାରତୀୟ ସଂସ୍କୃତିରେ ମାତୃ ଉପାସନା ବା ଦେବୀ ପୂଜା ଅତି ପ୍ରାଚୀନ। ଭାରତରେ ବସବାସ କରୁଥିବା ହିନ୍ଦୁଙ୍କ ସମେତ ବିଭିନ୍ନ ଧର୍ମାବଲମ୍ବୀ ଯଥା ବୌଦ୍ଧ, ଜୈନ, ଶୈବ, ବୈଷ୍ଣବ, ଗାଣପତ୍ୟ ଆଦି ସମ୍ପ୍ରଦାୟ ମାତୃ ଉପାସନାର ଗୁରୁତ୍ୱକୁ ବେଶ୍ ଉପଲବ୍ଧି କରିଥାନ୍ତି। କୁହାଯାଏ ବିବିଧତା ମଧ୍ୟରେ ଏକତା ହିଁ ଭାରତୀୟ ସଂସ୍କୃତି ମୂଳ ଆଭିମୁଖ୍ୟ ଯାହା ଭାଇଚରାକୁ ସମୃଦ୍ଧ କରି ରଖିଛି। ଏକଥା ସତ ଯେ, ପୂଜା ପାର୍ବଣ ଆଦି ମଣିଷର ବୌଦ୍ଧିକ ଚେତନାରେ ବିକାଶ ସହିତ ଧାର୍ମିକ ଭାବ, ଭକ୍ତି, ବିଶ୍ୱାସ, ଉପାସନା ମାଧ୍ୟମରେ ଆତ୍ମ ତୃପ୍ତି ଲାଭ କରେ। ଯୁଗେ ଯୁଗେ ମାନବୀୟ କଲ୍ୟାଣ ସାଧନରେ 'ମାତୃ ଶକ୍ତି'ର ଉପଯୋଗରେ ଅନେକ ବିପତ୍ତି, ଦୁଃଖ, କ୍ଲିଷ୍ଟ ହରଣ ହୋଇଥିବା ବିଭିନ୍ନ ପୁରାଣରେ ବର୍ଣ୍ଣନା ହୋଇଛି। ଆଦିମ କାଳରେ ଦେବୀଙ୍କୁ ସର୍ବଶକ୍ତିମୟୀ ବୋଲି ବର୍ଣ୍ଣନା କରାଯାଇଛି। ଚଣ୍ଡି ପୁରାଣ ସମେତ ଅନ୍ୟାନ ପୁରାଣ ଗ୍ରନ୍ଥରେ ଦେବୀଙ୍କ ପୂଜା ଆରଧନା ଓ ପରାକ୍ରମ ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି। ପୁରାଣ ତଥ୍ୟରୁ ଜଣାଯାଏ ଯକ୍ଷ ପ୍ରଜାପତିଙ୍କ ଦ୍ୱାରା ଅନୁଷ୍ଠିତ ଯଜ୍ଞ ସ୍ଥଳରେ ଦେବୀ ସତୀ ଅପମାନିତ ହୋଇ ଦେହତ୍ୟାଗ କରିଥିଲେ। ଏଥିରେ ରୁଦ୍ର ପାଗଳ ପ୍ରାୟ ହୋଇ ଦେବୀ ସତୀଙ୍କ ଅର୍ଦ୍ଧଦଗ୍ଧ ମରଶରୀରକୁ କାନ୍ଧରେ ବହନ କରି ସର୍ବତ୍ର ଉନ୍ମାଦ ହୋଇ ବୁଲିବାକୁ ଲାଗିଲେ। ଶଙ୍କର ଭଗବାନ ଏପରି ଦୁର୍ଦ୍ଦଶା ଦେଖି ସହିପାରିଲେନି ଭଗବାନ ବିଷ୍ଣୁ। ବିଶ୍ୱ କଲ୍ୟାଣ ପାଇଁ ନିଜ ସୁଦର୍ଶନ ଚକ୍ରରେ ଦେବୀଙ୍କ ଶବକୁ ଏକାବନ ଖଣ୍ଡ କରି ବିଭିନ୍ନ ସ୍ଥାନକୁ ନିକ୍ଷେପ କରିଥିଲେ। ଦେବୀଙ୍କ ଦେହାଂଶ ଯେଉଁଠି ଯେଉଁଠି ପଡ଼ିଥିଲା ସେହିଠାରେ ଗୋଟିଏ ଗୋଟିଏ ଶକ୍ତି ପୀଠ ସ୍ଥାପନ ହେଲା। ଏହି ଶକ୍ତି ପୀଠ ମଧ୍ୟରେ ସତୀଙ୍କ ଡ଼ାହାଣ ହାତ ପଡିଥିବା ପାକିସ୍ତାନ ଅଧିନସ୍ଥ କାଶ୍ମୀରର ଥିବା ସାରଦା ଶକ୍ତିପୀଠ, ସତୀଙ୍କ ଡାହାଣ ପାଦର ବୁଢା ଆଙ୍ଗୁଠି ପଡ଼ିଥିଲା କଲିକତାର କାଳୀଘାଟ ଶକ୍ତିପୀଠ, ସତୀଙ୍କର ଗହଣା ଓ ଆଖି ପଡ଼ିଥିଲା ବାରଣାସୀର ବିଶାଳାକ୍ଷୀ ଶକ୍ତି ପୀଠ, ସତୀଙ୍କ ଖାଇବା ଉଚିଷ୍ଟ ପଡିଥିବା ଶ୍ରୀମନ୍ଦିରସ୍ଥ ବିମଳା ଶକ୍ତିପୀଠ, ସତୀଙ୍କ କେଶ ପଡ଼ିଥିବା ମହୀଶୂରରେ ଥିବା ଚାମୁଣ୍ଡେଶ୍ୱରୀ ଶକ୍ତି ପୀଠ ଓ ସତୀଙ୍କ ଶେଷ ଅଂଶ ପଡିଥିବା ପ୍ରୟାଗରାଜରେ ଥିବା ଆଲୋପିଦେବୀ ଶକ୍ତି ପୀଠ, ଇତ୍ୟାଦି। ଉତ୍କଳର ପୁରପଲ୍ଲୀ ଥିବା ବିଭିନ୍ନ ଶକ୍ତି ପୀଠ ବିଶେଷତଃ ତାରାତାରିଣୀ, ବିରଜା, ଚର୍ଚ୍ଚିକା, ହିଙ୍ଗୁଳା, ଭଗବତୀ, ତାରିଣୀ, ସମଲେଶ୍ୱରୀ, ନାରାୟଣୀ, ଭୁବେନଶ୍ୱରୀ, ମଙ୍ଗଳା, ସାରଳା, ରାମଚଣ୍ଡି, ଭୈରବୀ, ଦକ୍ଷିଣକାଳୀ ଆଦି ଶକ୍ତି ପୀଠ ସମେତ ଗାଁ ଗହଳରେ ଥିବା ସମସ୍ତ ଦେବୀ ପୀଠରେ ଷୋଡଶ ଉପଚାର ପୂଜା ହେଉଥିବାବେଳେ ସହର ବଜାରରେ ମା' ଦୁର୍ଗାଙ୍କ ମୃଣ୍ମୟମୂର୍ତ୍ତି ପାଖରେ ବିଲ୍ୱବରଣ ଷଠୀ ତିଥିରୁ ପୂଜାର୍ଚ୍ଚନା ହୋଇ ବିଜୟା ଦଶମୀ ପର୍ଯ୍ୟନ୍ତ ପୂଜାପାଠ କରାଯାଏ ଯାହା ସର୍ବତ୍ର ଭକ୍ତିମୟ ପରିବେଶ ସୃଷ୍ଟି କରିବା ସହିତ ସମସ୍ତଙ୍କ ମନରେ ମାତୃ ଭକ୍ତି ମାନସିକତା ଜାଗ୍ରତ ହୋଇଥାଏ। ପ୍ରତିବର୍ଷ ପିତୃ ପକ୍ଷ ପରେ ଆରମ୍ଭ ହୋଇଥାଏ ମାତୃ ପକ୍ଷ ଅର୍ଥାତ୍ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳ ପକ୍ଷ ନବମୀ ଅର୍ଥାତ୍ ଷୋଳ ଦିନ ବ୍ୟାପୀ ସର୍ବତ୍ର ଶାରଦୀୟ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ମା'ଙ୍କ ନବରାତ୍ର ପୂଜାରେ ପ୍ରଥମ ତିନିଦିନ ମହାଲକ୍ଷ୍ମୀ, ମଝି ତିନିଦିନ ମହାକଳୀ ଓ ଶେଷ ତିନିଦିନ ସରସ୍ୱତୀଙ୍କ ରୂପରେ ପୂଜା କରାଯାଏ। ତେଣୁ ବିଜୟା ଦଶମୀ ଦିନ ପୁରପଲ୍ଲୀରେ ଲୋକମାନେ ଦୈନନ୍ଦିନ ବ୍ୟବହାର କରୁଥିବା ସାମଗ୍ରୀ, ବ୍ୟବହୃତ ଗାଡି ମଟର ଏବଂ ଛାତ୍ର ଛାତ୍ରୀମାନେ ବହି, ବସ୍ତାନି, ପେନ୍ ଏବଂ ନୂଆ କରି ବିଦ୍ୟା ଆରମ୍ଭ କରୁଥିବା ଶିଶୁ ଖଡି ଛୁଇଁ ବିଦ୍ୟାରମ୍ଭ କରନ୍ତି ଯାହାକୁ ଗାଁ ଗହଳିରେ 'ସଜ ବସା' ବୋଲି କହନ୍ତି। ଏହି ନଅ ଦିନ ମା'ଙ୍କ ନଅଟି ନାମ ଯଥା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ର ନାମରେ ପୂଜାର୍ଚ୍ଚନା କରାଯାଏ। କୁହାଯାଏ ମା' ଦୁର୍ଗାଙ୍କୁ ଉପାସନା କଲେ ମଣିଷ ଧର୍ମ, ଅର୍ଥ, କାମ, ମୋକ୍ଷ ଆଦି ଚତୁର୍ବର୍ଗ ଫଳ ପ୍ରାପ୍ତି ହୋଇଥାଏ। ହିନ୍ଦୁ ପୁରାଣ ଅନୁଯାୟୀ ମହିଷାସୁର ନାମକ ରାକ୍ଷସ ନିଜର ତପସ୍ୟାରେ ଶଙ୍କର ଭଗବାନଙ୍କୁ ସନ୍ତୁଷ୍ଟ କରି କୌଣସି ମନୁଷ୍ୟ ଓ ଦେବତା ହତ ନ ହେବାର ବର ପ୍ରାପ୍ତି ହୋଇଥିଲା। ନିଜକୁ ସର୍ବଶକ୍ତିମାନ ମନେକରି ତିନି ଲୋକରେ ଆତଙ୍କ ବାତାବରଣ ଖେଳାଇ ଦେଇଥିଲା। ଏକଦା ମହିଷାସୁର ରାକ୍ଷସ ଅତ୍ୟାଚାରରେ ଅତିଷ୍ଠ ହୋଇ ଇହଲୋକ ଓ ଦେବଲୋକ ତ୍ରାହି ତ୍ରାହି ଡାକ ଛାଡିଲେ। ଦେବାଦେବୀଙ୍କ ଅସହାୟତା ଦେଖି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବହୁତ କ୍ରୋଧିତ ହୋଇଥିଲେ, ତାଙ୍କ କ୍ରୋଧରୁ ଏକ ତେଜୀୟାନ୍ ଅଗ୍ନି ଆବିର୍ଭାବ ହୋଇ ଏକ ବିରାଟ ଶକ୍ତିରେ ପରିଣତ ହେଲା। ଏହା ଦେଖି ସମସ୍ତ ଦେବାଦେବୀ ଆଶ୍ଚର୍ଯ୍ୟ ପ୍ରକଟ କରି ଖୁସିରେ ନିଜ ନିଜର ଅସ୍ତ୍ରଶସ୍ତ୍ର ପ୍ରଦାନ କଲେ ଶେଷରେ ହିମାଳୟ ଏକ ଅପେରାଜୟ ସିଂହ ପ୍ରଦାନ କରିବାରୁ ସେ ମହାଶକ୍ତିରେ ପରିଣତ ହୋଇ ମହାଅଷ୍ଟମୀରେ ମହିଷାସୁରକୁ ବଦ୍ଧ କରିବାକୁ ସକ୍ଷମ ହୋଇଥିଲେ। ସମସ୍ତ ଦେବାଦେବୀଙ୍କୁ ଏହି ଦୁର୍ଗତିରୁ ରକ୍ଷା କରିଥିବାରୁ ତାଙ୍କୁ ମା ଦୁର୍ଗା ବୋଲି ନାମକରଣ କରାଯାଇଥିଲା। ରଘୁବୀର ଶ୍ରୀରାମ ଚନ୍ଦ୍ର, ମାତା ସୀତାଙ୍କୁ ଉଦ୍ଧାର କରିବା ଲାଗି ଲଙ୍କାପତି ରାବଣଙ୍କୁ ବିଜୟା ଦଶମୀରେ ବଦ୍ଧ କରିଥିଲେ। ଏହା ଥିଲା ଅଧର୍ମ ଉପରେ ଧର୍ମର ଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟ। ଉତ୍କଳୀୟ ପରମ୍ପରାରେ ବର୍ଷରେ ଦୁଇଥର ଦୁର୍ଗା ପୂଜା ପାଳନ କରାଯାଏ ଗୋଟିଏ ବାସନ୍ତୀକ ଦୁର୍ଗା ପୂଜା ଓ ଶାରଦୀୟ ଦୁର୍ଗାପୂଜା। ଶାରଦୀୟ ଦୁର୍ଗାପୂଜାରେ ବର୍ଣ୍ଣାଢ୍ୟ ତୋରଣ ସାଜସଜାରେ ରାଜଧାନୀ ଭୁବନେଶ୍ୱର ଓ ସୁନା ରୂପା ତାରକସି କାମରେ କଟକ, ଦେଶର ସମସ୍ତ ସହରକୁ ପଛରେ ପକାଇଥାଏ। ବାଣିଜ୍ୟ, ବ୍ୟବସାୟ ଦୃଷ୍ଟି କୋଣରୁ ବିଚାର କଲେ ଦୈତ୍ୟ ସହର ଭୁବନେଶ୍ୱର ଓ କଟକରେ ଦେଶ ବିଦେଶର ଅନେକ ଲୋକଙ୍କ ସମାଗମ ଯୋଗୁ ଛୋଟ ବଡ ବ୍ୟବସାୟମାନେ ଭଲ ଦୁଇପଇସା ରୋଜଗାର କରିବାରେ ସକ୍ଷମ ହୋଇଥାନ୍ତି। ଏ ସମସ୍ତ ବିଷୟକୁ ତର୍ଜମା କଲେ ଜଣାଯାଏ ମାତୃ ଶକ୍ତି ଏକ ଅଦ୍ୱିତୀୟ ଶକ୍ତି ଯାହା ବିନା ସଂସାରରେ କିଛି ବି ସମ୍ଭବ ନୁହେଁ। ଦେଖିବାକୁ ଗଲେ ସଂସାରରେ ସନ୍ତାନ ସନ୍ତତି ପରିପାଳନରେ ପିତାଙ୍କ ଅପେକ୍ଷା ମାତାଙ୍କ ଭୂମିକା ଢେର ଅଧିକ, ଯାହା ମାତୃଶକ୍ତିର ପ୍ରାଧାନ୍ୟକୁ ଇଙ୍ଗିତ କରେ। ନାରୀ ସର୍ବଦା ସହନଶୀଳ ଏବଂ ସନ୍ତାନ ପାଇଁ ସେ ମମତାମୟୀର ପ୍ରତୀକ ରୂପେ ଉଭା ହୋଇଥାଏ। କିନ୍ତୁ ଅତ୍ୟଧିକ ଅନ୍ୟାୟକୁ କେବେବି ବରଦାସ୍ତ କରିପାରେ ନା, ଶେଷରେ ସେ ନିଜେ ପ୍ରଳୟ ରଚି ସମସ୍ୟାର ଅନ୍ତ ଘଟାଇଥାଆନ୍ତି। ଆମର ପୂର୍ବପୁରୁଷମାନେ ନାରୀ ଭିତରେ ଥିବା ମହନୀୟତାକୁ ଠିକ୍ ଭାବରେ ବୁଝିପାରି ନାରୀଙ୍କ ସମ୍ମାନାର୍ଥେ ମାତୃ ଉପାସନା ପର୍ବ ଆରମ୍ଭ କରିଥିଲେ। ଏପରିସ୍ଥଳେ ବର୍ତ୍ତମାନ ସମାଜରେ ନାରୀ ହିଁ ଭୋଗ୍ୟ ବସ୍ତୁ ରୂପେ ପରିଗଣିତ ହେଉଛନ୍ତି ସୁତରାଂ ନାରୀଜାତି ଆଜିବି ପୁରୁଷଙ୍କ ଆସୁରିକ ମାନସିକତା କବଳରୁ ମୁକ୍ତ ନୁହଁନ୍ତି। ଦିନକୁ ଦିନ ଧର୍ଷଣ, ଲୁଣ୍ଠନ, ପ୍ରତାରଣା, ଛାଡ଼ପତ୍ର ଆଦି ଅପସଂସ୍କାର ବଢି ବଢି ଚାଲିଛି। ମା, ଭଉଣୀମାନେ ଏକୁଟିଆ କୌଣସି ପରିସ୍ଥିତିରେ ଆଦୌ ସୁରକ୍ଷିତ ନୁହଁନ୍ତି। ଏହାର ଉତ୍ତର ଆମକୁ ଖୋଜି ଅବିଳମ୍ବେ ସେମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ସହିତ ଅଧିକ ସମ୍ବୋଧନଶୀଳ ହୋବ ହିଁ ହେବ ମାତୃ ଉପାସନାର ପ୍ରକୃତ ଆଭିମୁଖ୍ୟ। ପରିଶେଷରେ ଶାରଦୀୟ ମହାମନ୍ତ୍ର 'ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା ନମଃସ୍ତସୈ ସମଃସ୍ତସୈ ନମଃସ୍ତସୈ ନମଃ ନମଃ' ସମସ୍ତଙ୍କ ହୃଦୟରେ ଗୁଞ୍ଜରଣ କରିବା ସହିତ ମାତୃ ଭକ୍ତିର ସନ୍ଦେଶ ଦେଉ।

(ସହକାରୀ ପ୍ରାପକ ଓ ଉପ-ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

# ଆତ୍ମହତ୍ୟାରେ ଭାରତର ରେକର୍ଡ଼

॥ ଡାକ୍ତର ସମ୍ରାଟ କର ॥

ପୃଥିବୀର ଯେକୌଣସି ଅନ୍ୟ ଦେଶ ଅପେକ୍ଷା ଭାରତରେ ଅଧିକ ଆତ୍ମହତ୍ୟା ହେଉଛି। ଉଦ୍‌ବେଗର ବିଷୟ ଯେ ଗତ କିଛିବର୍ଷ ଭିତରେ ଏହାର ହାର ବଢ଼ି ଚାଲିଛି। ଏହାର ସଂଖ୍ୟା ଉଭୟ ପୂର୍ଣ୍ଣ ତଥା ଆପେକ୍ଷିକ ଦୃଷ୍ଟିକୋଣରୁ ଅଧିକ। ଲାନସେଟିଂ ପତ୍ରିକାରେ ପ୍ରକାଶିତ ଏକ ଅନୁଧ୍ୟାନ ଅନୁସାରେ ଭାରତରେ ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଲୋକ ରହୁଥିବା ବେଳେ ପୃଥବୀରେ ମହିଳା ଆତ୍ମହତ୍ୟାର ୩୭ ପ୍ରତିଶତ ଓ ପୁରୁଷ ମାନଙ୍କ ମଧ୍ୟରେ ହେଉଥିବା ଆତ୍ମହତ୍ୟାର ୨୪ ପ୍ରତିଶତ ଏ ଦେଶରେ ଘଟୁଛି। ଅର୍ଥାତ୍ ପୃଥିବୀରେ ଆତ୍ମହତ୍ୟା କରୁଥିବା ପ୍ରତି ୩ଜଣ ମହିଳାଙ୍କ ମଧ୍ୟରୁ ଜଣେ ଓ ପ୍ରତି ୪ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ହେଲେ ଭାରତୀୟ। ଏହି ଅନୁଧ୍ୟାନରେ ଭାରତ ସରକାର ଓ ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ତଥା ଚିକିତ୍ସା ଅନୁଷ୍ଠାନଗୁଡ଼ିକ ସାମିଲ ଥିଲେ। ଏ ଦୃଷ୍ଟିରୁ ପ୍ରକାଶିତ ତଥ୍ୟକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଫଳାଫଳରୁ ଦେଖାଯାଉଛି ଯେ ପୁରୁଷଙ୍କ ଆତ୍ମହତ୍ୟା ହାର ଉଚ୍ଚ ଥିବାବେଳେ ତାହାଠାରୁ ଅଧିକ ହେଲା ମହିଳା ଆତ୍ମହତ୍ୟା ହାର। ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆତ୍ମହତ୍ୟା ବନ୍ଦ କରିବା ପାଇଁ ସମ୍ମିଳିତ କାମ କରିବା'।

ଆତ୍ମହତ୍ୟା ଏକ ମନସ୍ତାତ୍ତ୍ୱିକ ତଥା ସମାଜ ବିଜ୍ଞାନ ସମ୍ପର୍କିତ ପ୍ରସଙ୍ଗ। ଏହା ଏକ ସ୍ୱାସ୍ଥ୍ୟଗତ ଚ୍ୟାଲେଞ୍ଜ। ଏହି ସମସ୍ୟାରେ ଲିଙ୍ଗଗତ ତାରତମ୍ୟକୁ ଦେଖିଲେ ଜଣାପଡୁଛି ଯେ ଭାରତୀୟ ମହିଳାଙ୍କ ମଧ୍ୟରେ ନିଜ ଜୀବନ ନେବାର ବିପଜ୍ଜନକ ଆକର୍ଷଣ ଅଧିକ। ଏହା ହୁଏତ ଲିଙ୍ଗତ ନ୍ୟୁନସ୍ଥିତ ଓ ମହିଳା ବିରୋଧୀ ପାତରଅନ୍ତର ସମସ୍ୟା ଯୋଗୁଁ ଉପୁଜୁଥାଇପାରେ। ବିକୃତିଯୁକ୍ତ ନିର୍ଯାତନା, ଘରୋଇ ହିଂସା, ଅର୍ଥନୈତିକ ସୁଯୋଗ ଓ ସ୍ୱାଧୀନତାର ଅଭାବ, ଚିକିତ୍ସା ସୁବିଧା ନମିଳିବା ବିଶେଷ ଭାବରେ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଚିକିତ୍ସା ଓ ପରାମର୍ଶର ଅଭାବ ଆଦି କାରଣ ମହିଳାଙ୍କ ପାଇଁ ଜୀବନକୁ ଅଧିକ ଦୁର୍ବିସହ କରୁଥାଇପାରେ। ଏପରିକି ମହିଳାଙ୍କର ଶିକ୍ଷା ଓ ଅର୍ଥନୈତିକ ସ୍ୱାଧୀନତାରେ ପ୍ରଗତି ସତ୍ତ୍ୱେ ସାମାଜିକ ଓ ପାରିବାରିକ ପକ୍ଷପାତିତା ତଥା ଅତ୍ୟାଚାର ଅବ୍ୟାହତ ରହୁଛି। ଏଣୁ ମହିଳାଙ୍କ ପାଇଁ ସବୁଶ୍ରେଣୀରେ ଜୀବନର ସ୍ଥିତି ଅସମାନ। ବିବାହିତା ମହିଳାଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବେଶୀ। କାରଣ ସେମାନେ ବୈବାହିକ ଜୀବନରେ ବେଶୀ ଅଶାନ୍ତି ଭୋଗୁଛନ୍ତି। ପୁରୁଷଙ୍କ ଅପେକ୍ଷା ସେମାନଙ୍କ ଲାଗି ବେଶୀ ପାରିବାରିକ ସମସ୍ୟା ରହୁଛି। ଦେଶରେ ୧୫ରୁ ୩୯ ବର୍ଷର ମହିଳାଙ୍କ




ମଧ୍ୟରେ ଆତ୍ମହତ୍ୟା ଅଧିକ ସାଧାରଣ। ଅନ୍ୟ ବୟସ ଶ୍ରେଣୀ ଅପେକ୍ଷା ବିବାହିତ ଯୁବତୀଙ୍କ ମଧ୍ୟରେ ଆତ୍ମହତ୍ୟା ହାର ଅଧିକ। ବିଶ୍ୱରେ ୧୯୯୦ ଦଶକରେ ଯେତିକି ଆତ୍ମହତ୍ୟା ହେଉଥିଲା ସେଥିରେ ମହିଳାଙ୍କ ଅଂଶ ୨୫.୩ ପ୍ରତିଶତ ଥିଲା। ୨୦୨୨ରେ ତାହା ୩୯.୮ ପ୍ରତିଶତକୁ ବୃଦ୍ଧି ପାଇଛି। ତାର ଅର୍ଥ ସମଗ୍ର ପୃଥିବୀରେ ମହିଳା ଆତ୍ମହତ୍ୟା ବଢୁଛି। ଏହାର ଅନ୍ୟ ଏକ ଅର୍ଥ ଦେଖିବାକୁ ଗଲେ ଏହି ସମୟ ଭିତରେ ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହୋଇଥିବା ସତ୍ତ୍ୱେ ମହିଳାଙ୍କ ଦୁଃଖ ଓ ମୃତ୍ୟୁ ମଧ୍ୟ ବେଶୀ ହୋଇଛି। କୁହାଯାଇପାରେ ଯେ ଆର୍ଥିକ ପ୍ରଗତି ଯୋଗୁଁ ମହିଳାଙ୍କ ଉପରେ ଚାପ ବଢ଼ିଛି। ଏହି ସମୟ ଭିତରେ ପୁରୁଷ ପ୍ରଧାନ ଦୃଷ୍ଟିଭଙ୍ଗୀ କଠୋର ହେବା ସାଙ୍ଗକୁ ମହିଳାଙ୍କ ପ୍ରତି ନିର୍ଯାତନା ଅଧିକ ହୋଇଛି କି? ୨୦୧୭ରେ ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି ଯେ ଭାରତରେ କର୍ମଜୀବୀ ଶ୍ରେଣୀରେ ମହିଳାଙ୍କ ସମ୍ପୃକ୍ତି ଗତ କିଛି ବର୍ଷ ଭିତରେ କମି ଆସିଛି। ବିଶ୍ୱସ୍ତରରେ ଏ କ୍ଷେତ୍ରରେ ଯେଉଁ ୧୩୧ଟି ଦେଶକୁ ନେଇ ସୂଚୀ ପ୍ରସ୍ତୁତ କରାଯାଇଛି ସେଥିରେ ଭାରତର ସ୍ଥାନ ୧୨୦। ତାର ଅର୍ଥ ଭାରତରେ ମହିଳାଙ୍କ ପାଇଁ ଆର୍ଥିକ ସୁଯୋଗ ନିଯୁକ୍ତି ଆକାରରେ ସଂକୁଚିତ ହୋଇଯାଇଛି। ଯେତିକି ନିଯୁକ୍ତି ସୃଷ୍ଟି ହେଉଛି ତାର ବିଶେଷ ଭାଗ ପୁରୁଷଙ୍କ ପାଖକୁ ଯାଉଛି। ପରିବାର ବା ସମାଜର ସମର୍ଥନ ଥିବା ପାରମ୍ପରିକ ଢ଼ାଞ୍ଚା ମଧ୍ୟ ଅର୍ଥନୈତିକ ପ୍ରଗତିର ଧାରାରେ ଦୁର୍ବଳ ହୋଇଗଲାଣି। ତାହା ମହିଳାଙ୍କ ପାଇଁ ବେଶୀ କ୍ଷତିକାରକ। ଆଗରୁ ମହିଳାମାନେ ଘରୁ ଆପାତତଃ ସୁରକ୍ଷା ପାଉଥିଲେ। ସମୟ ବଦଳୁଥିଲେ ବି ସେମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେଇ ସେମାନଙ୍କ ପାଇଁ ଅର୍ଥନୈତିକ ସ୍ୱାଧୀନତାର ବ୍ୟବସ୍ଥା କରିବା ସହ ପରିବାର ବି ମହିଳାଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ଲୋଡ଼ା। ମହିଳା ଦୁର୍ବଳ ହୋଇଗଲେ ପରିବାର ତଥା ସମାଜର ସ୍ଥିତି ଖରାପ ହୋଇଯିବ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଚଇତି ଘୋଡ଼ାନାଚ

॥ ବିପିନ ବିହାରୀ ରାଉତ ॥

ବର୍ଷରେ ଦୁଇଥର ଦୁର୍ଗାପୂଜା ପାଳନ କରାଯାଏ। ଶରତ ଋତୁରେ ଆଶ୍ୱିନ ଶୁକ୍ଳ ପକ୍ଷରେ ହେଉଥିବା ଶାରଦୀୟ ଦୁର୍ଗାପୂଜା ସାର୍ବଜନୀନ। ଆଉ ବସନ୍ତ ଋତୁରେ ଚୈତ୍ର ଶୁକ୍ଳ ପକ୍ଷରେ ବାସନ୍ତୀ ଦୁର୍ଗାପୂଜା ପାଳିତ ହୁଏ। ବାସନ୍ତୀ ଦୁର୍ଗା ସଂହାରକାରିଣୀ ନୁହନ୍ତି ସେ ଅନ୍ନଦାତ୍ରୀ ମାତା। ତାଙ୍କୁ ଧରଣୀ ମାତା ଭାବେ କଳ୍ପନା କରାଯାଇଛି। ଧରଣୀ ମାତାଙ୍କର ବୟଃପ୍ରାପ୍ତିରେ ଉତ୍‌ଫୁଲ୍ଲିତ ମଣିଷ କେଉଁ ପୁରୁଣା କାଳରୁ ବାସନ୍ତୀ ଦୁର୍ଗା ପୂଜା ପାଳନ କରିଆସୁଥିବା ଜଣାଯାଏ। ପୁରାଣ ଆନୁଯାୟୀ ଦୁର୍ଗାପୂଜା ବସନ୍ତ ଋତୁ କାଳୀନ ଉତ୍ସବ। ପ୍ରଭୁ ଶ୍ରୀରାମଙ୍କ ପୂର୍ବରୁ ଏହା ଥିଲା ମୁଖ୍ୟ ଦୁର୍ଗାପୂଜା, ଏଣୁ ପ୍ରାଚୀନତମ। ମହାପରାକ୍ରମୀ ଲଙ୍କାନରେଶ ରାବଣକୁ ନିଧନ କରିବା ପାଇଁ ଲଙ୍କା ଯୁଦ୍ଧ ପୂର୍ବରୁ ଶ୍ରୀରାମ ଆଦ୍ୟାଶକ୍ତି ମାତା ଦୁର୍ଗାଙ୍କୁ ଆବାହନ କରିଥିଲେ। ମାତା ପ୍ରସନ୍ନ ହେଲେ ତାଙ୍କୁ ଆଶୀର୍ବାଦ ଦେବା ପରେ, ସେ ଯୁଦ୍ଧକୁ ବାହାରିଥିଲେ। ତାହା ଥିଲା ଶରତ ଋତୁ। ତେଣୁ ଶାରଦୀୟ ଦୁର୍ଗା ପୂଜା ପାଳନ କରାଯାଏ। ଶ୍ରୀରାମ ଅସମୟରେ ଦୁର୍ଗାପୂଜା କରିଥିବାରୁ ଏହାକୁ ଅକାଳ ବୋଧନ ମଧ୍ୟ କୁହାଯାଏ। ଶାରଦୀୟ ଦୁର୍ଗାପୂଜା ଏବଂ ବାସନ୍ତୀ ଦୁର୍ଗାପୂଜାର ରୀତି-ନୀତି ପ୍ରାୟ ଏକା ଭଳି। ଓଡ଼ିଶା, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ ଜାମ୍ମୁ-କାଶ୍ମୀରରେ ବାସନ୍ତୀ ଦୁର୍ଗାପୂଜା ମହା ଆଡ଼ମ୍ବରରେ ପାଳନ କରାଯାଏ। ଭକ୍ତ ଶ୍ରଦ୍ଧାଳୁମାନେ ଏହି ସମୟରେ ବସନ୍ତ ନବରାତ୍ରି ବ୍ରତ ପାଳନ କରନ୍ତି। ପଞ୍ଜାବ ଏବଂ ହରିୟାଣାରେ ଛୋଟ ଝିଅଙ୍କୁ ଦୁର୍ଗାଙ୍କ ଭଳି ସଜାଇ ପୂଜା କରାଯାଏ। ଏହି ମାନବୀ ଦୁର୍ଗାଙ୍କୁ କଞ୍ଜକ କୁହାଯାଏ। ଚଳିତ ବର୍ଷ ବାସନ୍ତୀ ନବରାତ୍ରି ମାର୍ଚ୍ଚ ୨୨ ତାରିଖରୁ ଆରମ୍ଭ ହେଉଛି।

ଚଇତି ଘୋଡ଼ା ନାଚ ଓଡ଼ିଶାର ଏକ ପାରମ୍ପରିକ ଲୋକନୃତ୍ୟ। ଏହା ମୁଖ୍ୟତଃ ଓଡ଼ିଶାର ଉପକୂଳ ଅଞ୍ଚଳରେ କେଉଟ ମାନଙ୍କ ଦ୍ୱାରା ଆରମ୍ଭ ହୋଇ ସେହି ଅଞ୍ଚଳମାନଙ୍କରେ ଚୈତ୍ର ମାସ ପୂର୍ଣ୍ଣିମା ତିଥିରେ ପରିବେଷିତ ହୋଇଥାଏ। କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦହୀନ ଦେହ ଓ ବେକ ଆକାରର ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆଦି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ ଲଗାନ୍ତି। ଉକ୍ତ ଚଇତି ଘୋଡ଼ାର ପିଠିରେ ଗୋଟିଏ କଣା ଥାଏ। ସେହି କଣା ବାଟେ ମନୁଷ୍ୟ ଅଣ୍ଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆ ହୁଏ ଓ ଘୋଡ଼ା ରୂପର ଆଗରୁ ଓ ପଛରୁ ଡୋରି ଲଟକା ଯାଏ। ମନୁଷ୍ୟ ଅଣ୍ଟା ଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଣ୍ଟା ଠାରୁ ଉପର ଅଂଶ ଘୋଡ଼ା ଭିତରେ ବସିବା ପରି ଅନୁମତି ହୁଏ। ଏହି ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ୍ୟ ନାଚେ। ଘୋଡ଼ାର ମୁହଁ ଆଡ଼େ ଲଗାମ ପରି କନା ଡୋରି ବନ୍ଧା ହୋଇଥାଏ। ଉକ୍ତ ଡୋରିକୁ ନଚାଇବା ବାଲା ଧରି ଘୋଡ଼ାର ଲଗାମ ଧରିବାର ଅଭିନୟ କରେ। କେଉଟମାନେ ଏହି ପର୍ବ ଉପଲକ୍ଷେ ଚଢ଼େଇବା ଓ ଚଢ଼ଉଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି। ଘୋଡ଼ା ନାଚରେ ଜଣେ ଲେଖାଏଁ ଗାୟକ, ପାଳିଆ, ଢ଼ୋଲକିଆ, ମହୁରିଆ, ରାଉତ, ରାଉତାଣୀ ଥାଆନ୍ତି। ଗାୟକ ବିଷୟବସ୍ତୁ ଗାଉଥିବା ବେଳେ ପାଳିଆ ପାଳି ଧରେ, ଢ଼ୋଲକିଆ ବାଜା ବଜାଏ ଓ ରାଉତ ସଜ୍ଜିତ କାଠଘୋଡ଼ା ଚଢ଼ି ରାଉତାଣୀ ସହ ନୃତ୍ୟ କରୁଥାଏ। ମା'ବାସେଳୀଙ୍କ ବନ୍ଦନାରୁ ଆରମ୍ଭ ହୁଏ ଘୋଡ଼ା ନାଚ। ପରେ ରାଧାକୃଷ୍ଣଙ୍କ ଲୀଳା, ଶିବ ପାର୍ବତୀଙ୍କ କାହାଣୀକୁ ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଏ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନଥାଏ। କୈବର୍ତ୍ତ ଗୀତା, କେବିର୍ତ୍ତ ପୁରାଣ ଓ କୈବର୍ତ୍ତ ସଂହିତାରୁ ବିଷୟବସ୍ତୁ ଉଦ୍ଧାର କରି ଗାୟକ ସେଗୁଡ଼ିକୁ ପାରମ୍ପରିକ ସ୍ୱରରେ ପଢ଼ିବା ଭଳି ଶବ୍ଦ ସଂଯୋଜନା କରି ସ୍ୱର ଦେଇଥାନ୍ତି।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



# ଜିନ୍ଦଲ ଷ୍ଟେନଲେସର ଶୁଭଜିତଙ୍କୁ ଆନ୍ତର୍ଜାତିକ ଟାଇକୋଣ୍ଡୋ ପ୍ରତିଯୋଗିତା ସମ୍ବର୍ଦ୍ଧନା



କଳିଙ୍ଗନଗର,୧୧।୧୦(ମହାଭାରତ): ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ ଏହାର ଉଦ୍‌ଜ କାର୍ଯ୍ୟକ୍ରମ ଅଧୀନରେ କ୍ରୀଡା ଏବଂ କ୍ରୀଡାର ଉନ୍ନତିକରଣ ପାଇଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଯୁବ କ୍ରୀଡା ପ୍ରତିଭା ମାନଙ୍କୁ ଉତ୍ସାହ କରିବା ସହିତ ସେମାନଙ୍କୁ ବିଭିନ୍ନ ସହଯୋଗର ହାତ ବଢ଼ାଇ ଆସୁଛନ୍ତି।

ଏହିପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଟାଇକୋଣ୍ଡୋ ଖେଳରେ ପରାକାଷ୍ଠା ପ୍ରଦର୍ଶନ କରିଥିବା ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ଯୁବ ଉଦୀୟମାନ ଟାଇକୋଣ୍ଡୋ ଖେଳାଳି ଶୁଭଜିତ ମଲ୍ଲିକ ଙ୍କୁ ଆସନ୍ତା ୧୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆ, ଜାକର୍ତ୍ତା ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଟାଇକୋଣ୍ଡୋ ପ୍ରତିଯୋଗିତା ପାଇଁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବା ସହିତ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ର ବାହ୍ୟ ସମ୍ପର୍କ ବିଭାଗର ଡିଜିଏମ ନୀଳମାଧବ ରଥ ତାଙ୍କ କାର୍ଯ୍ୟାଳୟ ପରିସରରେ ଶୁଭଜିତ ମଲ୍ଲିକ ଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରିବା ସହିତ ତାଙ୍କର କ୍ରୀଡା ଜୀବନର ଉତ୍ତୋରତ୍ତର କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଉଦ୍‌ଜ ବିଭାଗର ତପନ କୁମାର ନାୟକ, ହେମନ୍ତ କୁମାର ବାହାଳିଆ ବାହ୍ୟ ସମ୍ପର୍କ ବିଭାଗର ସଙ୍ଗୀତ ମହାପାତ୍ର, ରାଜୀବ କୁମାର ଦେ, ସୁମନ୍ କଲ୍ୟାଣ ଦାସ ପ୍ରମୁଖ ଉପସ୍ଥିତ ରହି ଶୁଭଜିତ ମଲ୍ଲିକ ଙ୍କୁ ଆଗାମୀ ପ୍ରତିଯୋଗିତାରେ ସଫଳ ହୋଇ ଭାରତ ଏବଂ ଯାଜପୁର ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିବା ସହିତ ଆଗାମୀଦିନରେ ଟାଇକୋଣ୍ଡୋ କ୍ରୀଡାକୁ ଏକ ସର୍ବୋଚ୍ଚ ସ୍ଥାନରେ ପହଂଚାଇବା ପାଇଁ ପ୍ରୟାସ ଜାରି ରଖିବାକୁ ଉପଦେଶ ପ୍ରଦାନ କରିଥିଲେ। ଏଠାରେ ଉଲ୍ଲେଖନୀୟ ଯେ, କ୍ରୀଡାର ପ୍ରଚାର ପ୍ରସାର ପାଇଁ ଜିନ୍ଦଲ କମ୍ପାନୀ କର୍ତ୍ତୃପକ୍ଷ ନିକଟରେ ସୁକିନ୍ଦା ବ୍ଲକ ରେ ୩ଟି , ଭୁବନ ବ୍ଲକ ରେ ଗୋଟିଏ ଏବଂ ଦାନଗଦି ବ୍ଲକ ରେ ଗୋଟିଏ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର ଖୋଲି ୯ ରୁ ୧୩ ବର୍ଷ ମଧ୍ୟରେ ୧୦୦ ଜଣ ପିଲାମାନଙ୍କୁ ଅଭିଜ୍ଞ ପ୍ରଶିକ୍ଷକ ନିଯୁକ୍ତି କରି ପ୍ରଶିକ୍ଷଣ ପ୍ରଦାନ କରିଆସୁଛନ୍ତି।

# ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବ୍ରହ୍ମପୁର,୧୧।୧୦(ମହାଭାରତ): ପ୍ରେସ କ୍ଲବ ବ୍ରହ୍ମପୁର ପକ୍ଷରୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଥିବା ବିଭିନ୍ନ ସମସ୍ୟା ନେଇ ମାନ୍ୟବର ଓଡ଼ିଶା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଅପରାହ୍ନରେ କଲେଜ ଡିନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମେଡିକାଲରେ ଥିବା ଅନେକ ବ୍ୟତିକ୍ରମ ଯୋଗୁଁ ରୋଗୀ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି, ଏହି ପରିସ୍ଥିତିରେ ଖବର ସଂଗ୍ରହ ପାଇଁ ଆସୁଥିବା ଗଣମାଧ୍ୟମ ପ୍ରତିନିଧି ମାନେ ମଧ୍ୟ ବିଭିନ୍ନ ସମୟରେ ଆକ୍ରୋଶର ଶିକାର ହେଉଛନ୍ତି। ଏମିତି କି, କାଜୁଆଲଟିରେ ଅଭିଜ୍ଞ ଡାକ୍ତର ଉପସ୍ଥିତ ରହୁନଥିବା ଅଭିଯୋଗକୁ ନେଇ ଡିନ ପ୍ରଫେସର ସୁଚିତ୍ରା ଦାଶ ଓ ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କ ସହ ଆଲୋଚନା କରିଛନ୍ତି ପ୍ରେସ କ୍ଲବ୍ କର୍ମକର୍ତ୍ତାଗଣ ତେବେ ଡାକ୍ତର, ନର୍ସ, ପୁଲିସ ଓ ସେନା କର୍ମଚାରୀଙ୍କ ଭଳି ସାମ୍ବାଦିକଙ୍କୁ ଅଗ୍ରାଧିକାର ଦେଇ ସ୍ୱତନ୍ତ୍ର ଟିକଟ କାଉଣ୍ଟର ବ୍ୟବସ୍ଥା କରିବା, କାଜୁଆଲ୍ଟିରେ ଆଇସିୟୁ ଓ ଭେଣ୍ଟିଲେଟର କାର୍ଯ୍ୟକ୍ଷମ କରିବା, ରୋଗୀଙ୍କୁ ୨୪ ଘଣ୍ଟିଆ ଅଲଟ୍ରାସାଉଣ୍ଡ ଓ ଡିଜିଟାଲ ଏକ୍ସ-ରେ ସେବା ଯୋଗାଇବା, ଟ୍ରମା କେୟାର ସେଣ୍ଟର କାର୍ଯ୍ୟକ୍ଷମ କରିବା, ନ୍ୟୁରୋ ସର୍ଜରୀ ବିଭାଗକୁ କାର୍ଯ୍ୟକ୍ଷମ କରିବା, ରୋଗୀ ସମ୍ପର୍କୀୟଙ୍କ ରହଣି ସୁବିଧା ପ୍ରଦାନ କରିବା ଭଳି ୭ଦଫା ଦାବୀ କରାଯାଇଛି। ଏହାକୁ ତୁରନ୍ତ ସମାଧାନ କରିବା ଦିଗରେ କାର୍ଯ୍ୟ କରିବାକୁ ସାମ୍ବାଦିକ ମାନେ ଦାବି କରିଥିଲେ। ଏନେଇ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଅଧ୍ୟକ୍ଷା ପ୍ରଫେସରଙ୍କୁ ପ୍ରଦାନ କରାଯାଇଛି। ଏ ଦିଗରେ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିନ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ଡିନ ପ୍ରତିଶ୍ରୁତି ଦେଇଛନ୍ତି, ଏହାସହ ଅନ୍ୟ ସବୁ ଦାବି ଉପରେ ଆଲୋଚନା କରି ଖୁବ୍ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷା କହିଛନ୍ତି। ଏଥିରେ ପ୍ରେସ କ୍ଲବ୍ ସଭାପତି ଅଶୋକ କୁମାର ବ୍ରହ୍ମା, ସମ୍ପାଦକ ପ୍ରହଲ୍ଲାଦ ସାହୁ, କୋଷାଧ୍ୟକ୍ଷ ଶିବ ନାରାୟଣ ପଣ୍ଡା, ସହ ସମ୍ପାଦକ ଡି ଗୋପାଳ କ୍ରିଷ୍ଣା ରେଡ୍ଡୀଙ୍କ ସମେତ ବହୁ ବରିଷ୍ଠ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ।

# ଭାରତର ବିକାଶ ଯାତ୍ରାରେ ରତନ ଟାଟାଙ୍କ ଯୋଗଦାନ ଚିରସ୍ମରଣୀୟ ରହିବ : ଡ.ଭାଗବତ

ନାଗପୁର,୧୧।୧୦(ମହାଭାରତ): ଟାଟା ଗ୍ରୁପର ମାନ୍ୟବର ଚେୟାରମ୍ୟାନ ତଥା ଅଗ୍ରଣୀ ଶିଳ୍ପପତି ରତନ ଟାଟାଙ୍କ ଦେହାନ୍ତରେଦେଶରେ ଶୋକର ଲହରୀ ଖେଳିଯାଇଛି।ରତନ ଟାଟାଙ୍କ ଦେହାନ୍ତରେ ଦେଶର ଅଗ୍ରଣୀ ବ୍ୟକ୍ତିତ୍ୱମାନେ ଶୋକ ପ୍ରକାଶ କରିଛନ୍ତି।ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ)ର ସରସଂଘଚାଳକ ମୋହନ ଭାଗବତ ରତନ ଟାଟାଙ୍କ ଦେହାନ୍ତରେ ଶୋକ ପ୍ରକାଶ କରି କହିଛନ୍ତି ଯେ ଭାରତ ବିକାଶ ଯାତ୍ରାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ।ସରସଂଘଚାଳକ କହିଛନ୍ତି ଯେ ତାଙ୍କର ଦେହାନ୍ତରେ ଭାରତ ଏକ ଅମୁଲ୍ୟ ରତ୍ନକୁ ହରାଇଛି।ଶିଳ୍ପର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନୁତନ ଏବଂ ପ୍ରଭାବଶାଳୀ ପଦକ୍ଷେପ ସହିତ ଅନେକ ସର୍ବୋତ୍ତମ ମାନକ ପ୍ରତିଷ୍ଠା କରିଥିଲେ।ସମାଜର ହିତ ପାଇଁ ଅନୁକୁଳ ସମସ୍ତ ପ୍ରକାର କାର୍ଯ୍ୟରେ ତାଙ୍କର ନିରନ୍ତର ସହଯୋଗ ସହଭାଗିତା ଜାରି ରହିଥିଲା।ଜାତୀୟ ଏକତା ଏବଂ ନିରାପତ୍ତା ପ୍ରସଙ୍ଗ ହେଉ ଅବା ବିକାଶର ଯେ କୌଣସି ଦିଗ ହେଉ କିମ୍ବା କାର୍ଯ୍ୟରତ କର୍ମଚାରୀଙ୍କ କଲ୍ୟାଣ ପ୍ରସଙ୍ଗ ହେଉ ରତନଜୀ ତାଙ୍କର ଚିନ୍ତାଧାରା ଏବଂ କାର୍ଯ୍ୟରେ ପ୍ରେରଣାଦାୟକ ରହିବେ।

# ଶିଳ୍ପପତି ରତନଟାଟାଙ୍କ ଦେହାନ୍ତରେ କଂଗ୍ରେସ ଦୁଃଖ ପ୍ରକାଶ କଲା

ନୂଆଦିଲ୍ଲୀ,୧୧।୧୦(ମହାଭାରତ): ପ୍ରସିଦ୍ଧ ଶିଳ୍ପପତି ରତନ ଟାଟାଙ୍କ ଦେହାନ୍ତରେ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖରଗେ ଏବଂ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲଗାନ୍ଧୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।ଖରଗେ ଗୁରୁବାର ଦିନ ଏକ୍ସରେ ନିଜର ଶୋକ ସମବେଦନା ବ୍ୟକ୍ତ କରି ଲେଖିଛନ୍ତି ରତନଟାଟାଙ୍କ ଦେହାନ୍ତରେ ଆମେ ଭାରତର ଏକ ଅମୁଲ୍ୟ ପୁଅକୁ ହରାଇଛୁ।ଏପରି ଜଣେ ପରୋପକାରୀ ବ୍ୟକ୍ତି ଯାହାର ଭାରତର ଅନ୍ତର୍ଭୁକ୍ତ ବିକାଶ ଏବଂ ପ୍ରଗତି ପ୍ରତି ପ୍ରତିବଦ୍ଧତା ସର୍ବୋପରି ଥିଲା।ଟାଟା ସଚ୍ଚୋଟତା ଏବଂ ନୈତିକ ନେତୃତ୍ୱର ସମକକ୍ଷ ଥିଲେ।ସେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ପ୍ରେରଣା ଏବଂ ଆଦର୍ଶ ଥିଲେ।ସେ ରାଷ୍ଟ୍ର ନିର୍ମାଣରେ ଅତୁଳନୀୟ ସହଯୋଗ କରିଥିଲେ।ତାଙ୍କ ପ୍ରିୟଜନ ଏବଂ ପ୍ରସଂଶକ ଙ୍କ ପ୍ରତି ଆମର ସମବେଦନା।ରାହୁଲଗାନ୍ଧୀ କହିଛନ୍ତି ଯେ ରତନ ଟାଟା ଜଣେ ଦୁରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ।ସେ ବ୍ୟବସାୟ ଏବଂ ପରୋପକାର ଉଭୟରେ ଏକ ଅବିସ୍ମରଣୀୟ ଚିହ୍ନ ଛାଡିଛନ୍ତି।

ତାଙ୍କ ପରିବାର ଏବଂ ଟାଟା ସମୁଦାୟଙ୍କ ପ୍ରତି ମୋର ସମବେଦନା।କଂଗ୍ରେସ ତରଫରୁ ଏକ୍ସ ପୋଷ୍ଟରେ କୁହାଯାଇଛି ଯେ କଂଗ୍ରେସ ରତନ ଟାଟାଙ୍କ ଦେହାନ୍ତରେ ଅତ୍ୟନ୍ତ ଦୁଃଖିତ।ସେ ଭାରତୀୟ ଶିଳ୍ପଜଗତର ଅଗ୍ରଣୀ ଏବଂ ପରୋପକାରୀ ବ୍ୟକ୍ତି ଥିଲେ,ଯିଏ ଭାରତର କର୍ପୋରେଟ ପରିଦୃଶ୍ୟକୁ ଆକାର ଦେଇଥିଲେ।ତାଙ୍କର ସଚ୍ଚୋଟତା ଏବଂ କରୁଣା କର୍ପୋରେଟ ଉଦ୍ୟୋଗୀ ଏବଂ ଭାରତୀୟଙ୍କ ଭବିଷ୍ୟତ ପୀଢୀକୁ ପ୍ରେରଣା ଯୋଗାଇବ।

## ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ

କେନ୍ଦ୍ରାପଡା,୧୧।୧୦(ମହାଭାରତ): ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶମତେ ଅକ୍ଟୋବର ୨ ତାରିଖଠାରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ସଚେତନତା କାର୍ଯ୍ୟକ୍ରମ ସମଗ୍ର ରାଜ୍ୟରେ ଚାଲୁରହିଥିବା ବେଳେ ଏହି କ୍ରମରେ କେନ୍ଦ୍ରାପଡା ଜିଲ୍ଲାରେ ୮ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ବୁଧବାର ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ କେନ୍ଦ୍ରାପଡା ବ୍ଲକ କନଫରେନ୍ସ ହଲରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନ୍ଦନା ଖଟୁଆ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ସ୍ୱାଗତିକା ପାତ୍ର, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜରେ ସଙ୍ଗଠିତ ହେଉଥିବା ବିବିନ୍ନ ଲିଙ୍ଗଗତ ବୈଷମତା, ଶିଶୁ କନ୍ୟା ନିମନ୍ତେ ହିଂସା, ଦ୍ୱେଷ, ଅର୍ଥନୈତିକ ଭେଦଭାବକୁ ପ୍ରତିହତ କରି ସମସ୍ତ ଭାରତବାସୀ ଏକ ସୁନ୍ଦର ତଥା ସୁରକ୍ଷିତ ଶୈଶବ ନିମନ୍ତେ ଶପଥ ନେବାପାଇଁ ଆହ୍ୱାନ ଦେଇଥିଲେ ।

# ଉତ୍ତର ଓଡ଼ିଶାର ସର୍ବବୃହତ ଦୁର୍ଗାପୂଜା ମଣ୍ଡପ ତୁଳସୀ ଚଉରା



ବାରିପଦା,୧୧।୧୦(ମହାଭାରତ): ବାରିପଦା ତୁଳସୀ ଚଉରା ସର୍ବଜନୀନ ଦୁର୍ଗାପୂଜା ଉତ୍ତର ଓଡ଼ିଶାର ବିଖ୍ୟାତ ତଥା ୧ମସ୍ଥାନ ବଜାୟ ରଖୁଥିବା ତଥା ଓଡ଼ିଶାର ଅନ୍ୟତମ ବୃହତ ପୂଜା ମଣ୍ଡପ। ଏବର୍ଷ ଏହା ୪୦ ବର୍ଷର ପଦାର୍ପଣ କରିଛି। ଏହି ପୂଜା କମିଟିର ସଭାପତି ମାନ୍ୟବର ଗିରିଶ ଚନ୍ଦ୍ର ଦାସଙ୍କ ବହୁ ଦିନର ଇଚ୍ଛାଥିଲା। ଏହି ମଣ୍ଡପରେ ପୁରୀ ଶ୍ରୀମନ୍ଦିର ତୋରଣ ନିର୍ମାଣ, ମାତ୍ର ଚଳିତବର୍ଷ ଏହା ସଫଳ ହୋଇଛି ଏବଂ ହଜାର ହଜାର ଭକ୍ତଙ୍କ ମନକୁ ମୁଗ୍ଧ ଓ ଆକୃଷ୍ଟ କରୁଛି।ମା ଦଶଭୁଜା ଦୁର୍ଗ ନାଶିନୀ ଏହି ମଣ୍ଡପରେ ପୂଜା ପାଉଛନ୍ତି।

୧୯୮୫ ମସିହାରୁ ଏଠାକାର ଜନସାଧାରଣ ତଥା ପ୍ରଭାସ ଚନ୍ଦ୍ରଗିରି, ଶାନ୍ତନୁକର,ଅରୁଣସାହାଣୀ, ସୁରେଶ ନାଏକ,ଗିରିଶ ଚନ୍ଦ୍ର ଦାସ, ଅରୁଣ ଘୋଷ, ସତ୍ୟନାରାୟଣ ବାରିକ, ବାସୁ ଦେବ ପ୍ରଧାନଙ୍କ ପ୍ରଚେଷ୍ଟାରେ ଏହି ତୁଳସୀ ଚଉରାର ପବିତ୍ର ମାଟିରେ ମା ଦଶଭୁଜା ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଥିଲା ପୂର୍ବରୁ ଧଳା ରଙ୍ଗରେ ମାଆଙ୍କ ମୂର୍ତ୍ତି ନିର୍ମାଣହେଇଥାଏ । କାରିଗର ସମ୍ପଦବାବୁଙ୍କ ଦ୍ୱାରା ଏବଂ ସହରର ୧ମସ୍ଥାନ ପାଇ ପୁରସ୍କୃତ ହେଉଥିଲେ।ମାଆଙ୍କ ଆର୍ଶିର୍ବାଦରେ ୧୫୦୦ ଜଣ ୬ମମ୍ବର ଓ ବର୍ତ୍ତମାନର ଉଦ୍ୟକ୍ତ ଯୁବ ପିଢ଼ି ବିବେକାନନ୍ଦ ନାଏକ, ବରୁଣ ପୋଷ, ଲକ୍ଷ୍ମୀନାରାୟଣ ଦାସ, ରଜତ ଶତପଥୀ, ସମ୍ୟରଞ୍ଜନ ମିଶ୍ର, ମାନସ ଖିଲାର,ତାପସ ଥିଲା ର, ପ୍ରଦୀପ ଖିଲାର, ଗୌର ଦାସଗିରି, ବିଶ୍ୱରଞ୍ଜନ ଗିରି, ପ୍ରହ୍ଲାଦ ବେହେରା, ଅନନ୍ତ ଦାସ,ସତ୍ୟଜିତ ଥାଟେଇ,ସୌରଭ ବେହେରା ୟଙ୍କ ସହଯୋଗ ନିଷ୍ଠା ଏକାଗ୍ରତା ଏହି ମାଆ। ଙ୍କପୂଜାକୁ ଆଗକୁ ଆଗେଇ ନେଇଛି ଓ ଆଗାମି ଦିନରେ ଆଗେଇ ଚାଲିବ। କଟକର କାରୀଗରଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ କରିଥିବାବେଳେ, ଭୁବନେଶ୍ୱରର ଟେଣ୍ଟ ଠିକାଦାର ୭୦ ଜଣ କର୍ମଚାରିଙ୍କୁ ନେଇଏହି ପୁରୀ ଶ୍ରୀମନ୍ଦିର ତରଣ ନିର୍ମାଣ କରିଛନ୍ତି। ଏହାକୁ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଜମୁଛି,ଓଡ଼ିଶା ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ତଥା ଆଖପାଖ ଅଞ୍ଚଳର ଲୋକଙ୍କ ଛୁଅଁଛୁଚ୍ଛି। ଏହି ମେଳା ଅକ୍ଟ ବର୧୭ ଯାଏ ଚାଲିବ, ଏହା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଦିନ ସଂଧ୍ୟରେ, ଅ।କ୍ଟ ବର୧୮ରେ ମାଆଙ୍କ ଭସାଣି ଅନୁଷ୍ଠିତ ହେବ ।

# ୧୫ ରୁ ଅଲାରପୁର କୁମାରୋତ୍ସବ , ଉଦ୍‌ଘାଟଟ କରିବେ ମୁଖ୍ୟମନ୍ତ୍ରୀ



ବଳଙ୍ଗା,୧୧।୧୦(ମହାଭାରତ): ବଳଙ୍ଗା ଥାନା ଅର୍ନ୍ତଗତ ଅଲାରପୁର ଗ୍ରାମରେ ଆସନ୍ତା ୧୫ ତାରିଖ ଦିନ ହେଉଥିବା କୁମାରୋତ୍ସବ ରେ ରାଜ୍ୟମୁଖ୍ୟମନ୍ତ୍ରୀ ଉଦ୍‌ଘାଟକ ଭାବେ ଯୋଗ ଦେବାକୁ ଥିବାରୁ ପୁରୀ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଜିଲ୍ଲା ଏସ.ପି ଭିନୀତ୍ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଏସ.ଡି.ପି.ଓ ବିରଞ୍ଚି ନାରାୟଣ ପତି , ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ପ୍ରମୁଖ ଶୁକ୍ରବାର ଅପରାହ୍ନରେ ଅଲାରପୁର ଗ୍ରାମରେ ପହଞ୍ଚି ମୁଖମନ୍ତ୍ରୀଙ୍କ ନିରାପତା ପାଇଁ ବ୍ୟବସ୍ଥାର ତଦାରଖ କରିବା ସାଙ୍ଗକୁ ଉତ୍ସବ ସ୍ଥଳର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧାନ କରିଥିଲେ । ସେମାନେ ଉତ୍ସବ କମିଟିର କର୍ମକର୍ତା ମାନଙ୍କ ସହ ପ୍ରାରମ୍ଭିକ ଆଲୋଚନା ମଧ କରିଥିଲେ। ସୂଚନା ଯୋଗ୍ୟ , ଆସନ୍ତା ୧୫ ତାରିଖ ଠାରୁ ଦୁଇ ଦିନ ବ୍ୟାପି କୁମାରୋତ୍ସବ ଅନୁଷ୍ଠିତ ହେବ ଏହାକୁ ରାଜ୍ୟମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

# ଦଶହରାରେ ବିପୁଳ ମଦ ଓ ନିଶାଦ୍ରବ୍ୟ ଜବତ, ୭ ଗିରଫ

ସମ୍ବଲପୁର,୧୧।୧୦(ମହାଭାରତ): ସମ୍ବଲପୁର ପୁଲିସ ଚଳିତ ଦଶହରା ସମୟରେ ଆଇନ ବ୍ୟବସ୍ଥାକୁ ହାତମୁଠାରେ ରଖିବା ଉଦ୍ୟମ ଚଳାଇଛି। ଅନେକ ଅପରାଧିକ ଘଟଣା ଗୁଡିକର ପଛରେ ନିଶା କାରବାରର ସଂପୃକ୍ତି ଥିବାରୁ ପୁଲିସ ପକ୍ଷରୁ ୨ଟି ଘଟଣାରେ ବିପୁଳ ନିଶା ଦ୍ରବ୍ୟ ଧରାଯାଇଛି। ପ୍ରଥମ ଘଟଣାରେ ଅତିରିକ୍ତ ।

ଏସପି ହରେଶ ପାଣ୍ଡେଙ୍କ ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟାରେ ନାକା ଲଗାଇ ଚେକିଂ ସମୟରେ ସ୍ଥାନୀୟ ଲକ୍ଷ୍ମୀ ଡୁଙ୍ଗୁରୀ ଦେଇ ଯାଇଥିବା ଜାତୀୟ ରାଜପଥରେ ଏକ ଅଟୋକୁ ଅଟକାଇ ଯା□ କରାଯାଇଥିଲା। ଯା□ ସମୟରେ ଉକ୍ତ ଅଟୋରୁ ୧୮ ପ୍ରକାରର ବିଭିନ୍ନ ବିଦେଶୀ ମଦ (ସମୁଦାୟ ୧୨୦ ଲିଟର) ଅଟୋରେ ୫୮୪ ବୋତଲ ପେଟି ମଧ୍ୟରେ ରଖାଯାଇ ଚାଲାଣ କରାଯାଉଥିବାର ମିଳିଥିଲା। ଅଟୋରେ ଚୋରାରେ ଚାଲାଣ କରୁଥିବା ବୁର୍ଲା ନିବାସୀ ବିକି କୁମାର (୨୬), ବୁଡ଼ାରଜା ଶାନ୍ତି ନଗର ନିବାସୀ ନନ୍ଦଲାଲ ପ୍ରସାଦ ଗୁପ୍ତା (୪୯) ଏବଂ ବରେଇପାଲି ନିବାସୀ ଦିଲୀପ ଗୁପ୍ତା (୫୧) ମଦ ସମ୍ପର୍କରେ କୌଣସି ଉପଯୁକ୍ତ ତଥ୍ୟ କିମ୍ବା କାଗଜପତ୍ର ଉପସ୍ଥାପନ କରି ପାରି ନ ଥିଲେ ଏଣୁ ଅଟୋ ଓ ମଦ ଗୁଡିକୁ ଜବତ କରାଯିବା ସହିତ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଛି।

ଏ ନେଇ କ୍ଷେତରାଜପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତ ମାନଙ୍କୁ ଅଦାଲତକୁ ଶୁକ୍ରବାର ଚାଲାଣ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଏହି ମଦ ଗୁଡିକୁ ବେଆଇନ ଭାବରେ ବରେଇପାଲି ଅ□ଳରେ ଥିବା ଏକ ମଦ ଦୋକାନରୁ ବୁର୍ଲା ଅ□ଳକୁ ଚାଲାଣ କରାଯାଉଥିବାର ଜଣାପଡ଼ିଛି। ଅନ୍ୟ ପକ୍ଷରେ କ୍ଷେତରାଜପୁର ଥାନା ପଛରେ ଥିବା ବସ୍ତି ମଧ୍ୟରେ ଅହରହ ବେଆଇନ ଭାବରେ ନିଶା ଦ୍ରବ୍ୟ ବିକ୍ରି ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ଉପରେ ଚଢ଼ଉ କରାଯାଇ ନ ଥିବା ବେଳେ ଥାନା ଉପରେ ସବୁ ମହଲରୁ ଅଙ୍ଗୁଳି ଉଠୁଥିବାରୁ ଭାବମୂର୍ତ୍ତି ସୁଧାର ପାଇଁ ଏହି ଚଢ଼ଉ କରାଯାଇଛି ବୋଲି ପୁଲିସ ବିଭାଗ ମଧ୍ୟରେ ଚର୍ଚ୍ଚା ହେଉଛି।

## ମହାନଦୀରେ ୨ ଜଣ ନିଖୋଜ

ସମ୍ବଲପୁର,୧୧।୧୦(ମହାଭାରତ): ମହାନଦୀରେ ପୁଣି ଅଘଟଣ ଘଟିଛି। ସମ୍ବଲପୁର ସହରର କ୍ଷେତରାଜପୁର ଥାନା ଅଧୀନ ଧୋବାପଡ଼ା ଘାଟରେ ବୁଡ଼ିଯାଇ ୨ ଜଣ ବ୍ୟକ୍ତି ନିଖୋଜ ଅଛନ୍ତିୟ ନିଖୋଜ ବ୍ୟକ୍ତିମାନେ ଏସ୍ କନ୍ହି ଓ ହିମାଂଶୁ ସିଂହ। ଏମାନେ ତିୱାରୀଗଳି ନିବାସୀ ଓ ନବମ ଶ୍ରେଣୀର ଛାତ୍ର ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।ସୂଚନା ଅନୁସାରେ ଆଜି ଅପରାହ୍ଣ ପ୍ରାୟ ୪ଟାର ମହାନଦୀର ଧୋବାଘାଟରେ ୨ ଜଣ ବୁଡ଼ିଯାଉଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ଦେଖଣହାରୀମାନେ ଭାବିଥିଲେ ଯେ, ମତ୍ସ୍ୟଜୀବୀମାନେ ବୁଡ଼ି ଯାଉଛନ୍ତି। ସେମାନେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ଏହା ପରେ ପୁଲିସ ପିସିଆରରୁ ସୂଚନା ପାଇଁ ଅଗ୍ନିଶମ ବାହିନୀର ୬ ଜଣିଆ। ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲେ। ମହାନଦୀରେ ବାରମ୍ବାର ଅଘଟଣ ଘଟୁଛି। ସଚେତନା ଅଭାବ ଯୋଗୁଁ ବିଭିନ୍ନ ସମୟରେ ମହାନଦୀରେ ବୁଡ଼ି ଅନେକ ଲୋକ ଜୀବନ ହାରିସାରିଛନ୍ତି। ନଦୀରେ ଜଳସ୍ତର ନଜାଣି ପ୍ରବେଶ କରୁଥିବାରୁ ଲୋକେ ଅକାରଣରେ ପ୍ରାଣ ହାରୁଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ନିଖୋଜ ୨ ଜଣଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବାହିନୀ ଉଦ୍ୟମ ଜାରି ରଖିଛନ୍ତି। ସନ୍ଧ୍ୟା ହୋଇ ଯାଇଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ପହଞ୍ଚିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ନିଖୋଜମାନେ ତିୱାରୀଗଳିର ନିବାସୀ। ସେମାନେ ନବମ ଶ୍ରେଣୀର ଛାତ୍ର। କିନ୍ତୁ ଉଦ୍ଧାର ପ୍ରକ୍ରିୟା ଶେଷ ହେବା ଅଥବା ପରିବାର ଲୋକଙ୍କ ଅଭିଯୋଗ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ।

# କଂଗ୍ରେସ ପକ୍ଷରୁ ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ

ଜଳେଶ୍ୱର,୧୧।୧୦(ମହାଭାରତ): ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜଳେଶ୍ୱର କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରିବା ସହିତ ମା'ଙ୍କର ଆଶୀର୍ବାଦ ଭିକ୍ଷା କରାଯାଇଛିୟଜଳେଶ୍ୱର ସହରର ବଡ଼ ବଜାର ଛକ, ନଛିମପୁର, ଲକ୍ଷଣନ୍ନାଥ ରୋଡ଼,ଛ'ମୌଜ, ବର୍ତ୍ତନା ପ୍ରଭୃତି ପୂଜା ମଣ୍ଡପ ପରିଦର୍ଶନ କରିବା ସହିତ କମିଟିର କର୍ମକର୍ତ୍ତା ମାନଙ୍କ ସହିତ ବିଭିନ୍ନ ସାମାଜିକ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଉକ୍ତ ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ,ପୂର୍ବତନ ବ୍ଲକ କଂଗ୍ରେସ କମିଟି ସଭାପତି ରାଜୀବ ପରିଡ଼ା, ପୂର୍ବତନ ନଗର କଂଗ୍ରେସ କମିଟି ସଭାପତି ଗିରିଜା ଶଙ୍କର ଦାସ,ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସବ୍ୟସାଚୀ ଦାସ,ପୂର୍ବତନ କିଷାନ କଂଗ୍ରେସ ସଭାପତି ସୁଦାମ ଚରଣ ପାତ୍ର,ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ହରି ଶଙ୍କର ଜେନା,କଂଗ୍ରେସ ଯୁବ ନେତା ସତ୍ୟଜିତ ପାତ୍ର ପ୍ରମୁଖ ସାମିଲ ଥିଲେୟବଡ଼ ବଜାର ଛକ ପୂଜା କମିଟି ପକ୍ଷରୁ କାଉନସିଲର ଗୋବିନ୍ଦ ଚନ୍ଦ୍ର ସାହୁ, ଗୋପାଳ ସାହୁ,ପରୀକ୍ଷିତ ସାହୁ ପ୍ରମୁଖ ପ୍ରତିନିଧି ମଣ୍ଡଳୀଙ୍କୁ ସ୍ୱାଗତ ଜଣାଇଥିଲେ।



# କାଦମ୍ବିନୀର ଶାରଦୀୟ ବନ୍ଧୁ ମିଳନ

ଭୁବନେଶ୍ୱର, ୧୧।୧୦(ମହାଭାରତ): ଲୋକପ୍ରିୟ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଜି କିସ୍ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ, ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରୁ ୫ଶହରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

'କାଦମ୍ବିନୀ' ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କହିଲେ, କାଦମ୍ବିନୀ ପ୍ରତିବର୍ଷ କବି ଓ ସାହିତ୍ୟିକଙ୍କୁ ନେଇ ଶାରଦୀୟ ବନ୍ଧୁ ମିଳନ କରିଥାଏ। ଏହା ବ୍ୟତୀତ ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପ୍ରଚାର ଓ ଉନ୍ନତି ଦିଗରେ 'କାଦମ୍ବିନୀ' ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି ବୋଲି ସେ କହିଥିଲେ। ଆଜିର ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରଚାରକ, କବି ଓ ଗାଳ୍ପିକ ଡ. ସ୍ୱାମୀ ଚିଦାନନ୍ଦ ମହାରାଜ, ବିଶିଷ୍ଟ ବାଗ୍ମୀ, ସୁବକ୍ତା, ଧର୍ମଶାସ୍ତ୍ର ବିଶାରଦ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା କୃଷ୍ଣ କେଶବ ଷଡ଼ଙ୍ଗୀ, ପାଲା ଗାୟିକା ପ୍ରଜ୍ଞା ରାଉତ ଓ ଶିକ୍ଷାବିତ ଡ. ପ୍ରିତି ପ୍ରତିଭା ଭୋଳ ପ୍ରମୁଖ ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ଅଧ୍ୟାତ୍ମ ଉପରେ ବିଷଦ ଆଲୋଚନା କରିଥିଲେ। ଏହି ଅବସରରେ କାଦମ୍ବିନୀ ଓ କୁନିକଥାର ଶାରଦୀୟ ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଏଥିରେ ପ୍ରଚ୍ଛଦପଟ୍ଟରେ ସ୍ଥାନ ପାଇଥିବା ଅଭିନେତ୍ରୀ ଶୀତଲ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଦମ୍ବିନୀ ଓ କୁନିକଥା ସମ୍ପାଦିକା ଡ. ଇତିରାଣୀ ସାମନ୍ତ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ।

# ପ୍ରତିଶ୍ରୁତି ସହ ୫ହଜାର ଟଙ୍କା ଦେବାରୁ ଧାରଣାରୁ ଓହରିଲେ ଗର୍ଭବତୀ ମହିଳା

ଡେଲାଙ୍ଗ,୧୧।୧୦(ମହାଭାରତ): ଡେଲାଙ୍ଗ ଥାନା ଅନ୍ତର୍ଗତ ବରପଦା ଗ୍ରାମର ଜଣେ ୯ ମାସ ଗର୍ଭବତୀ ମହିଳା ତାଙ୍କ ସ୍ୱାମୀଙ୍କ ବ୍ୟାଙ୍କ ସଞ୍ଚୟ ଖାତା ଅଚଳ ହେବା ପ୍ରତିବାଦରେ ଡେଲାଙ୍ଗ ଥାନା ସମ୍ମୁଖରେ ଧାରଣା ଦେଇଥିଲେ।

ଡେ଼ଲାଙ୍ଗ ପୁଲିସ ପକ୍ଷରୁ ଆଗାମୀ ଦିନରେ ବ୍ୟାଙ୍କ୍ ଜମା ଖାତା ସଚଳ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ସହିତ ୫ ହଜାର ଟଙ୍କା ଦେବାରୁ ଗର୍ଭବତୀ ମହିଳା ଧାରଣାରୁ ଓହରିଥିବା ଜଣାପଡିଛି। ସୂଚନା ଅନୁଯାୟୀ ବରପଦା ଗ୍ରାମର ପଦ୍ମନାଭ ବେହେରା ଜଣେ ଗରିବ ଦଳିତ ଶ୍ରେଣୀର ବ୍ୟକ୍ତି ଅଟନ୍ତି। ବିଗତ ଦିନରେ ସେ ଏକ ଖଣି ମାମଲାରେ ଗିରଫ ହୋଇ କୋର୍ଟ ଚାଲାଣ କରାଯିବା ସହ ତାଙ୍କର ଗ୍ରାମ୍ୟ ବ୍ୟାଙ୍କ ହରିପୁର ଶାଖାରେ ଥିବା ଏକ ଜମା ଖାତା ଆକାଉଣ୍ଟ କୁ ଡେଲାଙ୍ଗ ପୁଲିସ ନିର୍ଦ୍ଦେଶ କ୍ରମେ ଅଚଳ କରିଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ପଦ୍ମନାଭ କୋର୍ଟରୁ ଜାମିନ୍ ପାଇ ଆସିବା ପରେ ପରିବାର ଚଳାଇବା ସହିତ ୯ ମାସ ଗର୍ଭବତୀ ପତ୍ନୀଙ୍କ ଚିକିତ୍ସା ଖର୍ଚ୍ଚ ପାଇଁ ଟଙ୍କା ଆବଶ୍ୟକତା



ପଡ଼ିବାରୁ ସେ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯିବାରୁ ପୁଲିସ ନିର୍ଦ୍ଦେଶ ଅନୁଯାୟୀ ଆକାଉଣ୍ଟ ଅଚଳ ଥିବା ଶାଖା ପରିଚାଳକ ସୁଚନା ଦେଇଥିଲେ। ତେବେ ପଦ୍ମନାଭ ତାଙ୍କ ୯ ମାସର ଗର୍ଭବତୀ ପତ୍ନୀଙ୍କୁ ସାଙ୍ଗରେ ନେଇ ଡେଲାଙ୍ଗ ଥାନାକୁ ବାରମ୍ବାର ଦୌଡ଼ିବା ସହ ବ୍ୟାଙ୍କ ଆକାଉଣ୍ଟ୍ ସଚଳ କରିବା ପାଇଁ ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତିଙ୍କୁ ଲିଖିତ ଭାବେ ଜଣାଇଥିଲେ।

ତେବେ ଡେଲାଙ୍ଗ ଥାନା ଆଇଆଇସି ଅଭିଯୋଗ ପତ୍ର ଗ୍ରହଣ କରିବା ପରେ ବ୍ୟାଙ୍କକୁ ଇ-ମେଲ୍ ମାଧ୍ୟମରେ ଜଣାଇବେ ବୋଲି କହିଥିଲେ। ବ୍ୟାଙ୍କ ଆକାଉଣ୍ଟ ସଚଳ ହୋଇପାରିନଥିବାରୁ ସେ ଅଭିଯୋଗ କରିଥିଲେ। ପରିବାର ଖର୍ଚ୍ଚ ସହ ୯ମାସର ଗର୍ଭବତୀ ପତ୍ନୀଙ୍କ ଚିକିତ୍ସାରେ ବାଧକ ସାଜିଥିଲା। ଏହାର ପ୍ରତିବାଦରେ ପଦ୍ମନାଭଙ୍କ ଗର୍ଭବତୀ ପତ୍ନୀ ସସ୍ମିତା ଡେ଼ଲାଙ୍ଗ ଥାନା ମଖ୍ୟ ଗେଟ ସମ୍ମୁଖରେ ଧାରଣାରେ ବସିବା ସହିତ ତାଙ୍କ ସ୍ୱାମୀଙ୍କ ବ୍ୟାଙ୍କ ଖାତା ସଚଳ କରିବାକୁ ଜିଦ୍ ଧରିଥିଲେ। ତେବେ ଥାନାରେ ଆଇଆଇସି ଶ୍ରୀ ପଟ୍ଟନାୟକ ଅନୁପସ୍ଥିତ ଥିବା ବେଳେ ଶେଷରେ ଏଏସ୍ଆଇ କେଳୁ ଜେନା ଓ ଏଏସ୍ଆଇ ବିନୋଦିନୀ ବେହେରାଙ୍କ ମିଳିତ ଉଦ୍ୟମରେ ଧାରଣାରତ ଗର୍ଭବତୀ ମହିଳାଙ୍କୁ ବୁଝାସୁଝା କରିବା ସହ ଆଗାମୀ ଦିନରେ ଅତିଶୀଘ୍ର ବ୍ୟାଙ୍କ ଖାତା ସଚଳ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ଶହ ଚିକିତ୍ସା ଓ ପାରିବାର ଖର୍ଚ୍ଚ ପାଇଁ ପୁଲିସ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରିବା ପରେ ସେ ଧାରଣାରୁ ଓହରିଥିଲେ।

## ପାଟ୍ରୋଲିଂ ବେଳେ ଗୋ-ଚାଲାଣ ରୋକିଲା ନବରଙ୍ଗପୁର ପୋଲିସ

# ପଚାଶରୁ ଊର୍ଦ୍ଧ୍ୱ ଗାଈ ଜବତ,ଡ୍ରାଇଭର ଫେରାର

ନବରଙ୍ଗପୁର,୧୧।୧୦(ମହାଭାରତ): ନବରଙ୍ଗପୁର ଥାନା ଅନ୍ତର୍ଗତ ତାରାଗାଁ ଓ ନବରଙ୍ଗପୁର ମୁଖ୍ୟ ରାସ୍ତାରେ ପୋଲିସ ଦ୍ୱାରା ରାତ୍ର ପହରା ସମୟରେ ଗୋଟିଏ ଦଶ ଚକିଆ। ଗାଡି କୁ ସନ୍ଦେହ କରି ଅଟକାଇବାରୁ ସେଥିରେ ୫୦ ରୁ ଉର୍ଦ୍ଧ୍ୱ ଗାଈ ଥିବା ଜଣା ପଡିଥିଲା। ପୋଲିସ କୁ ଦେଖି ଡ୍ରାଇଭର ଚମ୍ପଟ ମାରିଥିବା ବେଳେ ଅନ୍ୟ ଡ୍ରାଇଭର



ସହାୟତା ରେ ଗାଡି କୁ ନନ୍ଦହାଣ୍ଡି ବ୍ଲକ ଅନ୍ତର୍ଗତ ସରୁଗୁଡା ସ୍ଥିତ ଗୋଶାଳା କୁ ନିଆଯାଇଥିଲା । ସୂଚନା ଅନୁସାରେ ଗାଡି ନଂ ଟି.ଏସ-- ୟୁ.ଇ - ୧୩୪୩ ରେ ବୁଧବାର ଭୋର ସମୟରେ ଚୋରା ଗୋ ଚାଲାଣ ହେଉଥିବା ଖବର ପାଇ ନବରଙ୍ଗପୁର ଥାନା ଏସ.ଆଇ ଦେବାଶିଷ ସାହୁ ଗାଡିଟିକୁ ଜବତ କରି ସେହି ଗାଡିରୁ ପଚାଶ ରୁ ଉର୍ଦ୍ଧ୍ୱ ଗାଈଙ୍କୁ ଉଦ୍ଧାର କରିଛନ୍ତି ଯ ଏ ନେଇ ନବରଙ୍ଗପୁର ଥାନା ରେ ୩୯୭/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ବୋଲି ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି।

# ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜନ୍ମ ଜୟନ୍ତୀ

ଜଳେଶ୍ୱର,୧୧/୧୦(ମହାଭାରତ): ଯୋଗଜନ୍ମା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ଭଞ୍ଜ ଭବନରେ ଅନୁଷ୍ଠିତ ହୋଇଯାଇଛି। ଊନବିଂଶ ଓ ବିଂଶ ଶତାବ୍ଦୀର ସମାଜବାଦୀ ଚିନ୍ତାଧାରାର ଅପୂର୍ବ ସମନ୍ୱୟ ବୋଲି ଆଜିର ଜନ୍ମଜୟନ୍ତୀ ସଭାରେ ବକ୍ତାମାନେ ବକ୍ତବ୍ୟ ରଖିବା ସହ ତାଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେୟ ଜଳେଶ୍ୱର ସହରରେ



ସନ୍ଧି କ୍ଷଣରେ ଭାରତରେ ଯେଉଁ ମହାମନିଷୀଙ୍କର ଜନ୍ମ ଏବଂ ତାଙ୍କ ସମୟକୁ ଯେଉଁ ପଦଚିହ୍ନ ଛାଡି ଯାଇଛନ୍ତି ସେମାନଙ୍କ ମଧ୍ୟରେ ଗୋପବନ୍ଧୁ ଅନ୍ୟତମ । ଉଚ୍ଚ ଚିନ୍ତନ ଓ ସରଳ ଜୀବନ ଥିଲା ତାଙ୍କର ଜୀବନ ଦର୍ଶନ। ଏକା ଧାରରେ ସେ ଥିଲେ ଶିକ୍ଷକ, କବି, ଓକିଲ, ବ୍ୟବସ୍ଥାପକ, ସମାଜ ସେବୀ ସଂସ୍କାରକ ସମ୍ପାଦକ ଓ ଦିନ ଦୁଃଖୀର ଦରଦୀ ବନ୍ଧୁୟ ତାଙ୍କ ଜୀବନର ଉଚ୍ଚାଦର୍ଶ ବିଶ୍ୱଜନୀନ ଓ ସର୍ବକାଳୀନୟ ଶ୍ରମିକ ସମାଜକୁ ଶୋଷଣ ର ମୁକ୍ତି ପାଇଁ ତାଙ୍କର ଥିଲା ସାମ୍ୟବାଦୀ ଚିନ୍ତନ ଏବଂ ଅନ୍ୟ ପକ୍ଷରେ ମହାତ୍ମାଗାନ୍ଧୀ ଙ୍କ ସତ୍ୟ ଓ ଅହିଂସାର ଅମୋଘ ଅସ୍ତ୍ର ପ୍ରୟୋଗ କରି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଏବଂ ସୁବର୍ଣ୍ଣରେଖାର ଯେକୋଣସି ସେତୁକୁ ତାଙ୍କ ନାମରେ ନାମିତ କରିବା ପାଇଁ ବୈଠକରେ ଦାବି କରାଯାଇଅଛି।

ସଂସଦର ଆବାହକ ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ପୂର୍ବତନ ଅଧକ୍ଷ ଶ୍ୟାମା ଚରଣ ଦାସ, ଜିତାରାମ ଦେ,ଡଃ ରମାକାନ୍ତ ଭଞ୍ଜ ,ଓଷ୍କାର ଜିଲ୍ଲା ସମ୍ପାଦକ ମନୋରଞ୍ଜନ ଦାସ, ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, ଜ୍ୟୋତିଷ୍ ଚନ୍ଦ୍ର କର,ସମବାୟବିତ ଶରତ ଚନ୍ଦ୍ର ପରିଡା, ସମାଜସେବୀ ଅଶୋକ ଜେନା, ଭାସ୍କର ଚନ୍ଦ୍ର ମିଶ୍ର, ରବିନ୍ଦ୍ର ବାରିକ ପ୍ରମୁଖ ବକ୍ତବ୍ୟ ଦେଇଥିଲେୟ ଶେଷରେ ସୁବ୍ରତ ବେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମୋଟାବାଡିରେ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡା,୧୧।୧୦ (ମହାଭାରତ): ଆଗାମୀ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ମୋଟାବାଡି ଗ୍ରାମରେ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ରାକେଶ କର ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିଲା ବେଳେ ରମେଶ ଚନ୍ଦ୍ର ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପୂଜା କମିଟିର ସଦସ୍ୟବୃନ୍ଦଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



# ୧୯ତମ ପୂର୍ବ ଏସିଆ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଅଂଶଗ୍ରହଣ

ନୂଆଦିଲ୍ଲୀ,୧୧।୧୦(ପିଆଇବି): ପ୍ରଧାନମନ୍ତ୍ରୀ ୧୧ ଅକ୍ଟୋବର ୨୦୨୪ରେ ଲାଓ ପିଡିଆର୍ ର ଭିଏଣ୍ଟିଆନେଠାରେ ୧୯ତମ ପୂର୍ବ ଏସିଆ। ଶିଖର ସମ୍ମିଳନୀ (ଇଏଏସ୍ )ରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଆଞ୍ଚଳିକ ଢାଞ୍ଚା, ଭାରତର ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣ ଏବଂ କ୍ୱାଡ୍ ସହଯୋଗରେ ଆସିଆନର କେନ୍ଦ୍ରୀୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ପୂର୍ବ ଏସିଆ। ଶିଖର ସମ୍ମିଳନୀରେ ଭାରତର ଅଂଶଗ୍ରହଣ ଏହାର ଆକ୍ଟ ଇଷ୍ଟ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅଞ୍ଚଳରେ ଶାନ୍ତି ଓ ବିକାଶ ପାଇଁ ଏକ ମୁକ୍ତ, ସମାବେଶୀ, ସମୃଦ୍ଧ ଏବଂ ନିୟମ ଭିତ୍ତିକ ଭାରତ-ପ୍ରଶାନ୍ତ ମହାସାଗର ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ସେ ଭାରତର ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ପାଇଁ ପଦକ୍ଷେପ ଏବଂ ଭାରତ-ପ୍ରଶାନ୍ତ ମହାସାଗର ଉପରେ ଆସିଆନ୍ ଦୃଷ୍ଟିକୋଣ ମଧ୍ୟରେ ସମାନତା ଏବଂ ସାଧାରଣ ଆଭିମୁଖ୍ୟ ବିଷୟରେ କହିଥିଲେ। ସମ୍ପ୍ରସାରଣବାଦ ଉପରେ



ଗୁରୁତ୍ୱ ଦେବା ପରିବର୍ତ୍ତେ ଏହି ଅଞ୍ଚଳ ବିକାଶ ଭିତ୍ତିକ ଆଭିମୁଖ୍ୟ ଅବଲମ୍ବନ କରିବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ଇଏଏସ୍ ବ୍ୟବସ୍ଥାର ଗୁରୁତ୍ୱକୁ ଦୋହରାଇବା ସହ ଏହାକୁ ଆହୁରି ସୁଦୃଢ଼ କରିବା ପାଇଁ ଭାରତର ସମର୍ଥନକୁ ଦୋହରାଇ ପ୍ରଧାନମନ୍ତ୍ରୀ ନାଳନ୍ଦା ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର ପାଇଁ ଇଏଏସ୍ ଅଂଶଗ୍ରହଣକାରୀ ଦେଶମାନଙ୍କଠାରୁ ମିଳିଥିବା ସମର୍ଥନକୁ ସ୍ମରଣ କରିଥିଲେ । ପ୍ରଧାନମନ୍ତ୍ରୀ ଏହି ଅବସରରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ଉଚ୍ଚଶିକ୍ଷା ମୁଖ୍ୟ ସମ୍ମିଳନୀପାଇଁ ଇଏଏସ୍ ଦେଶଗୁଡ଼ିକୁ ନିମନ୍ତ୍ରଣ କରିଥିଲେ।ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିକୁ ପ୍ରଭାବିତ କରୁଥିବା ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ନେତାମାନେ ମତ ବିନିମୟ କରିଥିଲେୟ ଦକ୍ଷିଣ ବିଶ୍ୱ ଉପରେ ସଂଘର୍ଷର ଗମ୍ଭୀର ପ୍ରଭାବ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଶ୍ୱରେ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ମାନବିକ ଦୃଷ୍ଟିକୋଣ ଉପରେ ଆଧାରିତ ଆଲୋଚନା ଏବଂ କୂଟନୀତିର ମାର୍ଗ ଗ୍ରହଣ କରାଯିବା ଆବଶ୍ୟକ। ଯୁଦ୍ଧ କ୍ଷେତ୍ରରେ ସେମାନଙ୍କ ପାଇଁ କୌଣସି ସମାଧାନ ନାହିଁ ବୋଲି ସେ ଦୋହରାଇଥିଲେୟ ସାଇବର ଏବଂ ସାମୁଦ୍ରିକ ଆହ୍ୱାନ ସହିତ ଆତଙ୍କବାଦ ବିଶ୍ୱ ଶାନ୍ତି ଏବଂ ନିରାପତ୍ତା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି, ଯାହାର ମୁକାବିଲା ପାଇଁ ଦେଶଗୁଡ଼ିକ ଏକାଠି ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ପୂର୍ବ ଏସିଆ। ଶିଖର ସମ୍ମିଳନୀର ସଫଳତାର ସହ ଆୟୋଜନ କରିଥିବାରୁ ପ୍ରଧାନମନ୍ତ୍ରୀ ଲାଓସ୍ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ ଆସିଆନର ନୂତନ ଅଧକ୍ଷ ଭାବେ ମାଲେସିଆକୁ ଶୁଭେଚ୍ଛା ଜଣାଇବା ସହ ଏଥିରେ ଭାରତର ପୂର୍ଣ୍ଣ ସମର୍ଥନ ପ୍ରକାଶ କରିଥିଲେ।

## ଦିଲ୍ଲୀରେ ବାୟୁ ପ୍ରଦୂଷଣ ମୁକାବିଲା

# ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପିକେ ମିଶ୍ରଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକ

ନୂଆଦିଲ୍ଲୀ,୧୧।୧୦(ପିଆଇବି): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଦିଲ୍ଲୀରେ ବାୟୁ ପ୍ରଦୂଷଣ ମୁକାବିଲା ପାଇଁ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକରେ ଅଧକ୍ଷତା କରିଥିଲେ। ବୈଠକରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଉଭୟ ତତ୍କାଳ ଏବଂ ଦୀର୍ଘମିଆଦୀ ପଦକ୍ଷେପ କାର୍ଯ୍ୟକାରୀ କରିବାରେ ଦିଲ୍ଲୀ ସରକାର ଏବଂ ଅନ୍ୟ ଅଂଶୀଦାରଙ୍କ ପ୍ରସ୍ତୁତିର ଆକଳନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ଦିଲ୍ଲୀ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ ଟାସ୍କଫୋର୍ସ ସାମ୍ପ୍ରତିକ ରଣନୀତିର ସମୀକ୍ଷା କରିବା ସହ ପ୍ରଦୂଷଣ ଆହ୍ୱାନର ମୁକାବିଲା ପାଇଁ ଅତିରିକ୍ତ ଅଭିନବ ପଦକ୍ଷେପ ଉପରେ ଆଲୋଚନା କରିଥିଲେ।

ଦିଲ୍ଲୀର ମୁଖ୍ୟ ଶାସନ ସଚିବ ୨୦୨୪ ପାଇଁ ସହରର ବାୟୁ ଗୁଣବତ୍ତା ପରିଚାଳନା ପଦକ୍ଷେପ ଉପରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ବିଶେଷକରି ଶୀତ ଋତୁରେ ପାଣିପାଗର ଗତିଶୂନ୍ୟ ସ୍ଥିତି ଯେତେବେଳେ ପରିସ୍ଥିତିକୁ ଖରାପ କରିଥାଏ, ସେତେବେଳେ ନିର୍ମାଣ ସମ୍ବନ୍ଧୀୟ ଧୂଳି, ଜୈବିକ ବର୍ଜ୍ୟ ସାମଗ୍ରୀ ବା ବାୟୋମାସ୍ ପୋଡ଼ିବା ଏବଂ ଯାନବାହନ ନିର୍ଗମନ ପ୍ରଦୂଷଣ ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ସେ ଆଲୋକପାତ କରିଥିଲେ। ଇଲେକ୍ଟ୍ରିକ୍ ବସ୍ ଯାତାୟାତ ବଢ଼ାଇବା ଏବଂ ଚାର୍ଜିଂ ଭିତ୍ତିଭୂମିର ସମ୍ପ୍ରସାରଣ, ଯାନ୍ତ୍ରିକ ରାସ୍ତା ସଫେଇ, ଧୂଳି ନିୟନ୍ତ୍ରଣ ଏବଂ ବର୍ଜ୍ୟବସ୍ତୁ ଓ ବାୟୋମାସ୍ ପୋଡିବାକୁ ରୋକିବା ପାଇଁ ପ୍ରୟାସ ସମେତ ବର୍ତ୍ତମାନ ଜାରି ରହିଥିବା ଅନେକ ପଦକ୍ଷେପ ବିଷୟରେ ସେ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ।

ବୈଠକରେ ଡକ୍ଟର ମିଶ୍ର କ୍ରମାଗତ ଭାବେ ବାୟୁର ଗୁଣବତ୍ତା ହ୍ରାସ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରିବା ସହ ପ୍ରଚଳିତ ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେୟ ଉଭୟ ସଡ଼କ ଓ ନିର୍ମାଣ କାର୍ଯ୍ୟଠାରୁ ଆରମ୍ଭ କରି ଧୂଳି ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିବା ର ଆବଶ୍ୟକତା ରହିଛି ବୋଲି ସେ ଜୋର୍ ଦେଇ କହିଥିଲେୟ ଧୂଳି ଉତ୍ପାଦନକୁ ରୋକିବା ପାଇଁ ରାସ୍ତାର କେନ୍ଦ୍ର ସ୍ଥଳୀରେ ସବୁଜିମା ସୃଷ୍ଟି କରିବା ଏବଂ ରାସ୍ତା ଘାଟ, ରାସ୍ତା କଡ଼ରେ ଖୋଲା ସ୍ଥାନକୁ ସ୍ୱଚ୍ଛ/ ସବୁଜ କରିବା ପାଇଁ ମିଶନ ମୋଡ୍ ଆଭିମୁଖ୍ୟ ଗ୍ରହଣ କରିବାକୁ ଡ. ମିଶ୍ର ପରାମର୍ଶ ଦେଇଥିଲେ। ବିଶେଷ କରି ଉଚ୍ଚ ପ୍ରଦୂଷଣ ସ୍ଥାନ ଏବଂ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ (ଜିଆରଏପି) ଅଧୀନରେ ଯାନ୍ତ୍ରିକ ରାସ୍ତା ସଫେଇ, ପର୍ଯ୍ୟାପ୍ତ ସଂଖ୍ୟକ ସ୍ମଗ୍ ନିରୋଧୀ ଗନ୍ ମୁତୟନ ଏବଂ ନିୟମିତ ପାଣି ସିଞ୍ଚନକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ନିର୍ମାଣ ଓ ଉଚ୍ଛେଦ ସ୍ଥଳରେ ଧୂଳି ନିୟନ୍ତ୍ରଣ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଏବଂ ରାସ୍ତାରେ ଧୂଳି ପ୍ରଦୂଷଣ ରୋକିବା ଭଳି ନିର୍ମାଣ ସାମଗ୍ରୀ ଓ ଆବର୍ଜନା ପରିବହନ ସୁନିଶ୍ଚିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।



କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ମଧ୍ୟ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ଡକ୍ଟର ମିଶ୍ର ପୌର କଠିନ ବର୍ଜ୍ୟବସ୍ତୁ ଏବଂ ବାୟୋମାସ୍ କୁ ଖୋଲାରେ ଜାଳିବା ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଶୀତ ଋତୁରେ ବାୟୁ ପ୍ରଦୂଷଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଦିଲ୍ଲୀରେ ଅଳିଆ ଗଦାଗୁଡ଼ିକୁ ସଫା କରିବାର ମନ୍ଥର ଗତି ଏବଂ ଏମସିଡି ଦ୍ୱାରା ବର୍ଜ୍ୟବସ୍ତୁରୁ ଶକ୍ତି ଯୋଜନା କାର୍ଯ୍ୟକାରୀ କରିବାରେ ବିଳମ୍ବକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଡକ୍ଟର ମିଶ୍ର ସମସ୍ୟାର ସମାଧାନ ଏବଂ ବିଭିନ୍ନ ପ୍ରଶମନ ପଦକ୍ଷେପର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ବିଶେଷ ଭାବରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଏବଂ ଦିଲ୍ଲୀ ମହାନଗର ନିଗମକୁ ଦାୟିତ୍ୱ ଦେଇଥିଲେ।

ଦିଲ୍ଲୀ ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ଋତୁକାଳୀନ ବାୟୁ ପ୍ରଦୂଷଣର ଏକ ପ୍ରମୁଖ ଉତ୍ସ ଫସଲ ନଡ଼ା ପୋଡ଼ିବା ବନ୍ଦ କରିବା ଉପରେ ମଧ୍ୟ ଧ୍ୟାନ ଦିଆଯାଇଥିଲା। ଯଦିଓ ଦିଲ୍ଲୀରେ ଅପେକ୍ଷାକୃତ କମ୍ ଧାନ ଜମି ରହିଛି, ତଥାପି ଆଖପାଖ ଅଞ୍ଚଳ ପାଇଁ ଏକ ଉଦାହରଣ ସୃଷ୍ଟି କରିବାକୁ ସହରରେ ନଡ଼ା ପୋଡ଼ିବା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଡ. ମିଶ୍ର ଆହ୍ୱାନ ଦେଇଥିଲେ।

ବିଦ୍ୟୁତ ଚାଳିତ ପରିବହନ ବ୍ୟବସ୍ଥା ଆଡକୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାକୁ ଡ. ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ବାଣିଜ୍ୟିକ ଜାହାଜ, ସରକାରୀ ସେବା ଏବଂ ସାଧାରଣ ପରିବହନ ପାଇଁ ଭବିଷ୍ୟତ ପଞ୍ଜୀକରଣ ଯଥା ବୈଦ୍ୟୁତିକ ଯାନକୁ ପ୍ରାଥମିକତା ଦେବା ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେୟ ୨୦୨୬ ସୁଦ୍ଧା ଇଲେକ୍ଟ୍ରିକ୍ ବସ୍ ସଂଖ୍ୟା ୮,୦୦୦ରେ ପହଞ୍ଚିବାକୁ ଥିବା ବେଳେ ୨୦୨୫-୨୬ ସୁଦ୍ଧା ୧୮,୦୦୦ ଗାଡ଼ି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ଉପରେ ସେ ଜୋର ଦେଇଥିଲେ। ଏହି ପ୍ରୟାସ ଯାନବାହନ ପ୍ରଦୂଷଣ ହ୍ରାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ କହିଥିଲେ।

ଉପରୋକ୍ତ ପଦକ୍ଷେପ ବ୍ୟତୀତ, ଦିଲ୍ଲୀରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବାର ଗୁରୁତ୍ୱ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହା ଡିଜେଲ ଜେନେରେଟର ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ। ଏହାଦ୍ୱାରା ବିଦ୍ୟୁତ କାଟ ସମୟରେ ଡିଜେଲ ଜେନେରେଟର ଚାଲିବା ଯୋଗୁ ହେଉଥିବା ବାୟୁ ପ୍ରଦୂଷଣ କମିବ। ଡିଜି ସେଟ୍ ପାଇଁ ନିର୍ଦ୍ଧାରିତ ନିର୍ଗମନ ନିୟନ୍ତ୍ରଣ ବ୍ୟବସ୍ଥାର ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକର ଯାଞ୍ଚ ବୃଦ୍ଧି କରିବାକୁ ଡକ୍ଟର ମିଶ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ, ବାୟୁର ଗୁଣବତ୍ତା ହ୍ରାସ ପାଇବା କ୍ଷେତ୍ରରେ ସକ୍ରିୟ ମୁକାବିଲା ପଦକ୍ଷେପ ଗ୍ରହଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଜିଆରଏପି ପଦକ୍ଷେପଗୁଡ଼ିକର କଠୋର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶୀତ ଋତୁରେ ଉଚ୍ଚ ପ୍ରଦୂଷଣ ହାର ଥିବା ବେଳେ ଏହାକୁ ଲାଗୁ କରିବା ଉପରେ ଡକ୍ଟର ମିଶ୍ର ଜୋର୍ ଦେଇଥିଲେ ।ଦିଲ୍ଲୀରେ ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ସମନ୍ୱିତ ଏବଂ ନିରନ୍ତର ଭାବରେ କାର୍ଯ୍ୟ କରିବାକୁ ସମସ୍ତ ଅଂଶୀଦାରଙ୍କ ଦୃଢ଼ ପ୍ରତିଶ୍ରୁତି ସହିତ ବୈଠକ ଶେଷ ହୋଇଥିଲା । ଏହି ପ୍ରୟାସକୁ ଫଳପ୍ରଦ କରିବା ପାଇଁ କ୍ଷେତ୍ରସ୍ତରରେ ନିରନ୍ତର ତଦାରଖ, ନିୟମିତ ସମୀକ୍ଷା ଏବଂ ଅନୁକୂଳ ପଦକ୍ଷେପ ଉପରେ ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଟାସ୍କ ଫୋର୍ସରେ ସାମିଲ ଥିବା ଦିଲ୍ଲୀ ସରକାରଙ୍କ ପ୍ରତିନିଧି, ବିଭିନ୍ନ କେନ୍ଦ୍ର ମନ୍ତ୍ରଣାଳୟର ସଚିବ ଓ ଅନ୍ୟ ପ୍ରତିନିଧି, ଦିଲ୍ଲୀ ପୁଲିସ, ଦିଲ୍ଲୀ ମହାନଗର ନିଗମ(ଏମସିଡି), ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ), ନୂଆଦିଲ୍ଲୀ ମ୍ୟୁନିସିପାଲିଟି କାଉନସିଲ୍ (ଏନଡିଏମସି) ଏବଂ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)ର ପ୍ରତିନିଧିମାନେ ବିଶେଷ କରି ଶୀତ ଋତୁରେ ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ଦୂର କରିବା ପାଇଁ ସେମାନଙ୍କର ସାମୂହିକ ସଂକଳ୍ପକୁ ଦୋହରାଇଥିଲେ।

# ମନ୍ଦିରରେ ଭିକ୍ଷା ବୃତ୍ତି ପାଇଁ ଚୋରି କରିଥିଲେ ପିଲା

ଭୁବନେଶ୍ୱର,୧୧।୧୦(ମହାଭାରତ): ଭିକ୍ଷା'କୁ ବୃତ୍ତି କରିବା ପାଇଁ ଚୋରି କରାଯାଉଥିଲା ପିଲା। ଆଉ ସେହି ପିଲାକୁ ଆମ ରାଜ୍ୟର ପଡୋଶୀ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ବିଭିନ୍ନ ମନ୍ଦିର ଆଗରେ ଭିକ୍ଷା ବୃତ୍ତିରେ ନିୟୋଜନ କରିବା ପାଇଁ ଉଦ୍ୟମ କରାଯାଉଥିଲା। ପ୍ରେମୀ ଯୁଗଳ ଧରାପଡ଼ିବା ପରେ ଖୋଲିଛି ପୂରା ଘଟଣା ଉପରୁ ରାଜ। ନୂଆପଡ଼ା ପୁଲିସ୍ ଏହି ଅଭିଯୋଗରେ ପ୍ରେମୀ ଯୁଗଳଙ୍କୁ ଗିରଫ କରିବା ସହିତ ଅପହରଣ ହୋଇଥିବା ନାବାଳକୁ ଉଦ୍ଧାର କରିଛି। ସେପ୍ଟେମ୍ବର ୨୯ ତାରିଖରେ କୋମନା ଥାନା ଲୋହୋଣ୍ଡୋପାଲି ଗାଁର ଅର୍ଜୁନ ବେମାଲ ଓ ତାଙ୍କ ୫ ବର୍ଷର ପୁଅ ହୃଦାସନ ବଲାଙ୍ଗିର ଜିଲ୍ଲା ଲାଠୋର ହାଟକୁ ଯାଇଥିଲେ। ଅର୍ଜୁନ୍ ହାଟରେ କିଣାକିଣ କରୁଥିବାବେଳେ ପୁଅ ନିଖୋଜ ହୋଇଯାଇଥିଲା। ଚାରିଆଡେ ପୁଅକୁ ଖୋଜିଥିଲେ। ହେଲେ ପୁଅକୁ ପାଇନଥିଲେ। ହାଟକୁ ଆସିଥିବା ଲୋକଙ୍କୁ ନିଜ ପୁଅ ସମ୍ପର୍କରେ ପଚାରିଥିଲେ। ଜଣେ ମହିଳା ଛୁଆକୁ ନେଇ ଯାଉଥିବା କିଛି ଲୋକ କହିଥିଲେ। ଏହାପରେ ଅର୍ଜୁନଙ୍କ ଅକଳ ଗୁଡୁମ ହୋଇଯାଇଥିଲା। ସେପଟେ ହାଟରୁ ପୁଅ ଅପହରଣ ହୋଇଥିବା ଜାଣି ଅର୍ଜୁନଙ୍କ ପତ୍ନୀ ରାଜକୁମାରୀ ବେମାଲ୍ ବିଚଳିତ ହୋଇପଡ଼ିଥିଲେ। ତେବେ କିଏ ଓ କାହିଁକି ୫ ବର୍ଷର ପୁଅ ହୃଦାସନଙ୍କୁ ଅପହରଣ କରିଥିଲା ? ସେ ସମ୍ପର୍କରେ କିଛି ତଥ୍ୟ ପାଉନଥିଲେ ଅର୍ଜୁନ ଓ ତାଙ୍କ ପତ୍ନୀ। ତେବେ ମନ ଭିତରେ ନିଜର ଦୂର ସମ୍ପର୍କୀୟା ପଦ୍ମିନୀ ମାଝୀଙ୍କ ଉପରେ ସନ୍ଦେହ ହୋଇଥିଲା। ତେଣୁ ତାଙ୍କ ବିରୋଧରେ କୋମନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଥିପାଇଁ ନୂଆପଡ଼ା ଏସପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା।

ପୁଲିସ୍ ପ୍ରଥମେ ପଦ୍ମିନୀ ମାଝୀଙ୍କ ମୋବାଇଲ୍ ଟ୍ରାକ୍ କରିଥିଲା। ସେହି ସମୟରେ ପଦ୍ମିନୀ ମାଝୀଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ପଦ୍ମିନୀ ତେଲେଙ୍ଗାନା ରାଜକୋନା ଥାନା ରାମୋଜୀ ଫିଲ୍ମ ସିଟି ପାଖାପାଖି ଅଞ୍ଚଳରେ ଥିବା ପୁଲିସ୍ ଜାଣିବାକୁ ପାଇଥିଲା। ତେଣୁ ତେଲେଙ୍ଗାନା ପୁଲିସ୍ ସହାୟତାରେ ନୂଆପଡ଼ା ପୁଲିସ୍ ସେଠାରେ ଚଢ଼ଉ କରିଥିଲା। ପୁଲିସ୍ ସେଠାରୁ ପଦ୍ମିନୀ, ତାଙ୍କ ପ୍ରେମିକ ଦୁର୍ଯ୍ୟୋଧନ ବରିହାଙ୍କୁ ଧରିଥିଲା। ଏଥିସହ ଅପହରଣ ହୋଇଥିବା ଅର୍ଜୁନଙ୍କ ପୁଅ ହୃଦାସନଙ୍କୁ ଉଦ୍ଧାର କରିଥିଲା। ହୃଦାସନଙ୍କ ମେଡ଼ିକାଲ୍ ଚେକ୍ଅପ୍ କରାଯିବା ସହ ଦୁଇ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ପରେ ଉଭୟଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଥିଲା କୋମନା ପୁଲିସ୍।



ମିଳିଥିବା ସୂଚନାରୁ ଅନୁସାରେ ବଲାଙ୍ଗିର ଜିଲ୍ଲା ମଣ୍ଡଳ ଗାଁର ପଦ୍ମନୀ ମାଝୀ ଓ ନୂଆପଡା ବାଞ୍ଜିପଡ଼ା ଗ୍ରାମର ଦୁର୍ଯ୍ୟୋଧନ ବରିହା ଉଭୟ ବିବାହିତ। ଉଭୟଙ୍କର ଘର ସଂସାର ଓ ପିଲା ଛୁଆ। ଅଛନ୍ତି। ତଥାପି ଉଭୟ ପ୍ରେମରେ ପଡ଼ିଥିଲେ। ଭିକ୍ଷା ବୃତ୍ତିରେ ନିୟୋଜନ ପାଇଁ ପିଲା ଚୋରି କରିଥିଲେ। ଆନ୍ଧ୍ରପ୍ରଦେଶରେ ବିଭିନ୍ନ ମନ୍ଦିରରେ ଭିକ୍ଷା ବୃତ୍ତିରେ ନିୟୋଜନ ପାଇଁ ପିଲାକୁ ଚୋରି କରିଥିବା ଜେରା ବେଳେ ଉଭୟ ସ୍ୱୀକାର କହିଥିବା ପୁଲିସ୍ କହିଛି। ପୁଲିସ୍ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅପହରଣ ହୋଇଥିବା ୫ ବର୍ଷୀୟ ବାଳକ ହୃଦାସନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଅଛି। ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୀର୍ଘ ୧୧ ଦିନ ପରେ ମାଆ କୋଳକୁ ଫେରିଛି ପୁଅ। ଆଉ ପୁଅକୁ କୋଳରେ ଧରି ଅତି ଆନନ୍ଦିତ ହୋଇଛନ୍ତି ମାଆ। ରାଜକୁମାରୀ। ଏଥିପାଇଁ ସେ କୋମନା ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି।

## ଲେବାନନ୍ ଉପରେ ଆଖିବୁଜା ଆକ୍ରମଣ ; ଏସ୍ରାଏଲର ଏୟାରଷ୍ଟ୍ରାଇକରେ ୨୨ ମୃତ

**ନୂଆଦିଲ୍ଲୀ,୧୧।୧୦ :** ଥମୁନି ଇସ୍ରାଏଲ-ଇରାନ ଯୁଦ୍ଧ । ଲେବାନନ ଉପରେ ଇସ୍ରାଏଲ ଘନଘନ ରକେଟ୍ ମାଡ଼ କରିଛି । ବେରୁଟର ଏକ ଜନବସତି କୋଠା ଉପରେ ରକେଟ ମାଡ଼ କରିବାରୁ ୨୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଥିବା ସୂଚନା ରହିଛି । ବିନା ସତର୍କ ସୂଚନା ଦେଇ ୨ଟି କୋଠା ଉପରେ ଏୟାରଷ୍ଟ୍ରାଇକ୍ କରିଛି । ହେଜବୋଲ୍ଲା ଆତଙ୍କବାଦୀ ଲୁଚିଥିବା ଆଶଙ୍କାରେ ଇସ୍ରାଏଲ ରକେଟ୍ ମାଡ଼ କରିଛି । ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଗୁରୁବାର ରାତିରେ ଲେବାନାନର ରାଜଧାନୀ ଉପରେ ଇସ୍ରାଏଲର ଆକ୍ରମଣରେ ଅତି



କମରେ ୨୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧୭ ଜଣ ।ହତ ହୋଇଛନ୍ତି । ଏହି ଆକ୍ରମଣ ସହରର ଦକ୍ଷିଣ ଉପକଣ୍ଠରେ ହେଜବୋଲ୍ଲାର ଗଡ଼ଠାରୁ ବହୁ ଦୂରରେ କେନ୍ଦ୍ରୀୟ ବେରୁଟର କିଛି ଅଂଶକୁ ଟାର୍ଗେଟ କରିଛି । ସୂଚନା ଅନୁସାରେ ନିହତ ହିଜବୁଲ୍ଲା ଟପ କମାଣ୍ଡର ହସନ ନସରୁଲ୍ଲାର ଭିଣୋଇ ୱାକିଫ ସଫାକୁ ଟାର୍ଗେଟ କରି ଆଇଡିଏଫ ଆକ୍ରମଣ କରିଥିଲା କିନ୍ତୁ ଶେଷ ସମୟରେ ଚକମା ଦେଇ ଫେରାର ହୋଇଛି ସଫା ।

## ଦିଦିଙ୍କୁ ଇଣ୍ଡିଆନ ମେଡିକାଲ ଆସୋସିଏସନର ଚିଠି
## ଡାକ୍ତର ଦାବିକୁ ତୁରନ୍ତ ବିଚାର କରିବାକୁ ଅପିଲ

**ନୂଆଦିଲ୍ଲୀ,୧୧।୧୦ :** ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଇଣ୍ଡିଆନ ମେଡିକାଲ ଆସୋସିଏସନ ଚିଠି । ତୁରନ୍ତ ସମସ୍ୟା ସମାଧାନ କରିବାକୁ ଆଇଏମଏର ଅପିଲ କରିଛି । ନ୍ୟାୟ ଦାବିରେ ୫ଦିନ ଧରି ଡାକ୍ତର କରୁଛନ୍ତି ଆମରଣ ଅନଶନ । ଅନଶନ ଯୋଗୁଁ ଅନେକ ଡାକ୍ତର ଅସୁସ୍ଥ ହେଲେଣି । ତେଣୁ ତୁରନ୍ତ ସମାଧାନ କରିବାକୁ ମମତା ସରକାରଙ୍କୁ ଅପିଲ କରିଛି ଆଇଏମଏ । ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ବୁଛି ନ୍ୟାୟ ଦାବି । କୋଲକାତା ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅନଶନରେ ବସିଛନ୍ତି ଆରଜି କର ମେଡିକାଲ କଲେଜର ଜୁନିୟର ଡାକ୍ତର । ଅନଶନରେ ବସିଥିବା ଜଣେ ଡାକ୍ତରଙ୍କ ଦେହ ମଧ ରାତ୍ରିରେ ଖରାପ ହେବାରେ ତାଙ୍କୁ ରାତିରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଶନିବାର ସନ୍ଧ୍ୟାଠାରୁ ଆମରଣ ଅନସନରେ



ବସିଥିବା ଡାକ୍ତରମାନଙ୍କ ମଧ୍ୟରୁ ଅନିକେତ ମହାତୋ ହଠାତ୍ ଅସୁସ୍ଥ ହୋଇଯାଇଥିଲେ । ବରିଷ୍ଠ ଡାକ୍ତର ସୁଭର୍ନା ଗୋସ୍ୱାମୀ ମିଡିଆକୁ କହିଛନ୍ତି, ଅନିକେତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇଯାଇଛି । ତାଙ୍କୁ ଆରଜି ଡାକ୍ତରଖାନା ନିଆଯାଇଥିଲା ଏବଂ ଆଇସିୟୁରେ ଭର୍ତ୍ତି କରାଯାଇଛି । ବିକ୍ଷୋଭ ସ୍ଥଳରେ ନିୟୋଜିତ ହୋଇଛନ୍ତି ୪ଜଣିଆ ଡାକ୍ତରୀ ଦଳ । ସେପଟେ ଏହି ଘଟଣାକୁ ନେଇ ଆଏମଏ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜିଙ୍କୁ ଚିଠି ଲେଖି ଡାକ୍ତରଙ୍କ ଦାବି ଉପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଧ୍ୟାନ ଦିଅନ୍ତୁ ବୋଲି ଅପିଲ କରିଛି ଇଣ୍ଡିଆନ ମେଡିକାଲ ଆସୋସିଏସନ ।

## ଜମ୍ମୁକାଶ୍ମୀରରେ ଏନସିକୁ ସମର୍ଥନ ଦେଲା ଆପ୍

**ନୂଆଦିଲ୍ଲୀ,୧୧।୧୦ :** ଜମ୍ମୁକାଶ୍ମୀର ବିଧାନସଭା ନିର୍ବାଚନରେ ନ୍ୟାସନାଲ କନଫରେନ୍ସ (ଏନସି) ଏବଂ କଂଗ୍ରେସ ମେଣ୍ଟ ବହୁମତ ହାସଲ କରିଥିବା ବେଳେ ସରକାର ଗଢ଼ିବାକୁ ଯାଉଛନ୍ତି । ଏନସି ୪୨ ଆସନରେ ବାଜିମାତ କରିଥିବା ବେଳେ କଂଗ୍ରେସକୁ ମିଳିଛି ୬ଟି ଆସନ୍ । ଏନସି-କଂଗ୍ରେସ ମିଳିତ ଭାବରେ ସରକାର ଗଠନ କରିବାକୁ ଥିବା ବେଳେ ଜମ୍ମୁକାଶ୍ମୀରରେ ମାତ୍ର ଗୋଟିଏ ଆସନ ଜିତିଥିବା ଆମ ଆଦମୀ ପାର୍ଟି (ଆପ୍) ଏନସିକୁ ସମର୍ଥନ ଦେବ ବୋଲି ଘୋଷଣା କରିଛି । ଡୋଡା ଆସନରୁ ବିଜୟୀ ହୋଇଥିବା ଆପର ଏକମାତ୍ର ବିଧାୟକ ମେହରାଜ ମଲିକ୍ ନିଜର ସମର୍ଥନ ପତ୍ର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ପଠାଇ ଦେଇଛନ୍ତି । ଏହା ପୂର୍ବରୁ ଗୁରୁବାର ଏନସିକୁ ୪ ଜଣ ସ୍ୱାଧୀନ ବିଧାୟକ ସମର୍ଥନ ଦେବା ପରେ ଏକାକୀ ଦଳକୁ ସଂଖ୍ୟା ଗରିଷ୍ଠତା ମିଳିଛି । ଏବେ ଆପର ସମର୍ଥନ କଂଗ୍ରେସକୁ ସାମାନ୍ୟ ବଳ ଦେବ ବୋଲି କୁହାଯାଉଛି । ଗତ ନିର୍ବାଚନରେ କଂଗ୍ରେସ ୧୨ଟି ଆସନ ଜିତିଥିବା ବେଳେ ଏବେ ମାତ୍ର ୬ ଆସନରେ ସନ୍ତୁଷ୍ଟ ରହିଛି । ସେପଟେ ହରିୟାଣାରେ ବଡ଼ ପରାଜୟ ଭୋଗିଥିବା କଂଗ୍ରେସକୁ ଇଣ୍ଡି ମେଣ୍ଟରେ ବିଦ୍ରୋହର ସାମ୍ନା କରିବାକୁ ପଡ଼ିଛ । ହରିୟାଣା ନିର୍ବାଚନରେ ପୁଣି ଥରେ ଶାସନକୁ ଫେରିବା ନେଇ କଂଗ୍ରେସ ଏକ ପ୍ରକାର ନିଶ୍ଚିତ ଥିଲା । ଆଉ ଏଥିପାଇଁ ସେଠାରେ ଆପ୍ ସହ ମେଣ୍ଟ କରିବାକୁ ମନା କରିଦେଇଥିଲା ଦଳ । ଇଣ୍ଡି ମେଣ୍ଟର ଅନ୍ୟ ଦଳ ଏବେ କଂଗ୍ରେସର ପରାଜୟର କାରଣ ଖୋଜିବାରେ ଲାଗିପଡ଼ିଛନ୍ତି । ସେପଟେ ଇଣ୍ଡି ମେଣ୍ଟ ପରିବର୍ତ୍ତେ ଆପ୍ ଏନସିକୁ ସମର୍ଥନ ଦେବା ପରେ ଚର୍ଚ୍ଚା ଆହୁରି ବୃଦ୍ଧି ପାଇଛି । ଏହା ପୂର୍ବରୁ ଇଣ୍ଡି ମେଣ୍ଟର ଅନ୍ୟତମ ସହଯୋଗୀ ଦଳ ପଶ୍ଚିମବଙ୍ଗର ଟିଏମସି ମଧ କଂଗ୍ରେସକୁ ସାମଲୋଚନା କରିଥିଲା । ଆସନ ବୁଝାମଣା ନେଇ ଆଲୋଚନା ବେଳେ କଂଗ୍ରେସ 'ଅହଂ ଭାବ' ଦେଖାଉଛି ବୋଲି ଟିଏମସି ଅଭିଯୋଗ କରିଥିଲା । ସେହିଭଳି ଗତବର୍ଷ ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ପରାଜୟ ଲାଗି କଂଗ୍ରେସକୁ ସମାଲୋଚନା କରିଥିଲେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ।

## ଦାୟୀତ୍ୱରେ ଅବହେଳା ପାଇଁ ଡାକ ବିଭାଗକୁ ଜିଲ୍ଲା ଖାଉଟି ବିବାଦ ସମାଧାନ କମିଶନଙ୍କ ଜୋରିମାନା

**କେନ୍ଦ୍ରାପଡ଼ା,(ନି.ପ୍ର):** କେନ୍ଦ୍ରାପଡା ଜିଲ୍ଲା ଖାଉଟି ବିବାଦ ସମାଧାନ କମିଶନ ଦାୟୀତ୍ୱରେ ଅବହେଳା ଓ ସେବା ଯୋଗାଇବାରେ ବିଫଳତା ପାଇଁ ଡାକ ବିଭାଗକୁ ଜୋରିମାନାରେ ଦଣ୍ଡିତ କରିଛନ୍ତି । କମିଶନ ଠାକୁରପାଟଣା ଉପ-ଡାକଘରର ଉପ-ଡାକପାଳ, କେନ୍ଦ୍ରାପଡା ଡିଭିଜନର ଡାକ ଅଧୀକ୍ଷକ ଓ ପାଟକୁରା ଉପଡାକଘରର ଉପ-ଡାକପାଳଙ୍କୁ ୨ହଜାରଟଙ୍କା କ୍ଷତିପୁରଣ ସହ ଅଦାଲତରେ ମାମଲା ଖର୍ଚ୍ଚ ପାଇଁ ଏକ ହଜାର ଟଙ୍କା ଅଭିଯୋଗକାରୀ ପବିତ୍ର କୁମାର ପାଣିଙ୍କୁ ଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ଗ୍ରାମର ସ୍ୱର୍ଗତ କାହ୍ନୁଚରଣ ପାଣିଙ୍କ ପୁଅ ପବିତ୍ର କୁମାର ପାଣି ପାଟକୁରା ଉପ ଡାକଘରେ ଗତ ୨୬.୧୦.୨୦୨୩ରିଖରେ ଦୁଇଟି ଇଏମଓ ୧୮୦୬ଟଙ୍କା ଓ ୨୫ଟଙ୍କା କେନ୍ଦ୍ରାପଡା ମୃତ୍ତିକା ସଂରକ୍ଷଣ ବିଭାଗକୁ ସୂଚନା ଅଧିକାର ଆଇନରେ ତଥ୍ୟ ପାଇବା ପାଇଁ ପଠାଇଥିଲେ । କିନ୍ତୁ ସେହି ଇଏମଓ ଦୁଇଟି ଗତ ୨୧.୧୨.୨୦୨୩ରିଖରେ ବହୁ ବିଳମ୍ବରେ ଅର୍ଥାତ ପ୍ରାୟ ଦୁଇମାସ ପରେ ପେମେଣ୍ଟ କରାଯାଇଥିଲା । ଫଳରେ ଅଭିଯୋଗକାରୀ ମାନସିକ ଯନ୍ତ୍ରଣା ପାଇବା ସହ ନିର୍ଯ୍ୟାତିତ ହୋଇଥିଲେ । ଜିଲ୍ଲା ଖାଉଟି ବିବାଦ ସମାଧାନ କମିଶନ ଏହି ମାମଲାର ବିଚାର କରି ସମସ୍ତ ତଥ୍ୟ ଓ ପ୍ରମାଣକୁ ଭିତ୍ତି କରି ଡାକବିଭାଗର ଉପରୋକ୍ତ ଅଧିକାରୀମାନଙ୍କୁ ଅଭିଯୋଗକାରୀ ପଠାଇଥିବା ଇଏମଓ ଅର୍ଥ ୧୮୩୧ଟଙ୍କା ଫେରସ୍ତ କରିବା ସମେତ ୨ହଜାର ଟଙ୍କା କ୍ଷତିପୁରଣ ଓ ମାମଲାର ଖର୍ଚ୍ଚ ବାବଦକୁ ଏକ ହଜାର ଟଙ୍କା ନିର୍ଦ୍ଦେଶ ପାଇବାର ୪୫ଦିନ ମଧରେ ଅଭିଯୋଗକାରୀ ପବିତ୍ର କୁମାର ପାଣିଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବ୍ଲକସ୍ତରୀୟ ମନରେଗା ଜନ ଶୁଣାଣି କାର୍ଯ୍ୟକ୍ରମ

**ଖଣ୍ଡପଡା,(ନି.ପ୍ର):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦିନ ଭାପୁର ବ୍ଲକ କାର୍ଯ୍ୟାଳୟର ସଭା ଗୃହରେ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ମନରେଗା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ ଏବଂ ଅନ୍ୟାନ୍ୟ ବିଭାଗ ଦ୍ୱାରା ମନରେଗା ଯୋଜନା ଅଧୀନରେ କାର୍ଯକାରୀ ହୋଇଥିବା ପ୍ରକଳ୍ପ ସମୂହକୁ ନେଇ ବ୍ଲକର ୨୦ଟି ପଞ୍ଚାୟତରେ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଗତ ଜୁଲାଇ ମାସ ୧୦ ତାରିଖ ଠାରୁ ସେପ୍ଟେମ୍ବର ମାସ ୩ ତାରିଖ ପର୍ଯ୍ୟନ୍ତ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହି ସାମାଜିକ ସମୀକ୍ଷା ଗୁଡିକରୁ ପ୍ରାପ୍ତ ତଥ୍ୟ ଉପରେ ବ୍ଲକ ସ୍ତରୀୟ ଜନ ଶୁଣାଣୀ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । ବ୍ଲକ ସ୍ତରୀୟ ଜନ ଶୁଣାଣି




ଶିବିରରେ ଜିଲ୍ଲା ଡେପୁଟି କଲେକ୍ଟର ବୃନ୍ଦାବନ ପଟ୍ଟନାୟକ, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିୟାର ସିଂ, ଭାପୁର ବନପାଳ ବନମାଳି ରାଉତ, ଗୋଷ୍ଠୀ ଅତିରିକ୍ତ ଉଦ୍ୟାନ କୃଷି ଅଧିକାରିଣୀ ୟଶ୍ମିନ ଗୁଲନାଜ୍, ଗୋଷ୍ଠୀ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଅରୁଣ କୁମାର ଚିନେରା, ଜନ ପ୍ରତିନିଧି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଭାପୁର ବ୍ଲକରେ ମୋଟ ୧୨ କୋଟି ୧୧ ଲକ୍ଷ ୪୯ ହଜାର ଟଙ୍କା ମନରେଗାରେ କାର୍ଯ୍ୟ ହୋଇଥିବା ନେଇ ଗୋଷ୍ଠୀ ଅତିରିକ୍ତ କାର୍ଯକ୍ରମ ଅଧିକାରୀ ଶ୍ରୀ ଚିନେରାଙ୍କ ଠାରୁ ପ୍ରକାଶ ।

## ଓଡିଶା ଉଚ୍ଚ ନ୍ୟାୟାଳୟରେ ମାମଲା ଖାରଜ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମପଂଚାୟତରେ ଗୋଚର ଜମିରେ ନିର୍ମାଣ କରାଯାଇଥିବା ୨ଟି ପ୍ରକଳ୍ପକୁ ନେଇ ହୋଇଥିବା ମାମଲାକୁ ଓଡିଶା ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିବାର ଜଣାଯାଇଛି । ନିତକାଇ ଗ୍ରାମପଂଚାୟତ ମୁକୁନ୍ଦପୁର-୧ ଅଙ୍ଗନୱାଡ଼ି କେନ୍ଦ୍ର ଓ ଆୟୁଷମାନ ଆରୋଗ୍ୟ ମନ୍ଦିର ନୂତନ ଗୃହ ନିର୍ମାଣ ନିମନ୍ତେ ସରକାରୀ ଜମି ଯୋଗାଇ ଦେବା ପାଇଁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ଆଲିଏସନ ପ୍ରସ୍ତାବ ଦେବା ସହ ତହସିଲଦାର ନିଶ୍ଚିନ୍ତକୋଇଲିଙ୍କ ସ୍ୱୀକୃତି କ୍ରମେ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ଉକ୍ତ ଘଟଣାକୁ କେନ୍ଦ୍ର କରି ନତକାଇ ଗ୍ରାମପଂଚାୟତ ୱାର୍ଡ ସଭ୍ୟ ଭକ୍ତବନ୍ଧୁ ପଣ୍ଡା ସରକାରୀ ଗୋଚର ଜମିରେ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ପ୍ରଥମେ ସାଲେପୁର ସିଭିଲ ଜର୍ଜ ଜୁନିୟର ଡିଭିଜନ ଓ ପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ । ଦୀର୍ଘ ଦୁଇବର୍ଷ ଧରି ମାମଲା ଚାଲୁ ରହିଥିଲା । ଗତ ୨୧ ତାରିଖ ଦିନ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆବେଦନକାରୀ ଭକ୍ତବନ୍ଧୁ ପଣ୍ଡାଙ୍କ ଆବେଦନକୁ ଖାରଜ କରିବା ସହ ଉକ୍ତ ମାମଲାକୁ ଶେଷ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି । ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟର ଏଭଳି ନିଷ୍ପତିକୁ ସରପଂଚ ଜୟଦେବ ରାଉତ, ସମିତି ସଭ୍ୟା ସରସ୍ୱତୀ ରାଉତ ଏବଂ ଅଂଚଳବାସୀ ସ୍ୱାଗତ କରିଛନ୍ତି । ତେବେ ଏହି ୨ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଅଂଚଳବାସୀ ହୋଇପାରିବେ ବୋଲି ସରପଂଚ ପ୍ରକାଶ କରିଛନ୍ତି ।

## ଜିଲ୍ଲା ବୋଇତବନ୍ଦାଣ ସମିତି କେନ୍ଦ୍ରାପଡାର କାର୍ଯ୍ୟକାରୀ କମିଟି ବୈଠକ



**କେନ୍ଦ୍ରାପଡ଼ା,(ନି.ପ୍ର):** ଜିଲ୍ଲା ବୋଇତବନ୍ଦାଣ ସମିତି, କେନ୍ଦ୍ରାପଡାର କାର୍ଯ୍ୟକାରୀ କମିଟି ବୈଠକ ଶୁକ୍ରବାର ଗରାପୁରସ୍ଥିତ ହନୁମାନଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାୟି ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ସମ୍ପାଦକ ଉମାଶଙ୍କର ଜେନା ପୂର୍ବ ବୈଠକର ବିବରଣୀ ଉପସ୍ଥାପନା କରିଥିଲେ ଓ ଏହା ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା । ପୂର୍ବ ସଭାପତି ଚିନ୍ମୟ ପ୍ରସାଦ ବେହୁରାଙ୍କ ପ୍ରସ୍ତାବ ଓ ସଭାର ଅନୁମୋଦନ କ୍ରମେ ବିଗତ ବର୍ଷର କର୍ମକର୍ତ୍ତାଙ୍କୁ ଚଳିତ ବର୍ଷ ପାଇଁ ନିର୍ବାଚିତ କରାଯାଇଥିଲା । ନୂତନ ଭାବରେ ହିମାଂଶୁ ବେହେରା, ରୀତାଞ୍ଜଳି ଦାସ, ସନ୍ତୋଷ ସାହୁ, ପବିତ୍ର ସାମଲ, ପ୍ରଦିପ ଦାସ, ରଜନୀକାନ୍ତ ଦାସଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଗଲା । ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆସନ୍ତା ୨୭ତାରିଖ ରବିବାର ସ୍ଥାନୀୟ ତୁଳସୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯିବା ସହ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଚିତ୍ତରଞ୍ଜନ ଦାସ ଓ ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଅବନ୍ତୀ ବେହେରା, ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଦିପ ଦାସ, ରୀତାଞ୍ଜଳି ଦାସ, ମିନତୀପ୍ରଭା ସ୍ୱାଇଁଙ୍କୁ ନେଇ ଗଠନ କରାଗଲା । କାର୍ତ୍ତିକ ପୂର୍ଣ୍ଣମା ଦିନ ପ୍ରତ୍ୟୁଷରେ ଜଜାଙ୍ଗ ଆଦର୍ଶ ପୋଖରୀରେ ପ୍ରତିବର୍ଷ ଭଳି ବୋଇତବନ୍ଦାଣ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ସରୋଜ କୁମାର ସାହୁ ଓ ଲୋହିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜେନ୍ଦ୍ର ମହାପାତ୍ର, ମୀନକେତନ ସାମଲ, ରଜନିକାନ୍ତ ଦାସ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ହିମାଂଶୁ ବେହେରା, ମିନତୀ ମହାରଣା ଓ ଗାୟତ୍ରୀ ମହାନ୍ତିଙ୍କୁ ନେଇ ଏକ କମିଟି ଗଠନ କରାଗଲା । ବିଗତ ବର୍ଷମାନଙ୍କ ଭଳି ଡା. ସରୋଜକାନ୍ତ କାନୁନଗୋ, ଭାଗବତ ପ୍ରସାଦ ମହାନ୍ତି, ଇନ୍ଦ୍ରମଣୀ ରାଉତ, ଗୟାଚାନ୍ଦ ଭୂୟାଁ, ଡା. ଅଲେଖ ଚନ୍ଦ୍ର ଦାସ, ମୀନକେତନ ଦାସ, ଶରତ ପ୍ରସାଦ ସିଂ, ପୁଲିନ ବିହାରି ମହାନ୍ତି, ଚଞ୍ଚଳା ସାହୁ ପ୍ରମୁଖଙ୍କ ନାମରେ ନାମିତ ସ୍ମୃତିଫଳକ ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ବିଦ୍ୱାନ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଗଲା । ଏସମସ୍ତ କାର୍ଯ୍ୟକୁ ତଦାରଖ କରିବା ପାଇଁ ସଭାପତି ଚିନ୍ମୟ ବେହୁରା, ସମ୍ପାଦକ ଉମାଶଙ୍କର ଜେନା, ସଞ୍ଜୟ ରାଉତ, ରବୀନ୍ଦ୍ରନାଥ ରଥ, ଗୋଲଖ ପଢିଆରୀ ଓ ବୈଷ୍ଣବ ପ୍ରଧାନ ପ୍ରମୁଖଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରାଗଲା ।

## ସରସ୍ୱତୀ ଶିଶୁ ବିଦ୍ୟା ଭବନରେ ୨୮ ତମ ଜ୍ଞାନ ବିଜ୍ଞାନ ମେଳା

**ବେଲଗୁଣ୍ଠା,(ନି.ପ୍ର):** ବେଲଗୁଣ୍ଠା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଭବନରେ ୨୮ ତମ ଜ୍ଞାନ ବିଜ୍ଞାନ ମେଳା ମହାସମାରୋହରେ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଜ୍ଞାନ ବିଜ୍ଞାନ ମେଳାକୁ ସ୍ଥାନୀୟ ତହସିଲଦାର କଳାକୃଷ୍ଣ ପ୍ରଧାନ ଉଦ୍ ଘାଟନ କରିବା ସହିତ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପ୍ରାରମ୍ଭ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର ପ୍ରକଳ୍ପ ଆଣି ଅଂଶ ଗ୍ରହଣ କରିଥିଲେ । ଏହାକୁ ୫ ଟି ବିଭାଗରେ ବିଭକ୍ତ କରାଯାଇଥିଲା । ବିଚାରପତି ଭାବେ ଜୁନିଅର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ସାହୁ, ରଜତ କୁମାର ରାଉତ, ଜି.ଟି. ହାଇସ୍କୁଲ ସୁନାଖି ଦିଗାଲ, ଅକ୍ଷୟ କୁମାର ଦାସ, ଦୀପକ ଜେନା, ସତ୍ୟ ନାରାୟଣ ସିଅ ପ୍ରମୁଖ ଉପସ୍ଥିତ ରହି ୫ଟି ବିଭାଗର ପ୍ରକଳ୍ପ ଗୁଡ଼ିକ ମୂଲ୍ୟାୟନ କରିଥିଲେ । ମାଆ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ମାଆ ମାନେ ବିଭିନ୍ନ ପ୍ରକାରର ପିଠା,ମିଠା ଓ ବିଭିନ୍ନ ବର୍ଜ୍ୟ ବସ୍ତୁ ର ସଦୁପଯୋଗ ପାଇଁ ଉପକରଣ ପ୍ରସ୍ତୁତ କରି ଆଣିଥିଲେ । ପରେ ପୁରସ୍କାର ବିତରଣ ବୈଠକ ଅନୁଷ୍ଠିତ ହୋଇଥିଲା ।




ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଭି ଦେବୀ ପ୍ରସାଦ ପାତ୍ର, ଅବସର ପ୍ରାପ୍ତ ବନବିଭାଗ କର୍ମଚାରୀ ଶୂଳପାଣି ଶତପଥୀ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ରଥ, ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ , ବେଲଗୁଣ୍ଠା ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ କୁମାର ପାତ୍ର, ବିଦ୍ୟାଳୟ ର ସମ୍ପାଦକ ସୂର୍ଯ୍ୟ ନାରାୟଣ ପାତ୍ର, ଓଡ଼ିଶା ଟୁଡେ ନିଉସ୍ ସମ୍ପାଦକ ବବି ରଥ, ସାମ୍ବାଦିକ ଶିବରାମ ଚୌଧୁରୀ ଓ ନାରାୟଣ ପଣ୍ଡା ଅତିଥି ଭାବେ ମଞ୍ଚାସୀନ ଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଶିବରାମ ଗୁରୁଜୀ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁମା ତଥା ଆଶା, ମାମାଜିନୀ, ସୁମିତ୍ରା, ଅଲିଭା, ଅମ୍ବିକା, ଶୋଭା, ମିନି, ଗୁରୁଜୀ ପ୍ରମୋଦ, କୁମାରେଶ୍ୱର, ଗଣେଶ, ମୋନଜ ଆଦି ନିଜ ନିଜ ଦାୟିତ୍ୱ ସମ୍ପାଦନା କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଦଶହରା ପର୍ବ ପାଇଁ ତାଳଗୁଡ଼ ପୀଠ ଚଳଚଞ୍ଚଳ

**ଜୟପାଟଣା,(ନି.ପ୍ର):** ଶାରଦୀୟ ପାର୍ବଣ ଅବସରରେ ସାରା ରାଜ୍ୟ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ କଳାହାଣ୍ଡି ଜିଲ୍ଲା-ମହୁଲପାଟଣା ଜମିଦାରୀ ଅଞ୍ଚଳ,ଜୟପାଟଣା-ତାଳଗୁଡ଼ ପୀଠର ଅଧିଷ୍ଠାତ୍ରୀ ଦେବୀ ମାଁ ଡୋକରିଦେବୀଙ୍କ ଦଶହରା ପୂଜା ମହାଳୟା ତିଥିରୁ ଆରମ୍ଭ ହୋଇଯାଇଛି । ବର୍ଷ ତମାମ ଡୋକରିଦେବୀ ଛିନ୍ନମସ୍ତା ରୂପେ ପୂଜା ପାଇଁ ଆସୁଥିବାବେଳେ ଦଶହରା ପାର୍ବଣ ଅବସରରେ ମହାଳୟା ଠାରୁ ଅଷ୍ଟମୀ ତିଥି ପର୍ଯ୍ୟନ୍ତ ମସ୍ତକ ଲାଗି ସୁଶୋଭିତ ବେଶରେ ପୂଜା ପାଇ ଆସୁଥିବା ଦେଖାଯାଏ । ମାଁଙ୍କ ଦର୍ଶନ ନିମନ୍ତେ ଅଞ୍ଚଳର ଜନସାଧାରଣଙ୍କ ଠାରୁ ବାହାର ରାଜ୍ୟ ମାନଙ୍କରୁ ମଧ ବହୁ ସଂଖ୍ୟାରେ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡଲାଗି ରହିଥାଏ । ଗଡ଼ଜାତ ଅମଳରେ ବର୍ତ୍ତମାନର ରାମପୁର ବ୍ଲକ-ବଡ଼ଛତରଙ୍ଗ ଗ୍ରାମପଞ୍ଚାୟତ ର ତେତେଲପାଡ ଗ୍ରାମର ବାଉଁଶ ବଣରେ ଆବିର୍ଭାବ ହୋଇ ତତ୍କାଳୀନ ଜମିଦାରଙ୍କୁ ସ୍ୱପ୍ନାଦେଶ ହୋଇ ସ୍ୱପ୍ନାଦେଶ ଅନୁଯାଇ ତାଳଗୁଡ଼ ଭଳି ବଣ ଜଙ୍ଗଲ ଘେରା, ଛଞ୍ଚାଣଗାଡ଼, ଖରସ୍ରୋତା ଝରଣା ପାର୍ଶ୍ୱ ସ୍ଥାନରେ ସ୍ଥାପିତ ହୋଇ ପୂଜା ପାଇ ଆସୁଥିବା ବିଷୟ ଜନମୂଖରୁ ଶୁଣିବାକୁ ମିଳେ । ସେହି ସମୟରୁ ଅଦ୍ୟାବଧି ଜୟପାଟଣା ରାଜ ପରିବାର ପକ୍ଷରୁ ମାଁ ଡୋକରିଦେବୀଙ୍କ ଯାବତୀୟ ଖର୍ଚ୍ଚ ବହନ ଖର୍ଚ୍ଚ ଆସୁଛନ୍ତି । ତନ୍ତ୍ର ଶାସ୍ତ୍ରର ଦେବୀ ହେଲେହେଁ ମନ୍ତ୍ର ଶାସ୍ତ୍ର ମତେ ମଧ ଷୋହଳ ଉପଚାରରେ ପୂଜିତ ହୋଇ ଆସୁଥିବେ ଦେଖାଯାଏ । ଡୋକରିଦେବୀ ଯେତିକି ଉଗ୍ରରୂପୀ ହେଲେ ମଧ ସେତିକି ଦୟାମୟି, ମମତାମୟୀ ଓ ଅଭୟବରଦାୟିନୀ ଯୋଗୁ ସେ ସମସ୍ତଙ୍କ ହୃଦୟ ମଧରେ ପୂଜିତ । ତେଣୁ



ଶ୍ରଦ୍ଧାଳୁ ମଧ ମାଁଙ୍କ ନିକଟରେ ସଦା ସର୍ବଦା ଶରଣାପର୍ଣ୍ଣ । ଗଡଜାତ ଇତିହାସ ମତେ ବାନେର ଗ୍ରାମ ନିକଟସ୍ଥ ବୁଡ଼ିପଦରେନ ଠାକୁରାଣୀ, ଡୋକରିଠାକୁରାଣୀଙ୍କ ବଡଭଉଣୀ ବୋଲି ବିଦିତ ଥିବା ବେଳେ ତାଳଗୁଡ଼ ବୁଢାରଜା ଦେବ ଭାଇ ବୋଲି ଇତିହାସ କହେ । ତେଣୁ ଶାରଦୀୟ ପୂଜନ ଅବସରରେ ବଡ଼ଭଉଣୀ ଓ ବୁଢାରଜା ଦେବ ସ୍ୱତନ୍ତ୍ର ଭାବେ ବରଣ ହେଉଥିବାବେଳେ ଅଞ୍ଚଳର ଅନ୍ୟାନ୍ୟ ଦେବ ଦେବୀଙ୍କୁ ମଧ ବରଣ କରାଯାଇଥାଏ । ଏଣୁ ଅଷ୍ଟମୀ ପୂଜା ମହାବଳି ଅବସରରେ ଅଞ୍ଚଳର ସମସ୍ତ ଦେବ ଦେବୀଙ୍କ ପ୍ରତୀକ ଲାଠିଦେବ ମାନ ତାଳଗୁଡ଼ ଡୋକରିଙ୍କ ପୀଠରେ ଏକତ୍ରିତ ହୋଇ ପୂଜା ପାଇଥାନ୍ତି । ମହାଳୟା ଠାରୁ ସପ୍ତମୀ ପୂଜା ପର୍ଯ୍ୟନ୍ତ ଜନ ସମାଗମ ରହି ଆସୁଥିଲେ ହେଁ ଅଷ୍ଟମୀ ପୂଜନ ଅବସରରେ ତାଳଗୁଡ଼ ଡୋକରିପୀଠ ଜନ ସମୁଦ୍ର ହୋଇ ଉଠେ । ତତ୍ସହ ଅଷ୍ଟମୀ ତିଥିରେ ତାଳଗୁଡ଼ ପୀଠରେ ଉତ୍ତର ଦିଗରେ ଜେନା ଖାଇ ପାହାଡ଼ରେ ବିଳମ୍ବିତ ରାତ୍ରିରେ ଗୁପ୍ତ ପୂଜା ହୋଇ ଆସୁଥିବାବେଳେ ଏହା ମଧ ଡୋକରିଦେବୀଙ୍କ ଅଂଶ ବିଶେଷ ବୋଲି ଶୁଣାଯାଏ । ଜେନାଖାଇ ପୂଜା ପୂଜା, ମନ୍ଦିରର ବଡ ପୁଝାରୀଙ୍କ ସମେତ ସହ କର୍ମୀ ପୁଝାରୀ ମାନଙ୍କ ମଧ୍ୟରେ ସୀମିତ ରହେ । ଏହି ପରି ଭାବେ ରୀତିନୀତି ନିୟମାନୁଯାୟୀ ପ୍ରତ୍ୟେକ କାର୍ଯ୍ୟକ୍ରମ ନିଷ୍ପାର ସହ ହୋଇ ଆସୁଥିବା ଯୋଗୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଆସେ । ଦୂର ଦୂରାନ୍ତରୁ ଲୋକେ ଦର୍ଶନ, ମାନସିକ, ଶ୍ରଧାଭାବ ନେଇ ବହୁ ସଂଖ୍ୟାରେ ସମାଗମ ହେଉଥିବା ଏବଂ ନିକଟରେ କୋଣସି ହୋଟେଲ, ବଜାର, ଖାଦ୍ୟପେୟର ବ୍ୟବସ୍ଥାକୁ ନେଇ ଅଞ୍ଚଳର ଅନେକ ଯୁବଗୋଷ୍ଠି, ଧର୍ମ ପରାୟଣ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଅର୍ଣ୍ଣ ପ୍ରାସନ୍ନର ବ୍ୟବସ୍ଥା ହୋଇଆସୁଥିବା ଯୋଗୁ ବହୁ ମାତ୍ରାରେ ଖାଦ୍ୟପେୟର ଅସୁବିଧା ଦୂର ହୋଇ ଆସୁଛି । ଉଲ୍ଲେଖ ନିୟ ବିଷୟ ଏହି ଯେ ମନ୍ଦିରର ଚତୁର୍ପାଶ୍ୱ ବଣ ଜଙ୍ଗଲ ଘେରା ପାହାଡ ମାନଙ୍କର ପାଦ ଦେଶରେ ସ୍ଥାପିତ ମାଁଙ୍କ ପୀଠର ଅପରୂପ ଶୋଭା ଏବଂ ପୂର୍ବ ଦିଗରୁ ବହି ଆସୁଥିବା ପାର୍ବତୀୟ ଛଞ୍ଚାଣଗାଡ଼ ନାଲା ସଦା ସର୍ବଦା ଚିରସ୍ରୋତା ହୋଇ ଦର୍ଶକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ରଖିପାରୁଥିଲେ ହେଁ ବିଶ୍ରମାଗାର ପାନୀୟଜଳ ବିଜୁଳି ଭଳି ଅନେକ ଜନହିତକର ବ୍ୟବସ୍ଥା ନଥିବା ଯୋଗୁ ଜନ ସାଧାରଣଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ବହୁ ଦିନଧରି ଅପତୀ ଅଭିଯାଗ ହୋଇ ଆସିଥିବାବେଳେ ବିଳମ୍ବରେ ହେଲେ ମଧ ଛଞ୍ଚାଣଗାଡ଼ ନାଲା ଉପରେ ଏକ ପୋଲ ନିର୍ମାଣ ହେବା ଯୋଗୁ ଗମନାଗମନରେ ସୁବିଧା ଜନକ ହୋଇପାରିଥିଲେ ହେଁ ଅଦ୍ୟବାଦୀ ଅନେକ ସମସ୍ୟା ରହିଯାଇଛି । ମନ୍ଦିରର ପାରିପାଶ୍ୱିକ ଉନ୍ନତି କରଣ, ବିଶ୍ରାମସ୍ଥଳୀ, ବିଜୁଳି,ପାନୀୟ ଜଳ ର ସୁବ୍ୟବସ୍ଥା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ରାଜନେତା, ଜନପ୍ରତିନିଧି ମାନଙ୍କ ଠାରେ ଜଣାଇ ଆସୁଥିଲେ ହେଁ ସୁଫଳ ମିଳିପାରି ନାହିଁ । ଏଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ସରକାର, ତାଳଗୁଡ଼ ଡୋକରି ପୀଠ ପ୍ରତି ସୁଦୃଷ୍ଟି ଏବଂ ଜନସାଧାରନଙ୍କ ହିତ ଦୃଷ୍ଟିରୁ ତାଳଗୁଡ଼କୁ ଏବଂ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ଏବଂ ଆବଶ୍ୟକୀୟ ସୁପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇ ପଡିଛି ବୋଲି ଜନ ସାଧାରଣ ଦୃଷ୍ଟି ଆକର୍ଷଣ କରନ୍ତି ।

## ବଡଡୁମ୍ବୁଲା ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣିଲେ ବିଧାୟକ



**ଦିଗପହଣ୍ଡି,(ନି.ପ୍ର):** ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଧାୟକ ଡଃ. ସିଦ୍ଧାନ୍ତ ମହାପାତ୍ର ଶୁକ୍ରବାର ଦିନ ବ୍ଲକ ଅଧିନସ୍ଥ ବଡଡୁମ୍ବୁଲା ପଞ୍ଚାୟତ ବାସୀଙ୍କ ଅଭିଯୋଗ ଶୁଣିଥିବା ଜଣାପଡିଛି । ଭାରତୀୟ ଜନତା ପାର୍ଟି ପକ୍ଷରୁ ଗ୍ରାମର ଶକ୍ତିପୀଠ ମାଁ ସିଦ୍ଧ ବାଙ୍କେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଅଭିଯୋଗ ଶୁଣାଣୀ ଓ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସେହିପରି ଗତ ନିର୍ବାଚନରେ ବିଜେପି ବିଜୟର କର୍ଣ୍ଣଧାର ସାଜିଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ସହ ସଂଯୋଜକ କେ. ହରିବନ୍ଧୁ ରେଡ୍ଡୀ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜାନୀ, ସମିତି ସଭ୍ୟ ରମେଶ ଚନ୍ଦ୍ର ପାଢୀ, ଯୁବମୋର୍ଚ୍ଚା ଜିଲ୍ଲା ଉପ ସଭାପତି ବାପି ପ୍ରଧାନ, ନଗର ସଭାପତି ପ୍ରଶାନ୍ତ ପୂଜାରୀ, ମଣ୍ଡଳ ସଭାପତି ସିମାଞ୍ଚଳ ସାସମଲ, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ , ରବି ନାରାୟଣ ପାଢ଼ୀ, ପୂର୍ବତନ ସମବାୟ ସଂଘ ଜିଲ୍ଲା ସଭାପତି ସନାତନ ସଂଗ୍ରାମ ସିଂ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ଏହି ଅବସରରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ରହିଥିବା ମୁଖ୍ୟତଃ ପାନୀୟଜଳ, ଚାଷ ଜମିକୁ ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ବାସହୀନକୁ ଘର, ଭୂମିହୀନକୁ ପଟ୍ଟା, ରାସନ୍ କାର୍ଡ, ବିଭିନ୍ନ ଭତ୍ତା, କହ୍ନେଇନାଳ ଡ୍ୟାମରୁ କେନାଲ ଯୋଗେ ଆସୁଥିବା ପାଣି ଅପରିଷ୍କାର ରହୁଥିବା ହେତୁ ତାହାକୁ ଯଥାଶୀଘ୍ର ସଫାସୁତୁରା କରାଯିବା, ଗ୍ରାମକୁ ରାସ୍ତା ସଂଯୋଗୀକରଣ ପ୍ରମୁଖ ସମସ୍ୟାର ସମାଧାନ ତ୍ୱରାନ୍ୱିତ କାର୍ଯ୍ୟକାରୀ କରାଯିବ ବୋଲି ବିଧାୟକ ମତପୋଷଣ କରିଥିଲେ । ଏଥିସହ ନିଜ ବାଙ୍କେଶ୍ୱରୀ ପୀଠ ରାସ୍ତା ଓସାର, ପର୍ଯ୍ୟଟନୀ ସ୍ଥଳୀରେ ପରିଣତ, ଯାତ୍ରୀଙ୍କ ରହିବା ସକାଶେ ପାନ୍ଥନିବାସ କରିବା ସକାଶେ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବା ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

# ପାକିସ୍ତାନର ଲଜ୍ଜାଜନକ ପରାଜୟ

ମୁଲତାନ,୧୧।୧୦: ପୁଣି ଏକ ଲଜ୍ଜାଜନକ ପରାଜୟର ସମ୍ମୁଖୀନ ହୋଇଛି ପାକିସ୍ତାନ। ପାକିସ୍ତାନକୁ ନିଜ ମାଟିରେ ଇଂଲଣ୍ଡ ଠାରୁ ଗୋଟିଏ ଇନିଂସ ଓ ୪୭ ରନ୍‌ରେ ହାରିବାକୁ ପଡ଼ିଛି। ଇଂଲଣ୍ଡ ଆଗରେ ପାକିସ୍ତାନ ଏକପ୍ରକାରର ଆତ୍ମସମର୍ପଣ କରି ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛି।

ପାକିସ୍ତାନ ମୁଲତାନ ଟେଷ୍ଟର ପ୍ରଥମ ଇନିଂସ ୫୫୬ ରନ କରିଥିଲା। ତଥାପି ଦଳ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଠାରୁ ଇଂନିସ ପରାଜୟବରଣ କରିଛି। ୧୪୭ ବର୍ଷର ଟେଷ୍ଟ କ୍ରିକେଟରେ ଇତିହାସରେ କେବେ ହେଲେ ଏମିତି ଘଟଣା ଦେଖିବାକୁ ମିଳି ନଥିଲା।

କୌଣସି ଟିମ ୫୦୦ରୁ ଅଧିକ ରନ କରିବା ପରେ ଇନିଂସ ପରାଜୟ କେବେ ବରଣ କରି ନଥିଲା। ହେଲେ ପାକିସ୍ତାନ ଏହି ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛି।ଅଧିନାୟକ ଶାନ ମସୁଦଙ୍କ ୧୫୧, ଅବଦୁଲ୍ଲା ସୈଫିକ୍ୟୁଙ୍କ ୧୦୨ ଓ ଆଘା ସଲମାନଙ୍କ ଅପରାଜିତ ୧୦୪ ରନ ବଳରେ ପାକିସ୍ତାନ ତାର ପ୍ରଥମ ଇନିଂସରେ ୫୫୬ ରନ କରିଥିଲା।



ଦଳ ଦେଢ଼ ଦିନରୁ ଅଧିକ ସମୟ ବ୍ୟାଟିଂ ମଧ୍ୟ କରିଥିଲା ହେଲେ ବୋଲିଂରେ ପାକିସ୍ତାନ ଆଦୌ ପ୍ରଭାବ ଦେଖାଇ ପାରି ନଥିଲା।

ହ୍ୟାରୀ ବ୍ରୁକଙ୍କ ରେକର୍ଡ ୩୧୭ ଓ ଜୋ ରୁଟଙ୍କ ୨୬୨ ରନ ବଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୮୨୩ ରନ କରିବା ପରେ ୪ର୍ଥ ଦିନ ଶେଷ ହେବାର କିଛି ସମୟ ପୂର୍ବରୁ ପାଳି ଘୋଷଣା କରିଥିଲା। ଏହା ଟେଷ୍ଟ କ୍ରିକେଟର ୪ର୍ଥ ସର୍ବୋଚ୍ଚ ଦଳଗତ ସ୍କୋର ହୋଇଥିବା ବେଳେ ବ୍ରୁକ ଓ ରୁଟ ୪ର୍ଥ ୱିକେଟ ପାଇଁ ୪୫୪ ରନ ଯୋଡ଼ିଥିଲେ।

ଏହାପରେ ପାକିସ୍ତାନ ତାର ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଆଘା ସଲମାନ ୬୩ ଓ ଆମୀର ଜମାଲ ଅପରାଜିତ ୫୫ ରନ କରିଥିଲେ ହେଁ ପାକିସ୍ତାନ ୨୨୦ ରନରେ ଅଲଆଉଟ ହୋଇଯାଇଥିଲା।

ଏଥିସହ ଦୁଇଟି ଯାକ ଇନିଂସରେ ମିଳିତ ଭାବେ ଇଂଲଣ୍ଡର ୮୨୩ ରନ ଠାରୁ ୪୭ ରନ ପଛରେ ରହି ଯାଇଥିଲା। ଇଂଲଣ୍ଡ ଗୋଟିଏ ଇନିଂସ ଓ ୪୭ ରନରେ ମ୍ୟାଚ୍ ଜିତି ୩ ଟିକିଆ ଟେଷ୍ଟ ସିରିଜରେ ୧-୦ରେ ଆଗୁଆ ହୋଇଯାଇଛି।

ପାକିସ୍ତାନ ଏହାକୁ ମିଶାଇ କ୍ରମାଗତ ୬ଟି ଟେଷ୍ଟ ମ୍ୟାଚ୍ ହାରିଛି ସବୁ ମ୍ୟାଚ୍‌ରେ ଶାନ ମସୁଦ କ୍ୟାପ୍ଟେନ ରହିଛନ୍ତି। ପ୍ରଥମେ ପାକିସ୍ତାନ ୦-୩ରେ ଅଷ୍ଟ୍ରେଲିଆ ଠାରୁ ହାରିଥିଲା ଏହାପରେ ବାଂଲାଦେଶ ଠାରୁ ଘରୋଇ ପରିବେଶରେ ଅପ୍ରତ୍ୟାଶିତ ଭାବେ ୦-୨ରେ ପରାସ୍ତ ହୋଇଥିଲା ଏବେ ଇଂଲଣ୍ଡ ଠାରୁ ପାକିସ୍ତାନ ପରାସ୍ତ ହୋଇଛି।

ପାକିସ୍ତାନ ବିଶ୍ୱର ଏକ ମାତ୍ର ଟିମ ଯିଏ ୨୦୨୨ ଠାରୁ ଘରୋଇ ମାଟିରେ କୌଣସି ଟେଷ୍ଟ ମ୍ୟାଚ ଜିତି ପାରିନାହିଁ। ଦଳ ୨୦୨୨ରୁ ଇତି ମଧ୍ୟରେ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ବାଂଲାଦେଶ ଠାରୁ ଟେଷ୍ଟ ସିରିଜ ହାରିଥିଲା। ଏବେ ପୁଣି ଇଂଲଣ୍ଡ ବିପକ୍ଷ ୩ ଟିକିଆ ଟେଷ୍ଟ ସିରିଜରେ ୦-୧ରେ ପଛୁଆ ହୋଇଯାଇଛି। ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୫ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ଭଳି ଦ୍ୱିତୀୟ ଟେଷ୍ଟ ମଧ୍ୟ ମୁଲତାନରେ ଅନୁଷ୍ଠିତ ହେବ।

# ଘରୋଇ କ୍ରିକେଟରେ ୪ ବଡ଼ ନିୟମ ଲାଗୁ କଲା ବିସିସିଆଇ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଘରୋଇ କ୍ରିକେଟରେ ନୂଆ ନିୟମ ଲାଗୁ କରିଛି ବିସିସିଆଇ ସ୍ଥିରତା, ସ୍ୱଚ୍ଛତା ଓ ଅଖଣ୍ଡତାକୁ ବଜାୟୀ ରଖିବା ପାଇଁ ବିସିସିଆଇ ପକ୍ଷରୁ ୪ଟି ନୂଆ ନିୟମ ଲାଗୁ କରାଯାଇଛି। ଚଳିତ ରଣଜୀ ସିଜିନରୁ ହିଁ ଏହି ନିୟମ ଗୁଡ଼ିକ ଲାଗୁ ହେବ।

କ୍ରିକବଜ୍‌ରେ ଏନେଇ ରିପୋର୍ଟ ପ୍ରକାଶ ପାଇଛି। ଆଜି ଠାରୁ ରଣଜୀ ଟ୍ରଫିର ୨୦୨୪-୨୫ ସିଜିନ ଆରମ୍ଭ ହୋଇଛି। ସିଜିନ ଆରମ୍ଭ ହେବା ସହ ନୂଆ ନିୟମ ମଧ୍ୟ ଲାଗୁ କରାଯାଇଛି।




ବିସିସିଆଇ ଇନିଂସ ମଝିରେ ଖେଳାଳିମାନେ ହେଉଥିବା ରିଟାୟାର ହର୍ଟକୁ ନେଇ ନୂଆ ନିୟମ ଲାଗୁ କରିଛି। ନୂଆ ଗାଇଡଲାଇନରେ କୁହାଯାଇଛି ଯେ ଯଦି କୌଣସି ବ୍ୟାଟର ଆହତ, ଅସୁସ୍ଥତା କିମ୍ବା ଅଣଦେଖା ହୋଇପାରୁ ନଥିବା ପରିସ୍ଥିତି ବାଦ ରିଟାୟାର୍ସ ହୁଅନ୍ତି, ତାହେଲେ ସେ ସେହି ସ୍ଥାନରେ ହିଁ ଆଉଟ ଘୋଷିତ ହେବେ।

ଏହି ନିୟମ ବିସିସିଆଇ ଅଧୀନରେ ଖେଳା ଯାଉଥିବା ସବୁ ପ୍ରକାରର ଘରୋଇ କ୍ରିକେଟରେ ଲାଗୁ ହେବ। ନୂଆ ନିୟମର ଅର୍ଥ ବିରୋଧୀ ଦଳର ଅଧିନାୟକଙ୍କ ସହମତି ଥିଲେ ମଧ୍ୟ ବ୍ୟାଟର ପୁଣି ବ୍ୟାଟିଂ କରିବାକୁ ଆସିପାରିବେ ନାହିଁ। ଏହି ବିକଳ୍ପକୁ ବିସିସିଆଇ ନୂଆ ନିୟମ ଆଣି ବ୍ୟାନ କରିଛି।

ଯୋଜନାବଦ୍ଧ ରିଟାୟର୍ସ ଯୋଗୁ ଏହାର ପ୍ରଭାବ ମ୍ୟାଚ୍ ଉପରେ ପଡ଼ୁଥିଲା ତେଣୁ ମ୍ୟାଚ୍‌ର ସ୍ୱଚ୍ଛତା ପ୍ରଭାବିତ ହେଉଥିଲା।ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ଏପରି ନିଷ୍ପତ୍ତି ନେଇଛି।

ଏକାଧିକ ବ୍ୟାଟର ଟି-୨୦ ଫର୍ମାଟରେ ନିଜ ଇଚ୍ଛାରେ ରିଟାୟାର ହୋଇ ଚାଲି ଯାଉଥିଲେ। ସେମାନେ ଲୟରେ ନଥିଲେ, ଏପରି କରୁଥିଲେ। ନିକଟରେ ଆଇପିଏଲ ସୟମରେ ରବି ଅଶ୍ୱିନ ବଡ଼ ଶଟ ଖେଳିବାରେ ବିଫଳ ହେବାରୁ ରିଟାୟାର ହର୍ଟ ହୋଇ ପ୍ୟାଭିଲିୟନ ଫେରି ଯାଇଥିଲେ। ତାଙ୍କ ବଦଳରେ ଆଉ ଜଣେ ବ୍ୟାଟର ଆସିଥିଲେ ଏବେ ଆଉ ସେମିତି ହୋଇପାରିବ ନାହିଁ।

ଖେଳର ଅଖଣ୍ଡତା ବଜାୟୀ ରଖିବା ପାଇଁ ବିସିସିଆଇ ପୁଣିଥରେ ବଲ୍ ଟାମ୍ପରିଂ ବିରୋଧରେ କଡ଼ା ନିୟମ ଲାଗୁ କରିଛି। ମହାମାରୀ କରୋନା ବେଳେ ବଲ୍‌ରେ ଲାଳ ଲଗାଇବା ବ୍ୟାନ କରାଯାଇଥିଲା ଏହାକୁ ବିସିସିଆଇ ବଳବତ୍ତର ରଖିଛି। କେହି ବି ବଲରେ ସାଲେଇଭା ବା ଲାଳ ଲଗାଇ ପାରିବେ ନାହିଁ। ଯଦି କୌଣସି ଟିମ ବଲରେ ଲାଳ ଲଗାଉଥିବା ଜଣାପଡ଼ିବ, ତାହେଲେ ତୁରନ୍ତ ଏହାକୁ ବଦଳାଇ ଦିଆଯିବ ସେହିପରି ଲାଳ ଲଗାଇଥିବା ଟିମ ଉପରେ ଜୋରିମାନା ଲଗାଯିବ।

ରନ ମନା କରିବା ବେଳେ ହେଉଥିବା ବାଉଣ୍ଡରୀ ସ୍କୋରକୁ ନେଇ ବିସିସିଆଇ ସ୍ପଷ୍ଟ ନିୟମ ଲାଗୁ କରିଛି। ସଂଶୋଧିତ ନିୟମରେ କୁହାଯାଇଛି ଯେ କ୍ରିଜ୍ କ୍ରସ କରିବା ପରେ ଯଦି ଜଣେ ବ୍ୟାଟର ରନ ନେବାକୁ ମନା କରି ଦେଉଛନ୍ତି ଓ ଦୁଇ ବ୍ୟାଟର ପୁଣି ଥରେ ପରସ୍ପରକୁ କ୍ରସ କରିବା ପୂର୍ବରୁ ବଲ ଓଭର ଥ୍ରୋ ଯୋଗୁ ବାଉଣ୍ଡରୀ ପାର କରୁଛି, ତାହେଲେ କେବଳ ୪ ରନ ବାଉଣ୍ଡରୀ ଆକାରରେ ମିଳିବ ସମସ୍ତ ମ୍ୟାଚରେ ସ୍କୋରିଂରେ ସ୍ଥିରତା ଆଣିବା ପାଇଁ ବିସିସିଆଇ ଏପରି କରିଛି।

କର୍ଣ୍ଣେଲ ସିକେ ନାୟୁଡୁ ଟ୍ରଫିରେ ବଣ୍ଟା ଯାଉଥିବା ପଏଣ୍ଟ କ୍ଷେତ୍ରରେ ବଡ଼ ନିୟମ ଆଣିଛି ବିସିସିଆଇ ଏହି ନିୟମରେ ଦୁଇଟି ବ୍ୟବସ୍ଥା କରାଯାଇଛି।

୧- ଯଦି ଟିମ ଏ ୯୮ ଓଭରରେ ୩୯୮ ରନ କରି ପ୍ରଥମ ଇନିଂସ ଅଲଆଉଟ ହୋଇଯାଏ, ତାହେଲେ ସେମାନଙ୍କୁ ପ୍ରାଥମିକ ଭାବେ ୪ ପଏଣ୍ଟ ମିଳିବ। ଯଦି ଟିମ ଏ ଫିଲ୍ଡିଂ ବେଳେ ପେନାଲ୍ଟିରେ ୫ ରନ ପାଇବ, ତାହେଲେ। ସେମାନଙ୍କ ସ୍କୋର ୯୮ ଓଭରରେ ୪୦୩ ବିବେଚନା କରାଯିବ ଓ ସେମାନଙ୍କୁ ୫ ବ୍ୟାଟିଂ ପଏଣ୍ଟ ମିଳିବ। ୨- ଯଦି ଟିଏ ଏ ୧୦୦.୧ ଓଭରରେ ୩୯୮ ରନ କରି ଅଲଆଉଟ ହୋଇଯାଏ, ତାହେଲେ ସେମାନଙ୍କୁ ୪ ବ୍ୟାଟିଂ ପଏଣ୍ଟ ମିଳିବ ଏପରି ସ୍ଥିତିରେ ଯଦି ସେମାନଙ୍କୁ ଫିଲ୍ଡିଂ ବେଳେ ୫ ରନ ପେନାଲ୍ଟି ଆକାରରେ ମିଳିବ, ତାହେଲେ ୧୦୦.୧ ଓଭରରେ ସେମାନଙ୍କ ରନ ୪୦୩ ବୋଲି ବିବେଚନା କରାଯିବ କିନ୍ତୁ ସେମାନେ ଅତିରିକ୍ତ ୧ ପଏଣ୍ଟ ପାଇବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ।

# ଅମ୍ପାୟାର ଅଲୀମ ଦାର ହେଲେ ପାକ୍ ଟିମର ଚୟନକର୍ତ୍ତା

**ଇସଲାମାବାଦ,୧୧।୧୦:** ନିକଟରେ ଟେଷ୍ଟ ସହ ଅନ୍ତର୍ଜାତୀୟ କ୍ରିକେଟର ସବୁ ପ୍ରକାରର ଫର୍ମାଟର ଅମ୍ପାୟାରିଂରୁ ଅବସର ନେଇଥିବା ଅଲୀମ ଦାରଙ୍କୁ ନେଇ ଆସିଛି। ବଡ଼ ଖବର ପାକିସ୍ତାନ କ୍ରିକେଟ ବୋର୍ଡ ତାଙ୍କୁ ଦେଇଛି ଗୁରୁ ଦାୟିତ୍ୱ ପାକିସ୍ତାନ ଟିମର ଚୟନ ପାଇଁ ବୋର୍ଡ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ନେଇ ଗଠନ କରିଥିବା କମିଟିରେ ଦାର ସ୍ଥାନ ପାଇଛନ୍ତି ଅର୍ଥାତ ସେ ପାକିସ୍ତାନ ଜାତୀୟ ଟିମର ଚୟନରେ ଏବେ ଭାଗ ନେବେ।

ପାକିସ୍ତାନ ଆଜି ଲଜ୍ଜାଜନକ ଭାବେ ଇନିଂସ ଓ ୪୭ ରନରେ ଇଂଲଣ୍ଡ ଠାରୁ ମୁଲତାନରେ ହାରିବା ପରେ ଏପରି ଖବର ସାମ୍ନାକୁ ଆସିଛି। ପୂର୍ବରୁ ଘରୋଇ ମାଟିରେ ବାଂଲାଦେଶ ଠାରୁ ୦-୨ରେ ହାରିଥିବା ପାକିସ୍ତାନ। ଏବେ ଇଂଲଣ୍ଡ ବିପକ୍ଷରେ ନିଜର ପରାଜୟର ଧାରା ଜାରି ରଖିଛି।



ଏସବୁ ଭିତରେ ଅମ୍ପାୟାରିଂରୁ ଅବସର ନେଇଥିବା ଅଲୀମ ଦାରଙ୍କୁ ପିସିବି ଚୟନକର୍ତ୍ତା କମିଟିରେ ସାମିଲ କରିଛି। ତାଙ୍କ ବ୍ୟତୀତ ପୂର୍ବତନ ଟେଷ୍ଟ କ୍ରିକେଟର ଅକିବ ଜାଭେଦ ଓ ଆଝାର ଅଲୀଙ୍କ ସମେତ କ୍ରିକେଟ ସମୀକ୍ଷକ ହାସନ ଚୀମା ମଧ୍ୟ ଚୟନ କମିଟିରେ ଅଛନ୍ତି। ଦାର ବିଶ୍ୱର ପ୍ରଥମ ଅମ୍ପାୟାର ଯିଏ ଏପରି ପଦରେ ବୋର୍ଡ ପକ୍ଷରୁ ନିଯୁକ୍ତି ପାଇଛନ୍ତି।

ପୂର୍ବରୁ ପ୍ୟାନେଲରେ ପୂର୍ବତନ ଟେଷ୍ଟ ବ୍ୟାଟର ଅସାଦ ଶଫିକ୍ୟୁ ରହିଛନ୍ତି। ତେବେ କିଛି ଦିନ ପୂର୍ବରୁ ମହମ୍ମଦ ୟୁସୁଫ ଜାତୀୟ ଚୟକ କମିଟିରୁ ଇସ୍ତଫା ଦେଇଥିଲେ। ପିସିବିର କହିବା କଥା ପ୍ୟାନେଲରେ ରହୁଥିବା ସବୁ ସଦସ୍ୟଙ୍କର ଭୋଟିଂ ଅଧିକାର ରହିବ ସେମାନେ ମିଳିତ ଭାବେ ଖେଳାଳି ଚୟନ କରିବେ।

କିନ୍ତୁ ମୁଖ୍ୟ କୋଚ୍ ଗ୍ୟାରୀ କ୍ରିଷ୍ଟନ ଓ ଜାସନ ଗିଲେସିପ୍ ପୂର୍ବଭଳି କମିଟିରେ ଭୋଟିଂ ଅଧିକାର ପାଇବେ କି ନାହିଁ, ସେସମ୍ପର୍କରେ ପିସିବି କିଛି ବି କହିନାହିଁ।

ନିକଟରେ ଦାର ଅନ୍ତର୍ଜାତୀୟ ଅମ୍ପାୟାରିଂରୁ ଦାର ଅବସର ଘୋଷଣା କରିଥିଲେ। ୫୬ ବର୍ଷୀୟ ଦାର ୨୦ ବର୍ଷରୁ ଅଧିକ ସମୟ ଧରି ଅମ୍ପାୟାରିଂ କରି ଚାଲିଥିଲେ। ସେ ୪୪୮ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅମ୍ପାୟାରିଂ କରିଛନ୍ତି।

ଅନ୍ତର୍ଜାତୀୟ ଅମ୍ପାୟାରିଂରୁ ଅବସର ନେଇଥିଲେ ହେଁ ସେ ଏହି ପ୍ରଫେସନକୁ ପାକିସ୍ତାନର ୨୦୨୪-୨୫ ଘରୋଇ ସିଜିନ ପରେ ସଂପୂର୍ଣ୍ଣ ଭାବେ ବାଏବାଏ କହିବେ। ଏହାପୂର୍ବରୁ ତାଙ୍କୁ ସିଲେକ୍ସନ ପ୍ୟାନେଲରେ ସାମିଲ କରାଯାଇଛି।ଦାର ଆଇସିସି ଏଲିଟ ଓ ଅନ୍ତର୍ଜାତୀୟ ପ୍ୟାନେଲରେ ୨୦୦୩ରୁ ସଦସ୍ୟ ହୋଇ ରହିଥିଲେ। ସେ ୩ ଥର ଆଇସିସି ପକ୍ଷରୁ ଶ୍ରେଷ୍ଠ ଅମ୍ପାୟାରିଂ ପୁରସ୍କାର ମଧ୍ୟ ପାଇଛନ୍ତି। ତେବେ ଜଣେ ଅମ୍ପାୟାରଙ୍କୁ ଚୟନକର୍ତ୍ତା କମିଟିରେ ରଖିବା ସମସ୍ତଙ୍କୁ ଚକିତ କରିଛି। ପାକିସ୍ତାନ କ୍ରିକେଟ ବୋର୍ଡରୁ ସୋଶାଲ ମିଡିଆରେ ଅନେକ କଟାକ୍ଷ ମଧ୍ୟ କରିବାରେ ଲାଗିଛନ୍ତି।

## ଶାମିଙ୍କୁ ନେଇ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ିଲା

ନୂଆଦିଲ୍ଲୀ,୧୧।୧୦: ଦଳକୁ କେବେ ଫେରିବେ ମହମ୍ମଦ ଶାମି, ଏହା ଉପରେ କ୍ରିକେଟ ପ୍ରଶଂସକଙ୍କ ନଜର କାରଣ ଆସନ୍ତା ମାସ ଭାରତୀୟ ଟିମ୍ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ ସର୍ବପ୍ରଥମେ ଦଳ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ ଖେଳିବ। ଏହାପରେ ୫ ଟେଷ୍ଟ ମ୍ୟାଚ୍ ଲାଗି ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ୭ ମୁକାବିଲାରୁ ଦଳର ଡବ୍ଲ୍ୟୁଟିସି ଫାଇନାଲ ଟିକେଟ ପକ୍କା ହୋଇପାରେ। ଏସବୁ ମଧ୍ୟରେ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ାଇବା ଭଳି ଖବର ସାମ୍ନାକୁ ଆସିଛି। ଏକ ରିପୋର୍ଟ ମୁତାବକ ଶାମିଙ୍କୁ ରଣଜୀ ଟ୍ରଫି ପୂର୍ବରୁ ୨ ମ୍ୟାଚ ଲାଗି ପଶ୍ଚିମବଙ୍ଗ ଟିମ୍‌ରେ ଚୟନ କରାଯାଇଛି। ତେବେ ସେ ପ୍ରଥମ ମ୍ୟାଚରେ ଖେଳୁନାହାଁନ୍ତି। ସେ ଯଦି ଏହାକୁ ଖେଳିବେତେବେ ଦଳକୁ ଫେରିବାକୁ ସମୟ ଲାଗିପାରେ। ଶେଷ ଥର ଲାଗି ଶାମି ୨୦୨୩ ବିଶ୍ୱକପ୍ ଫାଇନାଲ ଖେଳିଥିଲେ।ଏହା ପରେ ପ୍ରାୟ ୧୧ ମାସ ଧରି ସେ କ୍ରିକେଟରୁ ଦୂରରେ ରହିଛନ୍ତି ସେ ଫେବୃୟାରୀରେ ନିଜର ଅସ୍ତ୍ରୋପଚାର କରାଇଥିଲେ। ଏବେ ସେ ବାଙ୍ଗାଲୋରର ନ୍ୟାଶନାଲ କ୍ରିକେଟ ଏକାଡେମୀରେ ହିଁବ କରୁଛନ୍ତିରଣଜୀ ଟ୍ରଫିରେ ସେ ଫେରିପାରନ୍ତି ବୋଲି ଆଶା କରାଯାଉଛି।

# ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଟିମ୍

ମୁମ୍ବାଇ,୧୧।୧୦: ରୋହିତ ଶର୍ମାଙ୍କ ନେତୃରେ ନ୍ୟୁଜିଲାଣ୍ଡ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି ୧୫ ଜଣିଆ। ଟିମରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରାଙ୍କୁ ଉପ-ଅଧିନାୟକ ଦାୟିତ୍ୱ ମିଳିଛି।



ତେବେ ନିକଟରେ ଶେଷ ହୋଇଥିବା ବାଂଲାଦେଶ ବିପକ୍ଷରେ କୌଣସି ଉପ-ଅଧିନାୟକ ଘୋଷଣା ହୋଇ ନ ଥିଲା। ବେଳେ ନ୍ୟୁଜିଲାଣ୍ଡ ବିପକ୍ଷ ଦଳରେ ବୁମ୍ରାଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି।ବ୍ୟକ୍ତିଗତ କାରଣରୁ ରୋହିତ ଶର୍ମା ଅଷ୍ଟ୍ରେଲିଆରେ ହେବାକୁ ଥିବା ବର୍ଡ଼ର-ଗାଭାସ୍କର ଟ୍ରଫିର ପ୍ରଥମ ଦୁଇ ମ୍ୟାଚ୍ ନ ଖେଳିବାର ଆଶଙ୍କା ଥିବାରୁ ଦଳରେ ନ୍ୟୁଜିଲାଣ୍ଡ ବିପକ୍ଷ ଦଳରେ ଉପ-ଅଧିନାୟକ ନିଯୁକ୍ତ କରାଯାଇଥିବା କୁହାଯାଉଛି।

ଭାରତୀୟ ଟିମ୍: ରୋହିତ ଶର୍ମା(ଅଧିନାୟକ), ଜସପ୍ରୀତ ବୁମ୍ରା (ଉପ-ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, ଶୁଭମାନ ଗିଲ, ବିରାଟ କୋହଲି, କେ.ଏଲ୍ ରାହୁଲ, ସର୍ଫରାଜ ଖାନ, ଋଷଭ ପନ୍ତ (ଉଇକେଟ ରକ୍ଷକ), ଧ୍ରୁଭ ଜୁରେଲ (ଉଇକେଟ ରକ୍ଷକ), ରବିଚନ୍ଦ୍ରନ ଅଶ୍ୱିନ୍, ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଳଦୀପ ଯାଦବ, ମହମ୍ମଦ ସିରାଜ, ଆକାଶ ଦୀପ।

# ବୋଲରଙ୍କୁ ଦୋଷ ଦେଲେ ପାକ୍ ଅଧିନାୟକ ମସୁଦ

ମୁଲତାନ,୧୧।୧୦: ପ୍ରଥମ ଇନିଂସରେ ୫୫୬ ରନ କରି ମଧ୍ୟ ଇଂଲଣ୍ଡ ଠାରୁ ମୁଲତାନ ଟେଷ୍ଟରେ ଇନିଂସ ପରାଜୟ ବରଣ କରିଥିବା ପାକିସ୍ତାନ ଏବେ ତୀବ୍ର ସମାଲୋଚନାର ଶିକାର ହେବାରେ ଲାଗିଛି। ଭଶାନ ମସୁଦଙ୍କ କ୍ୟାପ୍ଟେନ୍ସିରେ ପାକିସ୍ତାନ କ୍ରମାଗତ ୬ଟି ଟେଷ୍ଟ ହାରିବା ପରେ ତାଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି ପାକିସ୍ତାନର ସାଧାରଣ ନାଗରିକଙ୍କ ଠାରୁ ଆରମ୍ଭ କରି ସୋଶାଲ ମିଡିଆରେ ଦଳକୁ କଟାକ୍ଷ କରାଯାଉଛି।ଏପରି ସ୍ଥିତିରେ ବୋଲରଙ୍କ ମୁଣ୍ଡରେ ପରାଜୟର ଅଠା ବୋଳିଛନ୍ତି ପାକିସ୍ତାନ ଅଧିନାୟକ ଶାନ ମସୁଦ। ଇଂଲଣ୍ଡ ଠାରୁ ଇଂନିସ ଓ ୪୭ ରନ ହାରିବା ପରେ ମସୁଦ ପାକିସ୍ତାନର ବୋଲରଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ମ୍ୟାଚ୍‌ରେ କେମିତି ୨୦ଟି ୱିକେଟ ନେବାକୁ ପଡ଼ିବ, ସେକଥା ବୋଲରମାନେ ଶିଖିବା ଦରକାର ବୋଲି ସେ କହିଛନ୍ତି।



ମ୍ୟାଚ୍ ପରେ ମସୁଦ କହିଛନ୍ତି, ବୋଲରମାନେ ୫୫୦ରୁ ଅଧିକ ରନ ପରେ ୧୦ ୱିକେଟ ନେବାର ଥିଲା।ଆମେ ତୃତୀୟ ଇନିଂସ କିମ୍ବା ୪ର୍ଥ ଇନିଂସ କଥା କହିଥାଉ। କିନ୍ତୁ ସର୍ବୋପରି ଏହା ଏକ ଦଳୀୟ ଗେମ।ଗୋଟିଏ ଟିମ ହିସାବରେ ପ୍ରତିଟି ଜିନିଷର ଅନୁକୂଳ ଓ ପ୍ରତିକୂଳ ସ୍ଥିତି ରହିଛି। ଯେତେବେଳେ ଗୋଟିଏ ଟିମ ୫୫୦ରୁ ଅଧିକ ରନ କରୁଛି ସେତେବେଳେ ଏହାକୁ ରୋକିବା ପାଇଁ ୧୦ ୱିକେଟ ନେବାକୁ ପଡ଼େ। ତୃତୀୟ ଇନିଂସରେ ୨୨୦ ରନ କରିଥିଲୁ। ଏହା ମଧ୍ୟ ଏକ ଭଲ ସ୍କୋର ହୋଇପାରିବ। ହେଲେ ଏହାପୂର୍ବରୁ ଆପଣ କେତେ ରନ ଲିଡ ହାସଲ କରିଛନ୍ତି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଇଂଲଣ୍ଡ ୨୦ ୱିକେଟ ନେବାକୁ ସକ୍ଷମ ହୋଇଥିଲା। ଆମକୁ ମଧ୍ୟ ସେହି ବାଟ ବାହାର କରିବାକୁ ପଡ଼ିବ। ଆଗକୁ ଯିବା ବେଳେ ଏହା ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହେବ।ମସୁଦଙ୍କ କହିବା କଥା ମ୍ୟାଚ୍‌ର ରେଜଲ୍ଟ ଦ୍ୱାରା ସେମାନେ ଅନେକ ଆଘାତ ପାଇଛନ୍ତି। ପାକିସ୍ତାନ କ୍ରିକେଟ ଆଶା କରୁ ନଥିବା ରେଜଲ୍ଟ ମିଳିଛି।ଉତ୍ତରଦାୟିତ୍ୱଖସାଇ ଦେଉଥିବା ଖେଳାଳି ସେ ନୁହନ୍ତି ବୋଲି କହିଛନ୍ତି। ସେ କହିଛନ୍ତି, ଆମେ ସିରିଜ ମଝିରେ ରହିଛୁ। ଆମେ ସ୍କ୍ୱାଡର ମାନସିକତା ଓ ସ୍ଥିରତା ବିଷୟରେ କଥା ହେଉଛୁ। ପିଚ୍‌ର ସ୍ଥିତି ଯେଭଳି ଥାଉ ନା କାହିଁକି ଆମକୁ ବାଟ ବାହାର କରିବାକୁ ପଡ଼ିବ। ଇଂଲଣ୍ଡ ତାହା କରି ଦେଖାଇଛି।ବେଳେବେଳେ ନିଜକୁ ସୁହାଇଲା ଭଳି କିମ୍ବା ବିପରୀତ ସ୍ଥିତି ସୃଷ୍ଟି ହୋଇଥାଏ ଆମେ ଟେଷ୍ଟ କ୍ରିକେଟ ଖେଳିବାକୁ ଭଲ ପାଉଛୁ। ନିଶ୍ଚିତ ଭାବେ ରେଜଲ୍ଟ ଆମକୁ ମର୍ମାହତ କରିଛି ଗୋଟିଏ ଦେଶ ଭାବେ ପାକିସ୍ତାନକୁ ଏହା ଆଘାତ ଦେଇଛି ଆମେ ଏହାକୁ ବଦଳାଇବା ପାଇଁ ନିଶ୍ଚିତ ଚେଷ୍ଟା କରିବୁ।

# ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚ୍ ନ ଖେଳିପାରନ୍ତି ରୋହିତ

ନୂଆଦିଲ୍ଲୀ,୧୧।୧୦: ଅଷ୍ଟ୍ରେଲିଆ ବିପକ୍ଷ ଗୁରୁପୂର୍ଣ୍ଣ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ପାଇଁ ଆସିଛି। ଖରାପ ଖବର ବ୍ୟକ୍ତିଗତ କାରଣରୁ ଅଷ୍ଟ୍ରେଲିଆରେ ପ୍ରଥମ ଦୁଇଟି ଟେଷ୍ଟ ମ୍ୟାଚ୍ ରେ ଅଧିନାୟକ ରୋହିତ ଶର୍ମା ଖେଳି ନ ପାରନ୍ତି। ଭାରତୀୟ ଦଳ ଅଷ୍ଟ୍ରେଲିଆରେ ନଭେମ୍ବର ୨୨ ରୁ ପର୍ଥରେ କଠିନ ପାଞ୍ଚ ଟେଷ୍ଟ ସିରିଜ୍ ଆରମ୍ଭ ହେବ।



ରୋହିତ ଆଡିଲେଡ୍ (ଡିସେମ୍ବର ୬-୧୦) ରେ ପ୍ରଥମ କିମ୍ବା ଦ୍ୱିତୀୟ ମ୍ୟାଚ୍ ମିସ୍ କରିବାର ସମ୍ଭାବନା ଅଛି। ପରିସ୍ଥିତିକୁ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ।ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ରୋହିତ ବିସିସିଆଇକୁ ଜଣାଇଛନ୍ତି ଯେ, କିଛି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ କାରଣରୁ ତାଙ୍କୁ ପ୍ରଥମ ଦୁଇଟି ଟେଷ୍ଟ ମଧ୍ୟରୁ ଗୋଟିଏକୁ ଏଡ଼ାଇବାକୁ ପଡିପାରେ। ଯଦି, ସିରିଜ୍ ପୂର୍ବରୁ ବ୍ୟକ୍ତିଗତ ସମସ୍ୟାର ସମାଧାନ ହୋଇଯାଏ, ସେ ହୁଏତ ସମସ୍ତ ପାଞ୍ଚଟି ଟେଷ୍ଟ ଖେଳିପାରନ୍ତି। ତେବେ ଏସମ୍ପର୍କରେ ଆଗାମୀ ଦିନରେ ସ୍ପଷ୍ଟ ସୂଚନା ମିଳିପାରେ। ୩୭ ବର୍ଷୀୟ ରୋହିତ ବାଂଲାଦେଶ ବିପକ୍ଷରେ ଉଭୟ ଘରୋଇ ଟେଷ୍ଟ ଖେଳିଥିଲେ। ଅକ୍ଟୋବର ୧୬ ରୁ ଭାରତ ତିନି ଟେଷ୍ଟ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଖେଳିବ। ଯଦି ରୋହିତ ଅଷ୍ଟ୍ରେଲିଆରେ ଏକ ଟେଷ୍ଟ ମ୍ୟାଚ୍ ମିସ୍ କରନ୍ତି, ତେବେ ଇନ୍-ଫର୍ମ ଅଭିମନ୍ୟୁ ଇଶ୍ୱରନ ତାଙ୍କ ସ୍ଥାନରେ ଖେଳିବାର ସମ୍ଭାବନା ଅଛି ଯଦିଓ।ଶୁଭମାନ ଗିଲ ଏବଂ କେ.ଏଲ୍ ରାହୁଲ ମଧ୍ୟ ଓପନିଂ ସ୍ଲଟରେ ପର୍ଯ୍ୟାପ୍ତ ଅଭିଜ୍ଞତା ଥିବା ଖେଳାଳି ଅଟନ୍ତି। ଇଶ୍ୱରନ ଏହି ସମୟରେ ଇଣ୍ଡିଆ ଏ ଦଳ ସହିତ ଅଷ୍ଟ୍ରେଲିଆରେ ଗସ୍ତରେ ଥିବେ, ଯେଉଁ ଦଳର ସେ ନେତୃ ନେବେ ତେବେ ବାଂଲାଦେଶ ବିପକ୍ଷ ଘରୋଇ ସିରିଜରେ ରୋହିତଙ୍କ ପାଇଁ କୌଣସି ଅଫିସିଆଲ୍ ଡେପୁଟି ନ ଥିବାରୁ ଟେଷ୍ଟ ଦଳର ଉପ-ଅଧିନାୟକ କିଏ ହେବେ ସେନେଇ କୌଣସି ସ୍ପଷ୍ଟ ସଂକେତ ମିଳିପାରିନାହିଁ।


# ଭାରତ ବିପକ୍ଷରେ ଏଜାଜଙ୍କୁ ଅସ୍ତ୍ର କରିବ ନ୍ୟୁଜିଲାଣ୍ଡ



ନୂଆଦିଲ୍ଲୀ,୧୧।୧୦: ଆଜିକାଲି ଭାରତୀୟ ଦଳ ବାଂଲାଦେଶ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳୁଛି । ଏହି ସିରିଜ ପରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଘରୋଇ ମାଟିରେ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ, ଯାହା ଅକ୍ଟୋବର ୧୬ରୁ ଆରମ୍ଭ ହେବ। ଏହି ଟେଷ୍ଟ ସିରିଜ ପୂର୍ବରୁ ନ୍ୟୁଜିଲାଣ୍ଡ ଏକ ବଡ ପଦକ୍ଷେପ ନେଇଛି, ଯାହା ଟିମ ଇଣ୍ଡିଆ ପାଇଁ କଷ୍ଟସାଧ ହୋଇପାରେ। ନ୍ୟୁଜିଲାଣ୍ଡର ତାରକା ସ୍ପିନର ଏଜାଜ ପଟେଲ ମୁମ୍ବାଇରେ ଅଭ୍ୟାସ ଆରମ୍ଭ କରିସାରିଛନ୍ତି। ଭାରତ ଗସ୍ତ କରିବାକୁ ଆସୁଥିବା ନ୍ୟୁଜିଲାଣ୍ଡ ଦଳର ସେ ଏକ ଅଂଶ। ସେ ଭାରତୀୟ ପିଚ୍‌ରେ ଖାପ ଖୁଆଇବା ପାଇଁ ଆଗୁଆ। ଅଭ୍ୟାସ ଆରମ୍ଭ କରିଛନ୍ତି।ସେ ଭାରତୀୟ ଖେଳାଳିଙ୍କୁ ଅଡୁଆରେ ପକାଇ ପାରନ୍ତି। ନ୍ୟୁଜିଲାଣ୍ଡ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ଇଜାଜ ଭାରତର ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତାପିତା ବହୁ ବର୍ଷ ପୂର୍ବେ ନ୍ୟୁଜିଲାଣ୍ଡ ଯାଇଥିଲେ। ତାଙ୍କୁ ଜାଣିଥିବା କିଛି ଲୋକ ତଥାପି ମୁମ୍ବାଇରେ ରୁହନ୍ତି।ଏହି ପରିଚିତମାନଙ୍କୁ ଭେଟିବା ପାଇଁ ଏଜାଜ ମୁମ୍ବାଇ ଆସିଥିଲେ। ଏହି ସମୟ ମଧ୍ୟରେ ସେ ମୁମ୍ବାଇରେ ଅଭ୍ୟାସ କରିଥିଲେ। ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ, କି ଦଳ ଶୁକ୍ରବାର ଭାରତ ଅଭିମୁଖେ ଯାତ୍ରା କରିବେ। ଏଜାଜ ଗୁରୁବାର ମୁମ୍ବାଇରୁ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିବେ ଏବଂ ତାପରେ ସେଠାରେ କି ଦଳରେ ଯୋଗଦେବେ।

## କ୍ଷୀରରେ ଗାଧୋଇଲେ କୋଚ୍

ନୂଆଦିଲ୍ଲୀ,୧୧।୧୦: ଟିମ୍ ଇଣ୍ଡିଆର ଆସିଷ୍ଟାଣ୍ଟ କୋଚ୍ ଏବଂ ଅଧିନାୟକ ରୋହିତ ଶର୍ମାଙ୍କ ବନ୍ଧୁ ଅଭିଷେକ ନାୟର ଅକ୍ଟୋବର ୮ରେ ୪୧ତମ ଜନ୍ମଦିନ ପାଳନ କରିଥିଲେ।ବାଲାଂଦେଶ ବିପକ୍ଷରେ ଟି୨୦ ସିରିଜ ଖେଳୁଥିବା ଭାରତୀୟ ଟିମ୍‌ର ସମସ୍ତ ଖେଳାଳି। ଏହି ଖାସ୍ ଦିନକୁ ଜବରଦସ୍ତ ଢ଼ଙ୍ଗରେ ସେଲିବ୍ରେଟ୍ କରିଥିଲେ। ଡ୍ରେସିଂ ରୁମ୍‌ରେ ଖେଳାଳିମାନେ ତାଙ୍କ ସହ ମଜା କରିଥିଲେ। ବିଶେଷକରି ରିଙ୍କୁ ସିଂହ ଏବଂ ହର୍ଷିତ ରାଣା ଅଭିଷେକଙ୍କୁ କ୍ଷୀରରେ ଗାଧୋଇ ଦେଇଥିଲେ। ପରେ ରିଙ୍କୁ ଫଟୋ ପୋଷ୍ଟ କରି କୋଚ୍‌ଙ୍କୁ ବଧେଇ ଜଣାଇଥିଲେ। ତେବେ ଅଭିଷେକ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ। ହେଲେ ତାଙ୍କ କ୍ୟାରିୟର ଟିମ୍ ଇଣ୍ଡିଆ ଲାଗି ସେତେଟା ଭଲ ନ ଥିଲା। ହେଲେ କୋଚିଂରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଯାହା ଫଳରେ ଘରୋଇ କ୍ରିକେଟରଙ୍କ ସହ ଟିମ୍ ଇଣ୍ଡିଆ ଖେଳାଳି ତାଙ୍କୁ ବହୁତ ପସନ୍ଦ କରନ୍ତି।ଏଣୁ ଜନ୍ମଦିନ ଅବସରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ଅନେକ ଯୁବ ଘରୋଇ କ୍ରିକେଟର ତାଙ୍କୁ ସ୍ନେହରେ ଭାଇ ବୋଲି ଡାକି ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ରୋହିତ ୨୦୦୭ରେ ଦିନିକିଆ ଏବଂ ଟି୨୦ ଡେବ୍ୟୁ କରିଥିଲେ ୨୦୦୭ରେ ସେ ଟି୨୦ ବିଶ୍ୱକପ୍ ଜିତିଥିବା ଟିମ୍ ଇଣ୍ଡିଆର ଅଂଶ ଥିଲେ। ହେଲେ ରୋହିତ ନିଜର ପାରଦର୍ଶିତାକୁ ଦେଖାଇ ନ ପାରିବାରୁ ୨୦୧୧ ବିଶ୍ୱକପ୍‌ରେ ତାଙ୍କୁ ସାମିଲ କରାଯାଇ ନ ଥିଲା।ଫଳରେ ସେ ନିରାଶ ହୋଇଥିଲେ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ